ବର୍ଷ-୨୬, ସଂଖ୍ୟା-୧୫
ଭୁବନେଶ୍ୱର
୧୫, ଜାନୁଆରୀ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 15
Bhubaneswar
15, January, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ରାହୁଲଙ୍କ ଶତକ ବୃଥା






## ବୈତରଣୀରେ ମୁଖ୍ୟମନ୍ତ୍ରୀଙ୍କ ମକର ବୁଡ଼

ଭୁବନେଶ୍ୱର, ୧୪।୧ (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଦେଇ ବହିଯାଉଥିବା ଆଦିଗଙ୍ଗା ତଥା ପୁଣ୍ୟତୋୟା ବୈତରଣୀ ନଦୀରେ ମକର ବୁଡ଼ ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରିବା ସହ ରାଜ୍ୟ ବାସୀଙ୍କ ମଙ୍ଗଳ କାମନା କରିଛନ୍ତି।

ଦୁଇଦିନିଆ କେନ୍ଦୁଝର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଆଜି କେନ୍ଦୁଝରରୁ ପାଟଣା ଅଭିମୁଖେ ଯାଇଥିଲେ। ବୈତରଣୀ ରାଜନଗର ରଘୁନାଥ ଜୀଉ ମଠ ଶବ୍ୟା କାବେରୀ ଘାଟରେ ପତ୍ନୀ ଙ୍କ ସହ ବୁଡ଼ ପକାଇବା ପରେ ଶ୍ରୀ ଜୀଉଙ୍କୁ ଦର୍ଶନ କରି ଜଳଲାଗି କରିଥିଲେ। ଏହି ମକରସଂକ୍ରାନ୍ତି ଅବସରରେ ଜନସାଧାରଣ ଓ ଶ୍ରଦ୍ଧାଳୁଙ୍କୁ ମକର ଶୁଭେଚ୍ଛା ଜଣାଇଥିଲେ ମୁଖ୍ୟମନ୍ତ୍ରୀ। ନିଜ ବିବୃତିରେ ଶ୍ରୀ ମାଝି ମକର ସଂକ୍ରାନ୍ତି ଭଳି ପବିତ୍ର ଦିନରେ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇ ରାଜ୍ୟ ବାସୀଙ୍କ ସୁଖ, ସମୃଦ୍ଧି ଓ ରାଜ୍ୟର ଉନ୍ନତି ପାଇଁ ପ୍ରାଥନା କରିଥିବା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ତାଙ୍କର ଦୁଇବନ୍ଧୁ ମଧ୍ୟ ମକର ବୁଡ଼ ପକାଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ଚରଣ ନାଏକ, ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ବିଧାୟକଙ୍କ ପ୍ରତିନିଧି କମଳା କାନ୍ତ ଦାଶ, ଅନୁବ୍ରତ ବେହେରା କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଏସପି ନୀତିନ କୁଶାଲକର ତାଗୁଡ୍ର, ଡିଆଇଜି ବ୍ରିଜେଶ ରାୟ, ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଡିଏଫଓ ଏଚଡ଼ି ଧନ ରାଜ, ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ବିଡ଼ିଓ ମାନସ ରଞ୍ଜନ ଦଣ୍ଡପାଟ, ଅଗ୍ନିଶମ ଅଧିକାରୀ ଗୌର ହେମରମ ପ୍ରମୁଖ ଉପସ୍ଥିତ ଥିଲେ।

## ଥାଇଲାଣ୍ଡରେ ଟ୍ରେନ ଦୁର୍ଘଟଣା, ୨୨ ମୃତ

ବ୍ୟାଙ୍କକ, ୧୪।୧ (ମହାଭରତ): ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ଅତି କମରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି। ପୋଲିସ କହିଛି ଯେ ଏହି ଦୁର୍ଘଟଣାରେ ୩୦ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ବ୍ୟାଙ୍କକରୁ ଉତ୍ତର-ପୂର୍ବ ଥାଇଲାଣ୍ଡକୁ ଯାତ୍ରା କରୁଥିବା ଏକ ଟ୍ରେନ୍ ଏକ ନିର୍ମାଣାଧୀନ କ୍ରେନ୍ ଟ୍ରେନ ବଗି ଉପରେ ଖସି ପଡ଼ିବାରୁ ଲାଇନଚ୍ୟୁତ ହୋଇଥିଲା। ନାଖୋନ୍ ରାଚ୍ାସିମା ପ୍ରଦେଶର ସ୍ଥାନୀୟ ପୋଲିସ ମୁଖ୍ୟ



ଥାଚ୍ାପୋନ୍ ଚ୍ିନାଓ୍ୱିଙ୍ଗ କହିଛନ୍ତି, ୨୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୦ରୁ ଅଧିକ ଆହତ ହୋଇଛନ୍ତି। ବ୍ୟାଙ୍କକରୁ ୨୩୦ କିଲୋମିଟର ଉତ୍ତର-ପୂର୍ବରେ ଅବସ୍ଥିତ ନାଖୋନ୍ ରାଚ୍ାସିମା ପ୍ରଦେଶର ଶିଖିଓ ଜିଲ୍ଲାରେ ବୁଧବାର ସକାଳେ ଏହି ଦୁର୍ଘଟଣା ଘଟିଛି। ଟ୍ରେନ୍‌ଟି ଉବୋନ୍ ରାଚ୍ାଥାନି ପ୍ରଦେଶକୁ ଯାଉଥିଲା। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏକ ହାଇ-ସ୍ପିଡ୍ ରେଳ ପ୍ରକଳ୍ପରେ କାମ କରୁଥିବା କ୍ରେନ୍ ଖସି ପଡ଼ି ଏକ ଅତିକ୍ରମ କରୁଥିବା ଟ୍ରେନ୍ ସହିତ ଧକ୍କା ହୋଇଥିଲା। ଫଳରେ ଏହା ଲାଇନଚ୍ୟୁତ ହୋଇ କିଛି ସମୟ ପାଇଁ ନିଆଁ ଲାଗିଯାଇଥିଲା। ପୋଲିସ କହିଛି, ନିଆଁ ଲିଭାଇ ଦିଆଯାଇଛି ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଭାରତୀୟଙ୍କୁ ଇରାନ ଛାଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୫।୧ (ମହାଭାରତ): ଇରାନରେ ଲାଗି ରହିଥିବା ରାଜନୈତିକ ଅସ୍ଥିରତାକୁ ଦେଖି ଭାରତୀୟ ନାଗରିକଙ୍କୁ ତୁରନ୍ତ ଇରାନ ଛାଡ଼ିବାକୁ ଭାରତ ନିର୍ଦ୍ଦେଶନାମା ଜାରି କରିଛି । ତେହରାନ ସ୍ଥିତ ଭାରତୀୟ ଦୂତାବାସ ତାର ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଇରାନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେଠାରେ ରହୁଥିବା ସମସ୍ତ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଏହା ଜାରି ହୋଇଛି । ଦୂତାବାସ ପକ୍ଷରୁ ସୂଚ଼ିତ କରାଯାଇଛି ଯେ ଗତ ଜାନୁଆରୀ ୫ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ଇରାନରେ ଲଗାତର ଭାବେ ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକଙ୍କୁ ବାଣିଜ୍ୟିକ ବିମାନ ହେଉ କିମ୍ବା ଅନ୍ୟ ପରିବହନ ବ୍ୟବସ୍ଥାରେ ମାଧ୍ୟମରେ ତୁରନ୍ତ ଇରାନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି । ସମସ୍ତ ଭାରତୀୟ ନାଗରିକ

## ହେଲ୍‌ପଲାଇନ ନମ୍ବର ଜାରି

ଏବଂ ପିଆଇଓମାନେ ସତର୍କତା ଅବଲମ୍ବନ କରିବା ଉଚ଼ିତ । ପ୍ରତିବାଦ କିମ୍ବା ପ୍ରଦର୍ଶନ କ୍ଷେତ୍ରକୁ ଏଡାଇବାକୁ ପରାମର୍ଶ ଦିଆଯାଇଛି । ଇରାନରେ ଭାରତୀୟ ଦୂତାବାସ ସହିତ ଯୋଗାଯୋଗରେ ରହିବା ସହ ଯେକୌଣସି ଘଟଣା ପାଇଁ ସ୍ଥାନୀୟ ଗଣମାଧ୍ୟମ ଉପରେ ନଜର ରଖିବାକୁ ମଧ୍ୟ କୁହାଯାଇଛି ।

ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ସେମାନଙ୍କର ଯାତ୍ରା ଏବଂ ପ୍ରବାସନ ଡକ୍ୟୁମେଣ୍ଟ, ପାସପୋର୍ଟ ଏବଂ ପରିଚ଼ୟପତ୍ର ସମେତ ସମସ୍ତ କାଗଜପତ୍ର ନିଜ ସାଥିରେ ରଖନ୍ତୁ। ଏହି ସମ୍ବନ୍ଧରେ ଯେକୌଣସି ସହାୟତା ପାଇଁ ସେମାନଙ୍କୁ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ ଭାରତୀୟ ଦୂତାବାସର ଜରୁରୀକାଳୀନ ସହାୟତା ଯୋଗାଯୋଗ ନମ୍ବର ମଧ୍ୟ ଜାରି କରାଯାଇଛି । ସେହି ନମ୍ବରଗୁଡ଼ିକ ହେଲା- +୯୮୯୧୨୮୧୦୯୧୧୫, +୯୮୯୧୨୮୧୦୯୧୦୯, +୯୮୯୧୨୮୧୦୯୧୦୨ ଏବଂ +୯୮୯୯୩୨୧୭୯୩୫୯ ।

## ଲୋକଙ୍କ ଉପରେ ଦମନଲୀଳା

ନୂଆଦିଲ୍ଲୀ, ୧୪।୧ (ମହାଭରତ): ଇରାନରେ ଜାରି ରହିଥିବା ସରକାର ବିରୋଧୀ ବିକ୍ଷୋଭ ଭୟଙ୍କର ହେବାରେ ଲାଗିଛି। ଏହି ବିକ୍ଷୋଭରେ ସାମିଲ ହୋଇଥିବା ପ୍ରାୟ ଅଢେଇ ହଜାର ଲୋକେ ମୃତ୍ୟୁ ବରଣ କଲେଣି। ଏହାରି ମଧ୍ୟରେ ଆନ୍‌ଦୋଳନରେ ସାମିଲ ହେବା ଅପରାଧରେ ଜଣେ ୨୬ ବର୍ଷୀୟ ଯୁବକଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଯାଇଛି।



ବୁଧବାର ଭୋର ସମୟରେ ଇରଫାନ ସୋଲତାନିଙ୍କୁ ଫାଶୀ ଦିଆଯାଇଛି। ଗିରଫ ହେବାର ମାତ୍ର ଏକ ସପ୍ତାହ ମଧ୍ୟରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଘଟଣା ବିଶ୍ୱବ୍ୟାପୀ ଚ଼ାଞ୍ଚଲ୍ୟ ସୃଷ୍ଟି କରିଛି। ଇରଫାନ ସୋଲତାନିଙ୍କୁ ଜାନୁଆରୀ ୮ ତାରିଖରେ କରଜ ଅଞ୍ଚଳରୁ ଗିରଫ କରାଯାଇଥିଲା। ଗିରଫର ମାତ୍ର ୩ ଦିନ ପରେ ତାଙ୍କ ପରିବାରକୁ ଜଣାଇ ଦିଆଯାଇଥିଲା ଯେ, ତାଙ୍କୁ ମୃତ୍ୟୁଦଣ୍ଡ ମିଳିଛି ଏବଂ ଜାନୁଆରୀ ୧୪ରେ ଏହା କାର୍ଯ୍ୟକାରୀ ହେବ। ପ୍ରଶାସନ ଇରଫାନଙ୍କ ପରିବାରକୁ ଶେଷ ଦେଖା ପାଇଁ ମାତ୍ର ୧୦ ମିନିଟର ସମୟ ଦେଇଥିଲେ। ପରିବାର ଲୋକଙ୍କୁ ଚେତାବନୀ ଦିଆଯାଇଛି ଯେ, ଯଦି ସେମାନେ ଏ ବିଷୟରେ କାହାକୁ ଜଣାନ୍ତି, ତେବେ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ଗିରଫ କରାଯିବ। ଇରଫାନଙ୍କ ଉପରେ 'ମୋହରେବେ' ବା 'ଈଶ୍ୱରଙ୍କ ବିରୋଧରେ ଶତ୍ରୁତା' କରିଥିବା ଅଭିଯୋଗ ଲଗାଯାଇଛି। ମାନବାଧିକାର କର୍ମୀଙ୍କ ଅନୁଯାୟୀ, ଇରଫାନଙ୍କୁ କୌଣସି ଓକିଲ କିମ୍ବା ପରିପକ୍ୱ ନ୍ୟାୟିକ ପ୍ରକ୍ରିୟାର ସୁଯୋଗ ଦିଆଯାଇ ନାହିଁ।ଇରାନରେ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ସଂକଟକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍‌ଦୋଳନ ଏବେ ସରକାର ବିରୋଧୀ ଆନ୍‌ଦୋଳନରେ ପରିଣତ ହୋଇଛି। ଗତ ୨୦ ଦିନ ମଧ୍ୟରେ ପାଖାପାଖି ୨,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି।

# ଶିମିଳିପାଳରେ ବଢ଼ିଲା କୁମ୍ଭୀର ସଂଖ୍ୟା



ଭୁବନେଶ୍ୱର, ୧୪।୧ (ମହାଭରତ): ବିଗତ କିଛି ଦିନ ହେବ ବିଭିନ୍ନ ଜାତୀୟ ଉଦ୍ୟାନରେ କୁମ୍ଭୀର ଗଣନା ଚ଼ାଲିଛି। ଭିତରକନିକାରେ ମଧ୍ୟ କୁମ୍ଭୀର ଗଣତି ସାରିଛି। ଏପରିକି ଶିମିଳିପାଳରେ କୁମ୍ଭୀର ଗଣନା ବେଳେ କୁମ୍ଭୀର ସଂଖ୍ୟା ବଢିଛି। ଗତବର୍ଷ ତୁଳନାରେ ୩ଟି ବଢିଛନ୍ତି। ବର୍ତ୍ତମାନ ମୋଟ ୮୪କୁ ବୃଦ୍ଧି ପାଇଛି କୁମ୍ଭୀରଙ୍କ ସଂଖ୍ୟା। ତେବେ ସର୍ବାଧିକ ୬୦ କୁମ୍ଭୀର ପଶ୍ଚିମ ଦେଓ ନଦୀରେ ଅଛନ୍ତି ବୋଲି ବନ ବିଭାଗ ପକ୍ଷରୁ ସୂଚ଼ନା ମିଳିଛି।

ଜାନୁଆରୀ ୬ରୁ ୮ତାରିଖ ପର୍ଯ୍ୟନ୍ତ ତିନି ଦିନିଆ କୁମ୍ଭୀର ଗଣନା ହୋଇଥିଲା। ଉତ୍ତର ଓ ଦକ୍ଷିଣ ଶିମିଳିପାଳର ମୋଟ ୧୬ଟି ରେଞ୍ଜରେ ଗଣନା ହୋଇଥିଲା। ପ୍ରତି ରେଞ୍ଜରେ କୁମ୍ଭୀର ଗଣନା ପାଇଁ ରେଞ୍ଜର, ଫରେଷ୍ଟର ଓ କର୍ମଚ଼ାରୀଙ୍କୁ ନେଇ ୩୦ଟି ଟିମରେ ୧୦୦ରୁ ଉର୍ଦ୍ଧ୍ୱ କର୍ମଚ଼ାରୀ ନିୟୋଜିତ ହୋଇଥିଲେ। ଶିମିଳିପାଳ ଓ ଆଖପାଖ ଅଞ୍ଚଳରେ ଅଧିକ ଗୋମୁହାଁ ବା ମଗର ପ୍ରଜାତିର କୁମ୍ଭୀର ଦେଖାଯାଇଥାନ୍ତି। ତେଣୁ ବିଗତ ୩ ଦିନ ମଧ୍ୟରେ ସମସ୍ତ କୁମ୍ଭୀରଙ୍କର ଗଣନା କାର୍ଯ୍ୟ ସମାପନ ହୋଇଥିଲା।

ତେବେ ଏହି ଗଣନାରେ ଶିମିଳିପାଳ ଦକ୍ଷିଣ ବନଖଣ୍ଡରେ ୭୮ଟି କୁମ୍ଭୀର ଥିବା ବେଳେ ଉତ୍ତର ବନଖଣ୍ଡରେ ଗୋଟିଏ ଏବଂ ରାମତୀର୍ଥରେ ୫ଟି କୁମ୍ଭୀର ରହିଛନ୍ତି। ଏହାସହିତ ପଶ୍ଚିମ ଦେଓ ନଦୀରେ ସର୍ବାଧିକ ୬୦ଟି କୁମ୍ଭୀର ରହିଛନ୍ତି। ଏହାସହିତ ବଢିଥିବା କୁମ୍ଭୀରଙ୍କ ସୁରକ୍ଷା ପାଇଁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ନେଇ ଶିମିଳିପାଳ ବ୍ୟାଘ୍ରସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚ଼ନା ଦେଇଛନ୍ତି।

## ବାଣ ଫୁଟି ୪ ଗୁରୁତର

ରାୟଗଡ଼ା୧୪।୧ (ମହାଭରତ): ରାୟଗଡ଼ା ୟେଦୁ ସାହିରେ ବାଣ ବିସ୍ଫୋରଣରେ ୪ ଜଣ ଗୁରୁତର ହୋଇଛନ୍ତି। ମକର ସଂକ୍ରାନ୍ତି ପାଇଁ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଗତକାଲି ରାତିରେ ଭୋଗି ଉତ୍ସବ ପାଳନ ବେଳେ ନିଆଁରେ ବାଣ ପକାଇବାରୁ ବିସ୍ଫୋରଣ ହୋଇଥିବା ଜଣାପଡିଛି। ଏଥିରେ ବି.ବରନି, ଭି. ଯୋଗୀ, କିଶୋର ଦୋରା ଓ ବାବଲି ରେଡ୍ଡୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚ଼ିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚ଼ିକିତ୍ସା ପରେ ସମସ୍ତ ଗୁରୁତରଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ତେଲୁଗୁ ସମ୍ପ୍ରଦାୟର ମୁଖ୍ୟ ପର୍ବ ମକର ସଂକ୍ରାନ୍ତି । ଏହାର ପୂର୍ବ ଦିନ ପାଳନ କରାଯାଏ ଭୋଗି। ବିଳମ୍ବିତ ରାତିରେ କାଠରେ ନିଆଁ ଲଗାଇ ଭୋଗି ପାଳନ କରାଯାଏ।

## କଟକରୁ ଶିଶୁ କନ୍ୟା ଉଦ୍ଧାର

ଭଣ୍ଡାରିପୋଖରୀ ୧୪।୧ (ମହାଭରତ): ବିକ୍ରି ହୋଇଥିବା ଶିଶୁକନ୍ୟାକୁ କଟକରୁ ଉଦ୍ଧାର କଲା ଭଣ୍ଡାରିପୋଖରୀ ଥାନା ପୁଲିସ। ଗତକାଲି ଏ ନେଇ ଭଣ୍ଡାରିପୋଖରୀ ଥାନା ବୟାବନାପୁର ଗାଁର ୫୫ ବର୍ଷୀୟା ସାବିତ୍ରୀ ଦାସ ତାଙ୍କ ନାତୁଣୀ (୧ମାସ)ର ଉଦ୍ଧାର ପାଇଁ ପୁଲିସର ହସ୍ତକ୍ଷେପ ଲୋଡ଼ିଥିଲେ। ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ସିପୁ ଓ ବୋହୂ ରୀନା ଗତ ୧୨ ତାରିଖ ପୂର୍ବାହ୍ନ ସମୟରେ ମାସକର ଝିଅ ସହ ଡାକ୍ତରଖାନା ଯାଉଥିବା କହି ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୮ଟାରେ ଉଭୟ ଘରକୁ ଫେରିଥିଲେ। ମାତ୍ର ସେମାନେ ଶିଶୁକନ୍ୟାକୁ ସାଥିରେ ଆଣି ନଥିଲେ। ଏ ସମ୍ପର୍କରେ ସାବିତ୍ରୀ ପଚ଼ାରିବାରୁ ଉଭୟ ପୁଅ, ବୋହୂ ସାବିତ୍ରୀଙ୍କୁ ଗାଳି ଗୁଲଜ କରିବା ସହ ମାରିବାକୁ ଉଦ୍ୟମ କରିଥିଲେ। ଶିଶୁକନ୍ୟାକୁ ବିକ୍ରି କିମ୍ବା ହତ୍ୟା କରିଥିବା ଆଶଙ୍କା କରି ସାବିତ୍ରୀ ଘଟଣାର ତଦନ୍ତ କରିବାକୁ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଆଜି ପୁଲିସ୍ ବିକ୍ରି ଶିଶୁ କନ୍ୟାଟିକୁ କଟକରୁ ଉଦ୍ଧାର କରିଥିବା ସୂଚ଼ନା ମିଳିଛି।

## ଖାଲି ପଡ଼ିଥିବା ସରକାରୀ ପଦବୀର ତଥ୍ୟ ଦେବାକୁ ଗୃହ ବିଭାଗର ଚିଠି

ଭୁବନେଶ୍ୱର, ୧୪।୧ (ମହାଭାରତ: ବାରମ୍ବାର ନିର୍ଦ୍ଦେଶ ପରେ ଖାଲି ପଡ଼ିଥିବା ସରକାରୀ ପଦବୀର ତଥ୍ୟ ଦେଉନାହାନ୍ତି ସରକାରୀ ଅଧିକାରୀ । ଗୃହ ବିଭାଗରେ କେତେ ପଦବୀ ଖାଲି ତଥ୍ୟ ଦେଉନାହାନ୍ତି ଅଧିକାରୀ । ବାରମ୍ବାର ନିର୍ଦ୍ଦେଶ ପରେ ବି ଦେଉ ନାହାନ୍ତି ତଥ୍ୟ । ପୋଲିସ ଡିଜି, ଅଗ୍ନିଶମ ଡ଼ିଜି, ଜେଲ ଡ଼ିଜିଙ୍କ ସହ ହାଇକୋର୍ଟ ରେଜିଷ୍ଟର ଓ ଜୁଡ଼ିସିଆଲ ଏକାଡେମୀକୁ ଗୃହ ବିଭାଗ ଚିଠି କରିଛି । ତୁରନ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ୧୫ ତାରିଖରେ ଥିବା ସଚିବ ସ୍ତରୀୟ ବୈଠକ ପୂର୍ବରୁ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।ରିପୋର୍ଟ ଅନୁସାରେ, ଅନେକ ଦିନ ଧରି ଗୃହ ବିଭାଗରେ ପଦବୀ ଖାଲି ଥିବା ସୂଚ଼ନା ମିଳୁଥିଲା। ପୁଲିସଠୁ ଆରମ୍ଭ କରି ଅଗ୍ନିଶମ ବିଭାଗ ଯାଏଁ ଅନେକ ପଦବୀ ଖାଲି ପଡିଛି ଖାଲି ଥିବା ପଦବୀର ତଥ୍ୟ ଦେବାକୁ ବାରମ୍ବାର କୁହାଯାଉଛି। ବାବୁ ମାନଙ୍କୁ ମଧ୍ୟ ନୋଟିସ କରାଯାଇଛି ତଥାପି ସ୍ପଷ୍ଟ ସୂଚ଼ନା ମିଳିନାହିଁ ।

# ଓଡିଆ ଭାଷାରେ ସରକାରୀ କାମ

ଭୁବନେଶ୍ୱର, ୧୪।୧ (ମହାଭାରତ): ଏଣିକି ଓଡିଆ ଭାଷାରେ ହେବ ସମସ୍ତ ସରକାରୀ କାର୍ଯ୍ୟ । ଏ ନେଇ ସମସ୍ତ ବିଭାଗ ଓ ଜିଲ୍ଲାପାଳ ମାନଙ୍କୁ ଚ଼ିଠି ହୋଇଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି ହୋଇଛି । ସମସ୍ତ ନୋଟିସ୍, ବିଜ୍ଞପ୍ତି, ପତ୍ର ବିନିମୟ ଓଡିଆରେ ହେବ। ଏଥିରେ ଖିଲାପ କଲେ ତାଗିଦ୍ ସହ କାରଣ ଦର୍ଶାଅ ନୋଟିସ୍ ଜାରି ହେବ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏନେଇ ପଦକ୍ଷେପ ନିଆଯାଇଛି। ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ତଥା ବ୍ଲକ, ଜିଲ୍ଲା ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଓଡିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରାଯିବ। ଏନେଇ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ଅଧସ୍ତନ କାର୍ଯ୍ୟାଳୟ, ସରକାରଙ୍କ ଦ୍ୱାରା ପରିଚ଼ାଳିତ ସମସ୍ତ ଅନୁଷ୍ଠାନ ଯେପରିକି ବିଭିନ୍ନ ନିଗମ, ପୌରସଂସ୍ଥା ଓ ସ୍ୱୟଂଚ଼ାଳିତ ସଂସ୍ଥା ଇତ୍ୟାଦି ଏହି ନିର୍ଦ୍ଦେଶକୁ ପାଳନ କରିବେ। ଯେଉଁ ଅଧିକାରୀ ଏହାର ଖିଲାପ କରିବେ ତାଙ୍କୁ ତାଗିଦ୍ କରାଯିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି ହେବ।

# ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଘୋଷଣାକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ

ନୂଆଦିଲ୍ଲୀ, ୧୪।୧ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନୂତନ ଭାବେ ଘୋଷଣା ହୋଇଥିବା ଅମୃତ ଭାରତ ଟ୍ରେନ ସାରା ଦେଶରେ ଯାତ୍ରୀଙ୍କୁ ଆରାମଦାୟକ ସେବା ଯୋଗାଇ ଦେବା ସହିତ ରେଳ ଯୋଗାଯୋଗରେ ସୁଧାର ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ବିଭିନ୍ନ ମାର୍ଗରେ ନଅଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳର ଶୁଭାରମ୍ଭ କରାଯିବା ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଏକ୍ସରେ ପୋଷ୍ଟ କରାଯାଇଥିବା ଗୋଟିଏ ଥ୍ରେଡର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ ଏହି ପଦକ୍ଷେପର ବ୍ୟାପକ ଲାଭ ବିଷୟରେ ଉଲ୍ଲେଖ କରିଛନ୍ତି ।ପ୍ରଧାନମନ୍ତ୍ରୀ କହିଛନ୍ତି, ଯାତ୍ରୀଙ୍କ ଅନୁଭୂତି ଏବଂ ସଂଯୋଗୀକରଣରେ ସୁଧାର ଆଣିବା ବ୍ୟତୀତ, ନୂତନ ଅମୃତ ଭାରତ ଟ୍ରେନଗୁଡ଼ିକ ବାଣିଜ୍ୟ ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାରେ ମଧ୍ୟ ସାହାଯ୍ୟ କରିବ।ଖୁବଶୀଘ୍ର ନଅଟି ନୂତନ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରାଯିବ ଯାହା ସାରା ଦେଶରେ ଆଧୁନିକ ଯାତ୍ରୀବାହୀ ଟ୍ରେନର ନେଟୱାର୍କକୁ ଆହୁରି ବିସ୍ତାର କରିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏକ୍ସରେ ଘୋଷଣା କରିଛନ୍ତି। ନୂତନ ସେବାଗୁଡ଼ିକ ଆସାମକୁ ହରିୟାଣା ଏବଂ ଉତ୍ତର ପ୍ରଦେଶ ସହିତ ଯୋଡ଼ିବ। ଅନ୍ୟପକ୍ଷରେ ଏସବୁ ଟ୍ରେନ ଆଉ କେତେକ ମାର୍ଗରେ ପଶ୍ଚିମବଙ୍ଗକୁ ତାମିଲନାଡୁ, କର୍ଣ୍ଣାଟକ, ମହାରାଷ୍ଟ୍ର, ନୂଆଦିଲ୍ଲୀ

# ଲିଙ୍ଗରାଜ ମନ୍ଦିରରେ ନୀତିକାନ୍ତି ବନ୍ଦ, ଉପାସରେ ମହାପ୍ରଭୁ

ଭୁବନେଶ୍ୱର, ୧୪।୧ (ମହାଭାରତ): ମକର ସଂକ୍ରାନ୍ତି ଭଳି ଏକ ମହାନ ଦିନରେ ମହାପ୍ରଭୁ ଲିଙ୍ଗରାଜ ଉପବାସରେ ରହିଛନ୍ତି । ମଙ୍ଗଳବାର ସନ୍ଧ୍ୟାଠାରୁ ନୀତିକାନ୍ତି ବନ୍ଦ ରହିଛି। ସେପଟେ ନୀତିକାନ୍ତି ବନ୍ଦ କରିଥିବା ସେବାୟତଙ୍କ ଉପରେ କଡ଼ାରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଏକାମ୍ର ବିଧାୟକ ବାବୁ ସିଂ ଚେତାବନୀ ଦେଇଛନ୍ତି ।

ଗତକାଲି ସନ୍ଧ୍ୟାରେ କ୍ଷୀର ଆଉଟା ନୀତିକୁ ନେଇ ବିବାଦ ସୃଷ୍ଟି ହୋଇଛି । ଉଭୟ ବ୍ରାହ୍ମଣ ଓ ବଡୁ ନିଯୋଗ ସେବାୟତ ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି । ଶୀତ ଋତୁରେ ମକର ସଂକ୍ରାନ୍ତିରୁ କୁମ୍ଭ ସଂକ୍ରାନ୍ତି ଯାଏଁ ମହାପ୍ରଭୁଙ୍କ ଔଷଧ ବା ଘୃତଲେପନ ବିଧି କରାଯିବାର ପରମ୍ପରା ରହିଛି । ଏଥିଲାଗି ମକର ସଂକ୍ରାନ୍ତି ପୂର୍ବଦିନ କ୍ଷୀର ଆଉଟା ନୀତି କରାଯାଇଥାଏ । କିନ୍ତୁ ଗତକାଲି ଏହି ନୀତିରେ ବିଭ୍ରାଟ ସୃଷ୍ଟି ହୋଇଥିଲା । ବ୍ରାହ୍ମଣ ନିଯୋଗ ସମସ୍ତ ସରଞ୍ଜାମ ସଜାଡ଼ି ରଖିଥିଲେ । କିନ୍ତୁ ମେଘଡମ୍ବରୁ ଏବଂ କ୍ଷୀର ଆସିନଥିବା ଅଭିଯୋଗ କରି ବଡୁ ସେବାୟତମାନେ ନୀତି କରିବାକୁ ଅଡ଼ି ବସିଥିଲେ । ପରେ ମେଘଡମ୍ବରୁ ଆସିଥିବାବେଳେ କ୍ଷୀର



ଆସିନଥିବା ଅଭିଯୋଗ କରିଥିଲେ । ଏହା ମନ୍ଦିରର ପ୍ରଶାସନିକ ଅଧିକାରୀ ଉପସ୍ଥିତ ନଥିବା ମଧ୍ୟ କହିଥିଲେ । ଯାହାକୁ ନେଇ ବିବାଦ ଦେଖାଯିବା ପରେ ବଡୁ ସେବାୟତ ମାନେ ପହୁଡ଼ ପକାଇ ଦେଇଥିଲେ। ତେବେ ୨୦୨୪ ଯାଏଁ ବଡୁ ସେବାୟତ ଘୃତକମଳ ନୀତି କରୁଥିଲେ । କିନ୍ତୁ ୨୦୨୫ରେ ଏହି ନୀତିରେ ପରିବର୍ତ୍ତନ କରାଯାଇଛି । ବଡୁ ନିଯୋଗ ବଦଳରେ ବ୍ରାହ୍ମଣ ନିଯୋଗ ଏହି ବିଧି କରିଥିଲେ । କାହିଁକି ନୀତିରେ ପରିବର୍ତ୍ତନ ହେଲା ବୋଲି ବଡୁ ନିଯୋଗ ପ୍ରଶ୍ନ କରିଛି ।

ମକର ଭଳି ଦିନରେ ମହାପ୍ରଭୁ ଲିଙ୍ଗରାଜଙ୍କୁ ଉପବାସରେ ରଖିବା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଶକ୍ତ ଧକ୍କା ଦେଇଛି । ଉଭୟ ମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କୁ ଶ୍ରଦ୍ଧାଳୁମାନ ଦାୟୀ କରିଛନ୍ତି । ଆଜି ସକାଳେ ଏକାମ୍ର ବିଧାୟକ ବାବୁ ସିଂ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି । ବାବା ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ନଦେବାକୁ ବିଧାୟକ ସେବାୟତମାନଙ୍କୁ ଅନୁରୋଧ କରିଛନ୍ତି । ସରକାର ଯଦି ଶୁଣି ନାହାନ୍ତି ପୂଜା ପରେ ଆଲୋଚ଼ନା ହୋଇପାରିବ । ଯେଉଁମାନେ ନୀତିକାନ୍ତି ବନ୍ଦ କରିଛନ୍ତି ସେମାନଙ୍କର ସେବା କରିବାକୁ ଯୋଗ୍ୟତା ନଥିବା ବିଧାୟକ କ୍ଷୋଭର ସହ ପ୍ରକାଶ କରିଛନ୍ତି । ନୀତିକାନ୍ତି ବନ୍ଦ ରଖିଥିବା ସେବାୟତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାବୁ ସିଂ କହିଛନ୍ତି । ମହାପ୍ରଭୁ ଲିଙ୍ଗରାଜ ଉପବାସରେ ରହିବା କିଛି ନୂଆ ଘଟଣା ନୁହେଁ । ବିଭିନ୍ନ ପର୍ବପର୍ବାଣୀରେ ସେବାୟତଙ୍କ ଏଭଳି ମନମୁଖୀ କାର୍ଯ୍ୟ ଦେଖିବାକୁ ମିଳିଛି । ମହାଶିବରାତ୍ରିରେ ମଧ୍ୟ ଅନୁରୂପ ପରିସ୍ଥିତି ଉତ୍ପନ୍ନ ହୋଇଥିଲା ।

## ୫୦୦ କୁକୁରଙ୍କୁ ହତ୍ୟା

ହାଇଦ୍ରାବାଦ, ୧୪।୧ (ମହାଭାରତ): ତେଲେଙ୍ଗାନା ରାଜ୍ୟରେ ଏମିତି ଏକ ଘଟଣା ଘଟିଛି ଯାହାକୁ ଶୁଣିଲେ କେହି ବି ଆଶ୍ଚର୍ଯ୍ୟ ହୋଇଯିବେ। ତେଲଙ୍ଗାନାର ବିଭିନ୍ନ ଗାଁରେ ବୁଲା କୁକୁରଙ୍କୁ ବିଷ ଇଞ୍ଜେକସନ ଦେଇ ହତ୍ୟା କରାଯାଉଛି। ୧୫ ଦିନ ମଧ୍ୟରେ ୫୦୦ଟି ବୁଲା କୁକୁରଙ୍କ ଜୀବନ ଯିବା ପରେ ଆକ୍ସନ ମୋଡକୁ ଆସିଛି ପୁଲିସ। ବୁଲା କୁକୁରମାନଙ୍କ ସଂହାର ଘଟଣାରେ ପୁଲିସ ୧୫ ଜଣଙ୍କ ବିରୋଧରେ ଆରମ୍ଭ କରିଛି ଆଇନଗତ କାର୍ଯ୍ୟାନୁଷ୍ଠାନ। ଏମାନଙ୍କ ମଧ୍ୟରେ ହାନମକୋଣ୍ଡା ଓ କାମାରେଡ୍ଡୀ ଜିଲ୍ଲାରେ ଥିବା ୭ ଗାଁର ମୁଖିଆ। ବି ରହିଛନ୍ତି ।ସେମାନଙ୍କୁ ପୁଲିସ ପକ୍ଷରୁ ନୋଟିସ କରାଯାଇଛି ।



ନୂଆବର୍ଷର ପ୍ରଥମ ଦୁଇ ସପ୍ତାହ ମଧ୍ୟରେ ଏତେ ସଂଖ୍ୟକ ବୁଲା କୁକୁରଙ୍କୁ ବିଷ ଓ ଇଞ୍ଜେକେସନ ଦେଇ ହତ୍ୟା କରିବା ତେଲଙ୍ଗାନା ତଥା ଦେଶ ଇତିହାସରେ ପ୍ରଥମ ଘଟଣା ପୂରା ଦେଶରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ସ୍ଥାନୀୟ ନିର୍ବାଚନ ବେଳେ କିଛି ଜନ ପ୍ରତିନିଧି ଗାଁକୁ ବୁଲା କୁକୁର ମୁକ୍ତ କରିବାର ଗୋଟିଏ ଆଶ୍ଚର୍ଯ୍ୟଜନକ ପ୍ରତିଶ୍ରୁତି ଦେଇଥିଲେ। ଏବେ ଏହାକୁ ପୂରଣ କରିବା ପାଇଁ ନିରୀହ ବୁଲା କୁକୁରଙ୍କ ସଂହାର କରାଯାଉଥିବା ଜଣାପଡ଼ିଛି।

ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଗ୍ରାମ ପଞ୍ଚାୟତ ନିର୍ବାଚନ ବେଳେ ଏକାଧିକ ପ୍ରାର୍ଥୀ ଲୋକମାନଙ୍କୁ ବୁଲା କୁକୁର ମୁକ୍ତ ଗାଁର ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ଗାଁରେ ବୁଲା କୁକୁର ଆତଙ୍କ ବଢୁଥିବାରୁ ସ୍ଥାନୀୟ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ନିର୍ବାଚନ ଜିତିବା ଅନେକ ଜନ ପ୍ରତିନିଧି ଗାଁକୁ ବୁଲା କୁକୁର ମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟି ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା-ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଳର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



**ଖବର**

# ୮ବର୍ଷ ଡିପ୍ରେସନରେ ଥିଲେ ରଶ୍ମୀ ଦେଶାଇ



ଏହି ଟିଭି ଅଭିନେତ୍ରୀ ତାଙ୍କ ଜୀବନର ସବୁଠାରୁ କଷ୍ଟକର ସମୟ ବିଷୟରେ ମୁହଁ ଖୋଲିଛନ୍ତି । ସେ ବର୍ଣ୍ଣନା କରିଛନ୍ତି ଯେ ସେ କିପରି ଆଠ ବର୍ଷ ଧରି ଡିପ୍ରେସନ ସହିତ ସଂଘର୍ଷ କରିଥିଲେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୋଝ ଥିଲା, ଯାହା ଫଳରେ ତାଙ୍କ ମାନସିକ ସ୍ୱାସ୍ଥ୍ୟ ଦୀର୍ଘ ସମୟ ଖରାପ ରହିଥିଲା। ରଶ୍ମି ଦେଶାଇ ଏକ ସାକ୍ଷାତକାରରେ କହିଛନ୍ତି ଲଯ ଏକ ସମୟ ଥିଲା ଯେତେବେଳେ ମୁଁ ଆଠ ବର୍ଷ ଧରି ମାନସିକ ଅବସାଦରେ ଥିଲି। ମୁଁ ବହୁତ ବୋଝ ବୋହି ଯାଉଥିଲି। ଏହାକୁ ସଙ୍କୁଚିତ କରି ପୁଣି ନୂଆ ଆରମ୍ଭ କରିବାକୁ ବର୍ଷ ବର୍ଷ ସମୟ ଲାଗିଥିଲା। ଏବେ ମୁଁ ଫେରି ଆସିଛି। ମୁଁ ବିଶ୍ୱାସ କରେ ଯେ ଉପର ତଳ ଆପଣଙ୍କ ନିଜସ୍ୱ ପସନ୍ଦ। ଅନ୍ୟ କେହି ଆପଣଙ୍କ କାଯ୍ୟ୍ୟ ଯାତ୍ରା ସ୍ଥିର କରନ୍ତି ନାହିଁ। କାମ ମୋତେ ଶାନ୍ତି ଦିଏ ଏବଂ ଏହା ମୋର ପଳାୟନ ମଧ୍ୟ ଥିଲା, ଯାହା ମୁଁ ବହୁତ ଡେରିରେ ଅନୁଭବ କଲି। ଏବେ ମୁଁ ଉଭୟ ପାର୍ଶ୍ୱରେ ବହୁତ ଭଲ ଭାବରେ କାମ କରୁଛି ଏବଂ ଏକ ସୁନ୍ଦର ସନ୍ତୁଳନ ରଖିଛି।ଏହି ସମୟ ରଶ୍ମିଙ୍କ ପାଇଁ ବହୁତ କଷ୍ଟକର ଏବଂ ଲମ୍ବା ଥିଲା। କିନ୍ତୁ ସମୟ ସହିତ ସେ ଧୀରେ ଧୀରେ ନିଜକୁ ଏକତ୍ରିତ କରିଥିଲେ। ରଶ୍ମି କୁହନ୍ତି ଯେ ତାଙ୍କ ଡିପ୍ରେସନକୁ ଦୂର କରିବା ସହଜ ନଥିଲା, କିନ୍ତୁ ସେ ହାର ନ ମାନି ତାଙ୍କର ମାନସିକ ସ୍ୱାସ୍ଥ୍ୟକୁ ଫେରାଇ ଆଣିଲେ ଏବଂ ପୁଣିଥରେ ଟ୍ରାକକୁ ଫେରି ଆସିଲେ। ରଶ୍ମି ଦେଶାଇ ଜଣେ ପ୍ରମୁଖ ଟେଲିଭିଜନ ଷ୍ଟାର। ସେ ଉ□ରନ ଏବଂ ଦିଲ୍ ସେ ଦିଲ୍ ତକ୍ ଭଳି ଲୋକପ୍ରିୟ ଶୋ'ରେ କାମ କରିଛନ୍ତ। ସେ ବିଗ୍ ବସ୍ ସିଜିନ୍ ୧୩, ଖତରୋଁ କେ ଖିଲାଡି ସିଜିନ୍ ୬, ନାଚ୍ ବଲିୟେ ସିଜିନ୍ ୭ ଏବଂ ଝଲକ୍ ଦିଖଲା ଜା ସିଜିନ୍ ୭ ଭଳି ରିଆଲିଟି ଶୋ'ରେ ମଧ୍ୟ ଦେଖାଦେଇଛନ୍ତି।

## ଓଜନ ହ୍ରାସ କରେ କେଶର



ଭାରତୀୟ ଖାଦ୍ୟରେ ବ୍ୟବହୃତ ହେଉଥିବା ମସଲା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି କେଶର ବା ସାଫ୍ରୋନ୍। ଏହା ମହଙ୍ଗା ହୋଇଥିଲେ ମଧ୍ୟ ଅନେକ ଔଷଧୀୟ ଗୁଣରେ ଭରପୂର । ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥିବାରୁ କ୍ଷୀରରେ ମିଶାଇ ରୋଗୀ ଓ ଗର୍ଭବତୀଙ୍କୁ ପିଇବାକୁ ଦିଆଯାଇଥାଏ । କେଶର କେବଳ ଖାଦ୍ୟର ସ୍ୱାଦକୁ ବଢାଇ ନଥାଏ, ଏଥିରେ ଥିବା ପୋଷାକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା କେଶରେ କଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଇଲେ ଭୋକ କମ୍ ଲାଗିଥାଏ। ଯଦି ଆପଣ ଅଧିକ ଓଜନକୁ ନେଇ ଚିନ୍ତାରେ ଅଛନ୍ତି, ତା'ହେଲେ ଦୈନନ୍ଦିନ ଡାଏଟରେ କେଶରକୁ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ କମ୍ ହୋଇଥାଏ ।

କେଶର ଶରୀରରେ ହରମୋନକୁ ନିୟନ୍ତ୍ରଣ କରେ । ଯେଉଁ ମହିଳାଙ୍କର ଋତୁସ୍ରାବ ଜନିତ ସମସ୍ୟା ରହିଛି, ସେମାନଙ୍କୁ କେଶର ଖାଇବାକୁ ଦିଅନ୍ତୁ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ ।

ଜ୍ୱର,ଥଣ୍ଡା ଓ କାଶର ଚିକିତ୍ସା ପାଇଁ ମଧ୍ୟ କେଶରକୁ ବ୍ୟବହାର କରାଯାଇଥାଏ ।

ଗବେଷଣା ଅନୁସାରେ କେଶର ହାର୍ଟ ପାଇଁ ଭଲ । ତେଣୁ କେଶର ଖାଇଲେ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ ।

କେଶରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

# ବାବା ବାଲି ଲୋକନାଥ

ଗଞ୍ଜାମ ବ୍ଲକର ଋଷିକୁଲ୍ୟା ନଦୀ ପାର୍ଶ୍ୱସ୍ଥ ମାଳି ଜଗନ୍ନାଥପୁର ଗାଁରେ ପ୍ରାୟ ୭ ଏକର ଜାଗାରେ ରହିଛି ବାବା ବାଲି ଲୋକନାଥଙ୍କ ମନ୍ଦିର ଯ ପୌରାଣିକ କିମ୍ବଦନ୍ତୀ କୁହେ, ପ୍ରଭୁ ରାମଚନ୍ଦ୍ର ନବାସ ସମୟରେ ଏଠି ମହାଦେବଙ୍କ ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । କାଳକ୍ରମେ ତାହା ନଦୀ ବାଲିରେ ପୋତି ହୋଇଯାଇଥିଲା । ଏକଦା ପାରଳା ମହାରାଜା ପୁରୀରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବା ବେଳେ ପୋତି ହୋଇ ଯାଇଥିବା ମନ୍ଦିରର ତ୍ରିଶୂଳ ଘୋଡା ଟାପୁରେ ବାଜି ରକ୍ତସ୍ରାବ ହୋଇଥିଲା ।ପରେ ରାଜାଙ୍କ ଆଦେଶରେ ପୋତି ହୋଇଥିବା ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା । ବାଲିରୁ ଉଦ୍ଧାର କରାଯାଇଥିବାରୁ ମହାଦେବଙ୍କୁ ବାଲି ଲୋକନାଥଙ୍କ ନାମରେ ନାମିତ କରାଯାଇଥିଲା । ଏହାର ଶ୍ରେୟ ପାଇଁ ପାରଳା ମହାରାଜା ଓ ଆଠଗଡ଼ ରାଜାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ପରେ ମନ୍ଦିର ଦାୟିତ୍ୱ ଆଠଗଡ଼ ରାଜାଙ୍କୁ ହସ୍ତାନ୍ତର କରାଯାଇଥିଲା । ବାବା ବାଲି ଲୋକନାଥଙ୍କ ଭୋଗରାଗ ପାଇଁ ପାରଳା ରାଜା କିଛି ଜମି ପୂଜାରୀମାନଙ୍କୁ ପ୍ରଦାନ କରିଥିଲେ । ସେହି ଜାଗା ଏବେ ମାଳି ଜଗନ୍ନାଥପୁର ଓ କଲ୍ୟାଣପୁର ଗାଁ ନାମରେ ବେଶ ପରିଚିତ ।ସେହି ଗ୍ରାମର ପ୍ରାୟ ୮୦ ପରିବାର ନିଜ ମଧ୍ୟରେ ପାଳି କରି ବାବା ବାଲି ଲୋକନାଥଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି । ପ୍ରତି ମାସର ସୋମବାର, ଶନିବାର, ସଂକ୍ରାନ୍ତି, ଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବହୁ ଭକ୍ତ ବାବା ବାଲି ଲୋକନାଥଙ୍କ ଦର୍ଶନ କରିଥାନ୍ତି ।ଶ୍ରାବଣ ସୋମବାରେ କାଉଡିଆମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି। ଦିନର ପ୍ରଥମ ପ୍ରହରରେ ଏଠି ବାବାଙ୍କୁ ନଡ଼ିଆ ଓ କଦଳୀ ଭୋଗ ଲାଗିକରାଯାଏ । ମଧ୍ୟାହ୍ନରେ ବାବାଙ୍କୁ ଭାତ, ଡାଲମା ଭୋଗ ଲାଗି କରାଯାଇଥାଏ ।ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ପାର୍ବତୀ, କାର୍ତ୍ତିକେୟ ଓ କାଶୀବିଶ୍ୱନାଥ ପୂଜା ପାଉଛନ୍ତି ।ପାରଳା ମହାରାଜା କାଶୀବିଶ୍ୱନାଥଙ୍କୁ ବସାଇଥିଲେ । ଲୋକଙ୍କ ବିଶ୍ୱାସ ରହିଛି ଭକ୍ତଙ୍କ ଡାକ ଶୁଣି ସବୁ ସମସ୍ୟାର ସମାଧାନ କରିଥାନ୍ତି ବାବା ଲୋକନାଥ । ଆଉ ଏହି ବିଶ୍ୱାସକୁ ଆଧାର କରି ଭକ୍ତ ଛୁଟି ଆସନ୍ତି ବାବା ବାଲି ଲୋକନାଥଙ୍କ ପୀଠକୁ ।



# ଶଙ୍ଖା-ସିନ୍ଦୂର

ହାତରେ ଶଙ୍ଖା, ମଥାରେ ସିନ୍ଦୂର ଓ ପାଦରେ ଅଳତା- ଏହା ହେଉଛି ଜଣେ ବିବାହିତା ହିନ୍ଦୁ ନାରୀର ଭୂଷଣ। ଆଜିକାଲି କିନ୍ତୁ ଏହାର ମହତ୍ୱ କେହି ବୁଝୁନାହାନ୍ତି। ଅନେକେ ଏହାକୁ ହିନ୍ଦୁ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ବୋଲି ମାନିଲେଣିୟ ହିନ୍ଦୁମାନେ ଏକ ବୈଜ୍ଞାନିକ ଜାତି- ସେମାନେ କେବେ ବି କେଣସି ଅଯଥା ଜିନିଷକୁ ତାଙ୍କ ସଂସ୍କୃତିରେ ରଖିନାହାନ୍ତି। ସକାଳୁ ଉଠି ସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣି ଦେବା, ତୁଳସୀ ମୂଳେ ପାଣି ଦେବା ଓ ପୂଜା କରିବା, ସନ୍ଧ୍ୟାବତି ଜାଳିବା, ଗୋମାତାର ସେବା କରିବା- ଏ ସବୁ ଭିତରେ ରହିଛି ଅସୀମ ଉପାଦେୟତା ଓ ବୈଜ୍ଞାନିକ କାରଣ। ଆମ ଗୁରୁଦେବ କହନ୍ତି- ''ଲୁହା ପୋଷେ ରକ୍ତକଣା ଶଙ୍ଖ ପୋଷେ ହାଡ଼, ସିନ୍ଦୂର ତ ଶୋଭା ବାଏ ବନ୍ଧ୍ୟାର ପ୍ରତିକାର।'' (ଅନୁଶ୍ରୁତି)। ଅର୍ଥାତନାରୀମାନେ ହାତରେ ଯେଉଁ ଲୁହା ଚୁଡ଼ି ଓ ଶଙ୍ଖରେ ତିଆରି ଶଙ୍ଖା ପିନ୍ଧନ୍ତି, ତାହାର ଉପାଦେୟତା ରହିଛ। ଲୁହା ବା ଲେହସାର ଆମର ରକ୍ତକଣିକାକୁ ପୋଷଣ ଦିଏୟ କ୍ୟାଲସିୟମ କାର୍ବୋନେଟ୍ରେ ତିଆରି ଶଙ୍ଖା ଆମର ହାଡ଼କୁ ପୋଷଣ ଦିଏୟ ସିନ୍ଦୂର ନାରୀର ଶୋଭା ବୃଦ୍ଧି କରିବା ସହ ବନ୍ଧ୍ୟାଦୋଷର ନିରାକରଣ କରେୟ ସେଥିପାଇଁ ହାତରେ ଲୁହା ଓ ଶଙ୍ଖର ଚୁଡ଼ି ପିନ୍ଧିବା ଓ ମଥାରେ ସିନ୍ଦୂର ଲଗାଇବାର ପରମ୍ପରା ରହିଛି। ତା'ଛଡ଼ା ପାଦରେ ଯେଉଁ ଅଳତା ପିନ୍ଧାଯାଏ, ତାହା ସୈନ୍ଦର୍ଯ୍ୟ ବୃଦ୍ଧି କରିବା ସହ ପାଦ ଫାଟିବା ଇତ୍ୟାଦିକୁ ନିରୋଧ କରିଥାଏ। କେବଳ ଲୁହା ଓ ଶଙ୍ଖ ନୁହେଁ, ଅନ୍ୟ ଧାତୁ ଯଥା ସୁନା ଓ ରୂପାର ଚୁଡ଼ି ମଧ୍ୟ ପିନ୍ଧାଯାଏ। କମ୍ ପରିମାଣର ହେଲେ ବି ଆମ ଶରୀର ସୁନା ଓ ରୂପାର ଧାତୁସାର ମଧ୍ୟ ଆବଶ୍ୟକ କରେ। ତେବେ ସବୁଠୁ ଅଧିକ ଆବଶ୍ୟକ ଲୁହା। ଯେତେବେଳେ ଜଣେ ମହିଳା ସନ୍ତାନ ପ୍ଲାନିଂ ନେଇ ଡାକ୍ତରଙ୍କ ପାଖକୁ ଯାଏ, ଡାକ୍ତର ତା'ର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିବା ପରେ ଅଭାବ ଥାଉ ବା ନ ଥାଉ, ଆଇରନ, କ୍ୟାଲସିୟମ୍, ଫଲିକ୍ ଏସିଡ୍ ଓ ଭିଟାମିନ୍ ଇ ଖାଇବାକୁ ଦିଅନ୍ତି। କାରଣ ଗର୍ଭବତୀ ହେଲେ ଏଇ ଧାତୁସାର ଓ ଭିଟାମିନଗୁଡ଼ିକର ଅଧିକ ଆବଶ୍ୟକତା ପଡ଼େ। କବିରାଜ ପାଠରେ ବି ମାଆମାନଙ୍କୁ ଦୁବରସ ଓ ମହୁ ଖାଇବାକୁ ପରାମର୍ଶ ଦିଆଯାଏ। ଏଥିରେ ବି ଆବଶ୍ୟକ



ଆଇରନ ଓ କ୍ୟାଲସିୟମ ରହିଛ। ସିନ୍ଦୂର ମଧ୍ୟ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେୟ ମଥାରେ ଦୁଇ ଭ୍ରୁଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିନ୍ଦୁର ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିସାରିଛି, ଅର୍ଥା ତା'ର ବିବାହ ହୋଇସାରିଛ। ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଜ୍ୟୋତିଷ ପାଠରେ ମଙ୍ଗଳଗ୍ରହ ସହ ନାଲିରଙ୍ଗ ଓ ରକ୍ତର ସମ୍ବନ୍ଧ ରହିଛି। ବିଜ୍ଞାନରେ ମଙ୍ଗଳଗ୍ରହକୁ ରେଡ୍ ପ୍ଲାନେଟ୍ ବୋଲି କୁହାଯାଏ। ଯେଉଁମାନଙ୍କ ଜାତକରେ ମଙ୍ଗଳଦୋଷ ଥାଏ ଏବଂ ଯେଉଁମାନେ ଜାତକରେ ମଙ୍ଗଳର ଦୁଃସ୍ଥିତିଜନିତ ପୀଡ଼ା ଭୋଗୁଥାନ୍ତି, ସେମାନଙ୍କୁ ତାହାର ପ୍ରତିକାର କରିବାକୁ ପରାମର୍ଶ ଦିଆଯାଏ। ନାଲିଧଡ଼ିର ଲୁଗା ପିନ୍ଧିବା, ଅଳତା ଓ ସିନ୍ଦୂର ପରି ନାଲି ରଙ୍ଗ ବ୍ୟବହାର କରିବା ମଧ୍ୟ ଅନେକାଂଶରେ ମଙ୍ଗଳଦୋଷର ନିବାରଣ କରିଥାଏ। ସିନ୍ଦୂର ମଧ୍ୟ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେ। ମଥାରେ ଦୁଇ ଭ୍ରୁଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିଁଥିରେ ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ପତ୍ନୀରୂପେ ଗ୍ରହଣ କରିସାରିଛି, ଅର୍ଥାତ ତା'ର ବିବାହ ହୋଇସାରିଛିୟ ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଆଗକାଳରେ ଦୁଷ୍ଟ ପ୍ରକୃତିର ରାଜା-ମହାରାଜାମାନେ ତଥା ମୁସଲମାନ ରାଜୁଡ ସମୟରେ ମୁସଲମାନ ସିପାହୀ ଓ ସୈନ୍ୟମାନେ ସୁନ୍ଦରୀ ଝିଅମାନଙ୍କ ଉପରେ ଖରାପ ନଜର ପକାଉଥିଲେ। ସେଥିପାଇଁ ଝିଅମାନଙ୍କୁ କମ୍ ବୟସରେ ବାହା କରି ଦିଆଯାଉଥିଲା, ସେମାନେ କ୍ୱଚି ଏକୁଟିଆ ପଦାକୁ ବାହାରୁଥିଲେ ଏବଂ ଯେତେବେଳେ ବି ପଦାକୁ ବାହାରୁଥିଲେ ମଥାର ସିନ୍ଦୂର ସେମାନଙ୍କୁ ଅନେକାଂଶରେ ରକ୍ଷା କରିବାରେ ସାହାଯ୍ୟ କରୁଥିଲା। ଏହି ସିନ୍ଦୂର ମଧ୍ୟ ଏକ ସ୍ମାରକ ଭାବେ କାମ କରିଥାଏ। ଏହା ନାରୀମାନଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ଯେ ତୁମେ ଜଣେ ବିବାହିତା ନାରୀ, ତୁମର ଜଣେ ସ୍ୱାମୀ ଅଛି, ଦେବତାଙ୍କୁ, ଅଗ୍ନିଙ୍କୁ ସାକ୍ଷୀ ରଖି ତୁମେ ତାଙ୍କୁ ସାତଜନ୍ମ ପାଇଁ ସ୍ୱାମୀରୂପରେ ବରଣ କରିଛ- ତେଣୁ ଅନ୍ୟ ପୁରୁଷଠାରୁ ଯଥାସମ୍ଭବ ଦୂରରେ ରହିବା ଉଚିତ।

ଆମେ ସମସ୍ତେ ମାଣବସା ଗୁରୁବାର ଝୋଟି ବିଷୟରେ ଅଳ୍ପ ବହୁତ ଜାଣିଛୁ। ତେବେ ମାଣବସା ଗୁରୁବାର ଝୋଟି ବାଦ୍ ଆମ ରାଜ୍ୟରେ ଆହୁରି ଅନେକ ପୂଜା ପର୍ବରେ ଭିନ୍ନ ଭିନ୍ନ ଆକୃତିର ଝୋଟି ଦିଆଯାଇଥାଏ। ସେଥିମଧ୍ୟରୁ କେତୋଟି

## ଝୋଟି ଓ ଚିତା ପକାଇଲେ ଘରର ସମୃଦ୍ଧି ହୁଏ










ଚିତା ବିଷୟରେ ଉଲ୍ଲେଖ କରିବକୁ ଚେଷ୍ଟା କରିଛୁ। ସେଥିମଧ୍ୟରୁ ଗୋଟିଏ ହେଉଛି

ଗଦାପଦ୍ମ ଚିତା : ମାଘ ମାସରେ ତୁଳସୀ ଗଛ ମୂଳେ ଗଦାପଦ୍ମ ଚିତା ଅଙ୍କାଯାଏ। ବିଶ୍ୱାସ କରାଯାଏ ମାଘ ମାସରେ ପୂଜା କୋଠରୀ ଏବଂ ଦ୍ୱାର ଆଗରେ ଗଦାପଦ୍ମ ଚିତା ପକାଇବା ଦ୍ୱାରା ଘରର ଶ୍ରୀ ବୃଦ୍ଧି ପାଇଥାଏ ।

ଛନ୍ଦ ପିଢ଼ାପଦ୍ମ : ଆଉ ଗୋଟିଏ ଚିତା ହେଉଛି ଛନ୍ଦ ପିଢ଼ାପଦ୍ମ। ଏହି ଝୋଟି ବୃତ୍ତାକାର ହୋଇଥିଲେ ମଧ୍ୟ ଜ୍ୟାମିତିକ ଡିଜାଇନ୍‌ର ଝଲକ ଅତି ସ୍ପଷ୍ଟ। କିଛି କିଛି ଓଡ଼ିଆ ଘରେ ନାଗ ଚତୁର୍ଥୀ ଦିନ ଘର ଆଗରେ ଅଙ୍କା ଯାଇଥାଏ ଛନ୍ଦ ପିଢ଼ାପଦ୍ମ ଚିତା। କେହି କେହି ତୁଳସୀ ଚଉରା ମୂଳରେ ଏହି ଚିତା ପକାଇ ଥାଆନ୍ତି। ତେବେ ଏହି ଚିତା କେବଳ ଅରୁଆ ଚାଉଳ ପିଠଉରେ ନୁହେଁ, ବରଂ ରଙ୍ଗବେରଙ୍ଗୀ ମୁରୁଜରେ ମଧ୍ୟ ପଡ଼ିଥାଏ । ଏହାର ବିଭିନ୍ନ ଶୈଳୀ ଥିଲେ ମଧ୍ୟ କେନ୍ଦ୍ର ଭାଗରେ ଯାହା ଅଙ୍କା ଯାଇଥାଏ ତାହା ହିଁ ଏହି ଚିତାର ମୂଳ ଆକର୍ଷଣ । ଗୋଟିଏ ଉପରେ ଆଉ ଗୋଟିଏ ପଦ୍ମ ପାଖୁଡ଼ା ଆକୃତିର ରେଖାଚିତ୍ରର ସମାହାର ଏହି ଝୋଟିର ବିଶେଷତ୍ୱ।

ଅନନ୍ତ ବ୍ରତ ମଣ୍ଡଳ : ଉପରେକ୍ତ ଦୁଇଟି ଚିତା ବ୍ୟତୀତ ଓଡ଼ିଶାର ଗାଁ ଗହଳିରେ ଏବେ ବି ପଡୁଥିବା ଝୋଟି ମଧ୍ୟରେ ଅନନ୍ତ ବ୍ରତ ମଣ୍ଡଳ ଅନ୍ୟତମ। ଭାଦ୍ରବ ମାସରେ ଅନନ୍ତ ବ୍ରତ ଦିନ ଏହି ଝୋଟି ପଡ଼ିଥାଏ। ଏହି ଝୋଟିରେ ଅନନ୍ତନାଗଙ୍କୁ ଦର୍ଶା ଯାଇଥାଏ। ଝୋଟି ମଧ୍ୟରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ମଧ୍ୟ ଅଙ୍କା ଯାଇଥାଏ। ଅନନ୍ତବ୍ରତ ମଣ୍ଡଳରେ ପ୍ରଥମେ ଢାଉରେ ରଙ୍ଗ କରାଯାଇ ତାହା ଉପରେ ଅରୁଆ ଚାଉଳର ଝୋଟି ପକାଯାଏ। ଏହି ଚିତା ଏମିତି ଭାବେ ଅଙ୍କା ଯାଇଥାଏ ଯେମିତି ଅନନ୍ତନାଗଙ୍କର ମୁଣ୍ଡ ଏବଂ ଲାଞ୍ଜ ଗୋଟିଏ ଜାଗାରେ ଆସି ମିଶିଥିବେ ।

ବେଲପତ୍ରି ମଣ୍ଡଳ ଚିତା : ଆଉ ଗୋଟିଏ ପ୍ରକାରର ଚିତା ହେଉଛି ବେଲପତ୍ରି ମଣ୍ଡଳ ଚିତା। ଶିବରାତ୍ରି ଅବସରେ ପଞ୍ଚବର୍ଣ୍ଣୀ ମୁରୁଜରେ ଅଙ୍କା ଯାଇଥାଏ ବେଲପତ୍ରି ମଣ୍ଡଳ ଚିତା। ବିଶ୍ୱାସ କରାଯାଏ ମହାଶିବରାତ୍ରି ଦିନ ଯଦି ଜଣେ ନିଃସନ୍ତାନ ମହିଳା ବେଲପତ୍ରି ମଣ୍ଡଳ ଚିତା ଆଙ୍କି ରାତି ସାରା ପଞ୍ଚାକ୍ଷରି ମନ୍ତ୍ର ଜପ କରିଥାନ୍ତି ତେବେ ତାଙ୍କର ସନ୍ତାନ ପ୍ରାପ୍ତି ହୋଇଥାଏ। ଏହି ଚିତା ବ୍ୟତୀତ ଆଉ ଯେଉଁ ସବୁ ଝୋଟି ପଡ଼ିଥାଏ ତାହ ମଧ୍ୟରେ ଶଙ୍ଖ ମଣ୍ଡଳ, ମଣ୍ଡଳ ପଦ୍ମ, କବାଟ ପଦ୍ମ ଅନ୍ୟତମ। ଦୋଳପୂର୍ଣ୍ଣିମା ଦିନ ଶଙ୍ଖ ମଣ୍ଡଳ ଅଙ୍କନ କରାଯାଉଥିବା ବେଳେ ଚତୁର୍ମାସ୍ୟ ଗୁରୁବାରରେ ଘରର ମୁଖ୍ୟ କବାଟରେ ଅଙ୍କା ଯାଇଥାଏ କବାଟ ପଦ୍ମ। ସେହିପରି ଗୁରୁବାର ଲକ୍ଷ୍ମୀପୂଜାରେ କବାଟ ଓ ଚଟାଣରେ ମଣ୍ଡଳ ପଦ୍ମ ଅଙ୍କାଯାଏ।

ନଗରନକ୍ସା ମହାନଗରର ନିଜ ଭାଷା



# ରାଜ୍ୟର ପ୍ରଥମ ଦକ୍ଷତା କେନ୍ଦ୍ର ଉଦଘାଟିତ



ଭୁବନେଶ୍ୱର,୧୪।୧ (ମହାଭାରତ): ଶିଳ୍ପ ଜଗତ କେବଳ ସାର୍ଟିଫିକେଟ୍ ଦେଖି ଚାକିରି ଦିଏ ନାହିଁ ବରଂ ଦକ୍ଷତା ଦେଖି ନିଯୁକ୍ତି ଦିଏ। ପାରାଦୀପ କଲେଜରେ ରାଜ୍ୟର ପ୍ରଥମ ଦକ୍ଷତା କେନ୍ଦ୍ରର ଉଦଘାଟନୀ ସମାରୋହ ଅବସରରେ ଏହା କହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏବେକାର ଚାକିରି ବଜାର ଦକ୍ଷତା, ଯୋଗାଯୋଗ, ସମସ୍ୟା ସମାଧାନ କ୍ଷମତା, ଡିଜିଟାଲ ସାକ୍ଷରତା ଏବଂ ବୃତ୍ତିଗତ ନୈତିକତା ଆଶା କରୁଛି। ତେଣୁ ଦକ୍ଷତା କେନ୍ଦ୍ରକୁ କେବଳ ଶ୍ରେଣୀଗୃହ ଭାବେ ନୁହେଁ ବରଂ କ୍ୟାରିୟର ପାଇଁ ଲଂଚପ୍ୟାଡ୍ ଭାବେ ବ୍ୟବହାର କରିବାକୁ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ପାରାଦୀପ କଲେଜରେ ନବଉଦଘାଟିତ ଦକ୍ଷତା କେନ୍ଦ୍ରରେ ବିଏଫଏସଆଇ (ଇଋଓ) କ୍ଷେତ୍ରରେ ଆକାଉଂଟ ଏକଜିକ୍ୟୁଟିଭ ପାଠ୍ୟକ୍ରମ ପ୍ରଦାନ କରାଯିବ। ଏଠାରେ ବାର୍ଷିକ ୨୦୦ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିବ। କେନ୍ଦ୍ରଟି ନୂଆ ଓଡିଶା ଯୋଜନା ଅଧୀନରେ ବିଏଫଏସଆଇ ସେକ୍ଟର ସ୍କିଲ କାଉନସିଲ୍ ଦ୍ୱାରା ପରିଚାଳିତ ହେବ। କେନ୍ଦ୍ରରେ ଜାତୀୟସ୍ତରରେ ସ୍ୱୀକୃତିପ୍ରାପ୍ତ ତାଲିମ ମାନଦଣ୍ଡ, ଶିଳ୍ପ-ଭିତ୍ତିକ ପାଠ୍ୟକ୍ରମ ଏବଂ ନିଯୁକ୍ତି ଅନୁକୂଳ ପରିବେଶ ସୁନିଶ୍ଚିତ କରାଯିବ।

ଦକ୍ଷତା କେନ୍ଦ୍ର ଦ୍ୱାରା ଦକ୍ଷତା ବୃଦ୍ଧି, ସାର୍ଟିଫିକେଟ୍ ପ୍ରଦାନ ତଥା ପ୍ଲେସମେଂଟକୁ ମୁଖ୍ୟ ଲକ୍ଷ୍ୟ ରଖାଯାଇଛି। ପାରାଦୀପ କଲେଜରେ ଦକ୍ଷତା କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ର ଭାବେ ପରିଚାଳିତ କରିବାକୁ ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧ୍ୟାପକ ଏବଂ ପ୍ରଶାସକଙ୍କୁ ପରାମର୍ଶ ଦେଇଛନ୍ତି। ଶିଳ୍ପ ଜଗତ ସହ ସୁଦୃଢ ସଂପର୍କ ସ୍ଥାପନ କରିବା ସହ ନିୟମିତ କ୍ଷେତ୍ର ପରିଦର୍ଶନ, ଅତିଥୀ ଅଧ୍ୟାପକ, ଇଂଟର୍ଣ୍ଣସିପ୍ ଏବଂ ନିଯୁକ୍ତି ସହାୟତା ସୁନିଶ୍ଚିତ କରିବାକୁ କହିଛନ୍ତି। ଦକ୍ଷତା କେନ୍ଦ୍ର, ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ସେତୁ ବୋଲି ମନ୍ତ୍ରୀ କହିଛନ୍ତି। କେନ୍ଦ୍ରଟି ଓଡିଶାର ଯୁବପିଢିଙ୍କୁ ଦକ୍ଷ, ସ୍ୱାବଲମ୍ବୀ ଏବଂ ନିଯୁକ୍ତିଯୋଗ୍ୟ କରି ଗଢି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ଓଡିଶା ଆଜି ଶିଳ୍ପ ଅଭିବୃଦ୍ଧି, ପୁଞ୍ଜିନିବେଶ ସଂପ୍ରସାରଣ ଏବଂ ଆର୍ଥନୈତିକ ରୂପାନ୍ତରଣ ପଥରେ ଅଗ୍ରସର ହେଉଛି। ପାରାଦୀପ ବନ୍ଦର ବିଶ୍ୱ ବାଣିଜ୍ୟର ପ୍ରବେଶ ପଥ ପାଲଟିଛି। ଓଡିଶାର ଏହି ଅଭିବୃଦ୍ଧିର ପ୍ରକୃତ ସୁଫଳ ପାଇବାକୁ ହେଲେ, ଆମ ଯୁବପିଢିଙ୍କୁ ଠିକ୍ ସମୟରେ ଠିକ୍ ଦକ୍ଷତା ହାସଲ କରିବାକୁ ପଡିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଏହି ଅବସରରେ ନାନୋ ୟୁନିକର୍ନ ଯୋଜନାରେ ପ୍ରଶିକ୍ଷଣ ନେଇଥିବା ୧୩ଜଣଙ୍କୁ ଲକ୍ଷେ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ ପ୍ରଧାନ, ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ପାରାଦୀପ କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୪୬ ପୋଲିସ ଅଧିକାରୀ ଓ କର୍ମଚାରୀ ସମ୍ମାନିତ

ଭୁବନେଶ୍ୱର,୧୪।୧ (ମହାଭାରତ): କଟକସ୍ଥିତ ଆର.କେ. ପାଢୀ ମେମୋରିଆଲ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୪୬ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ କରି ସମ୍ମାନିତ କରିଛନ୍ତି। ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ଅନୁଷ୍ଠାନିକ ଭାବେ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ପଦକ ପ୍ରାପ୍ତମାନଙ୍କ ମଧ୍ୟରେ ଆଇଜି (କେନ୍ଦ୍ରାଂଚଳ) ଡ. ସତ୍ୟଜିତ ନାଏକ, ରାୟଗଡା ଏସପି ସ୍ୱସ୍ତି ଏସ. କୁମାର, କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡା ଏସପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସପି ହରିଶ ବି.ସି., ଗଜପତି ଏସପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଂଟ



ପ୍ରଫୁଲ କୁମାର ସିଂହଙ୍କ ସହିତ ୩ ଜଣ ଅତିରିକ୍ତ ଏସପି, ୫ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ୭ ଜଣ ସବ୍-ଇନ୍ସପେକ୍ଟର, ୫ ଜଣ ଆସିଷ୍ଟାଂଟ ସବ୍-ଇନ୍ସପେକ୍ଟର, ୫ ଜଣ ହାବିଲଦାର ଓ ୯ ଜଣ କନଷ୍ଟେବଲ/ଓଏପିଏଫ/ସିପାହୀ ଅନ୍ତର୍ଭୁକ୍ତ ଥିଲେ। ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଂଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଗୁଇନ୍ଦା) ଆର.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

# କାଞ୍ଚି ଅଭିଯାନ ନୃତ୍ୟନାଟିକା ପ୍ରଦର୍ଶିତ



ଭୁବନେଶ୍ୱର,୧୪।୧ (ମହାଭାରତ): ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୨୨ତମ ବାର୍ଷିକ ଉତ୍ସବ ୨୦୨୫-୨୬, ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ଭବ୍ୟ ସମାରୋହ ମଧ୍ୟରେ ଉଦଘାଟିତ ହୋଇଛି। ଏହି ଦୁଇ ଦିନିଆ ବାର୍ଷିକ ଉତ୍ସବର ପ୍ରଥମ ସନ୍ଧ୍ୟାରେ ସଂସ୍କୃତି, ସୃଜନଶୀଳତା ଓ ପରମ୍ପରାର ସୁନ୍ଦର ସମନ୍ୱୟ ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ। ଏଥିରେ ଜଳ ସଂପଦ ବିଭାଗର ଅତିରିକ୍ତ ଶାସନ ସଚିବ ନରହରି ସେଠୀ ସମ୍ମାନିତ ଅତିଥି ଏବଂ ସ୍ୱତନ୍ତ୍ର ଶାସନ ସଚିବ ଅଶୋକ କୁମାର ବେହେରା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ ପରିଷଦର ସଭାପତି ଜୟକିଶୋର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଂସ୍କୃତିକ ସଭାରେ ଜଳସମ୍ପଦ ବିଭାଗର ପରିଷଦର ସାଧାରଣ ସଂପାଦକ ପ୍ରେମନାଥ ବେହେରା ବାର୍ଷିକ ବିବରଣୀ ପାଠ କରି ପରିଷଦ ତରଫରୁ କରାଯାଉଥିବା ସାହିତିକ ଓ ସାଂସ୍କୃତିକ କାର୍ଯ୍ୟକଳାପ ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭାଗର ସାଂସ୍କୃତିକ ପତ୍ରିକା 'ଜଳତରଙ୍ଗ' ଉନ୍ମୋଚିତ ହୋଇଥିଲା ଏଂ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ବେହେରାଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ସଙ୍ଗୀତ ଆମେ ଜଳସମ୍ପଦର ବଳର ଅଡିଓ ରିଲିଜ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ଶର୍ମା କହିଲେ ଯେ ଜଳ ସମ୍ପଦ ବିଭାଗର ଅଧିକାରୀ ଏଂ କର୍ମଚରୀମାନେ ବିଭାଗର ବ୍ୟସ୍ତବହୁଳ କାର୍ଯ୍ୟ ମଧ୍ୟରେ ବାର୍ଷିକ ସାଂସ୍କୃତିକ ଉତ୍ସବ ଆୟୋଜନ କରୁଥିବା ଅତ୍ୟନ୍ତ ଆନନ୍ଦର କଥା। ସେମାନଙ୍କ ମଧ୍ୟରେ ସାହିତ୍ୟ, ସଙ୍ଗୀତ, ନୃତ୍ୟ ଆଦି ସୃଜନଶୀଳତା ଓ ପ୍ରତିଭା ଭରିରହିଛି।

# ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ବିଏମ୍‌ସିର ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧୪।୧ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଅଂଚଳର ଶ୍ରେଷ୍ଠ ସ୍ୱଚ୍ଛ ବିଦ୍ୟାଳୟକୁ ମିଳିବ ୫୦ ହଜାର ଟଙ୍କାର ନଗଦ ପୁରସ୍କାର ରାଶି। ଗୋଟିଏ ନୁହେଁ, ବିଏମ୍ ସିର ତିନୋଟି ଜୋନରେ ୩ଟି ବିଦ୍ୟାଳୟକୁ ୫୦ ହଜାର ଲେଖାଏଁ ଟଙ୍କା ମିଳିବ। ଏହି କଥା ଘୋଷଣା କରିଛନ୍ତି ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ। ଆଜି ବିଏମ୍ ସି ମୁଖ୍ୟାଳୟର ଏକାମ୍ର ହଲରେ ଅନୁଷ୍ଠିତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ନିମନ୍ତେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହି ଘୋଷଣା କରାଯାଇଛି।



ସ୍ୱଚ୍ଛତାକୁ ସଂସ୍କାର ଅଭିମୁଖି କରିବାରେ ଶିକ୍ଷାନୁଷ୍ଠାନଗୁଡିକର ପ୍ରମୁଖ ଭୂମିକା ରହିଛି। ସହରର ପ୍ରତ୍ୟେକ କୋଣ ଅନୁକୋଣକୁ ସ୍ୱଚ୍ଛ ରଖିବାର ଦାୟିତ୍ୱ, କେବଳ ବିଏମ୍ ସିର ନୁହେଁ, ନାଗରିକମାନଙ୍କର ମଧ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ସହରକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିବାକୁ ବିଏମ୍ ସି ପକ୍ଷରୁ ଆହ୍ୱାନ ଦିଆଯାଇଛି। ନିଜ ବିଦ୍ୟାଳୟରୁ ବାହାରୁଥିବା ବର୍ଜ୍ୟକୁ ଓଦା ଓ ଶୁଖିଲା ଅଲଗା ଅଲଗା କରି ଦେବା ସହ ବିପଦ ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ ବର୍ଜ୍ୟକୁ ମଧ ସ୍ୱତନ୍ତ୍ର ଭାବେ ଅଲଗା କରି ବିଏମ୍ ସି ସଫେଇ ଗାଡିକୁ ଦେବାକୁ ଅନୁରୋଧ କରାଯାଇଛି। କେବଳ ସେତିକି ନୁହେଁ, ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି। ଏ ସଂପର୍କରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ସହ ସେମାନଙ୍କ ଅଭିଭାବଙ୍କୁ ମଧ ଅବଗତ କରାଇବା ଜରୁରୀ। ସହରର ପ୍ରତ୍ୟେକ ବାସିନ୍ଦା ଘରୁ ବା ବଗିଚାରୁ ବାହାରୁଥିବା ଯେ କୌଣସି ବର୍ଜ୍ୟକୁ ଏଣେତେଣେ ନ ପକାଇ ଓଦା, ଶୁଖିଲା ଓ ଇଲେକ୍ଟ୍ରୋନିକ୍ ବର୍ଜ୍ୟକୁ ଅଲଗା ଅଲଗା କରି ବିଏମ୍ ସି ସଫେଇ ଗାଡିକୁ ଦେବାକୁ କୁହାଯାଇଛି। ଭୁବନେଶ୍ୱରର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ରାସ୍ତା, ପାର୍କ, ଖେଳ ପଡିଆ, ଡ୍ରେନ, କଞ୍ଜରଭେନ୍ସି ଲେନ୍, ଜଳାଶୟ, ମନ୍ଦିର, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ଯେପରି ସ୍ୱଚ୍ଛ ଓ ସବୁଜ ରହିବ, ସେଥିପାଇଁ ସମସ୍ତେ ଉଦ୍ୟମ କରିବାକୁ ଅନୁରୋଧ କରିଛନ୍ତି ମାନନୀୟା ମେୟର ଶ୍ରୀମତୀ ଦାସ। ଆଗାମୀ ଦିନରେ ସ୍ୱଚ୍ଛ ସହର ତାଲିକାର ଏକ ନମ୍ବର ସ୍ଥାନରେ ଯେପରି ଭୁବନେଶ୍ୱର ରହିବ, ସେଥିପାଇଁ ବିଏମ୍ ସି ଅଂଚଳର ଆବାଳ ବୃଦ୍ଧ ବନୀତା ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। କେବଳ ସ୍ୱଚ୍ଛତା ନୁହେଁ, ପରିବେଶକୁ ସବୁଜୀକରଣ କରିବା ଦରକାର ବୋଲି ସେ କହିଛନ୍ତି।

ବିଏମ୍ ସି କମିଶନର ଚଂଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଦ୍ୟାଳୟ ପରିବେଶ ପରିଷ୍କାର ରଖିବା ପାଇଁ ନିଜ ନିଜର ସ୍ୱତନ୍ତ୍ର ଯୋଜନା କରିବାକୁ କୁହାଯାଉଛି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କୁ ମଧ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ୱତନ୍ତ୍ର ଭାବେ ତାଲିମ ଦେବା ସହ ସେମାନଙ୍କ ମଧ୍ୟରେ ସ୍ୱଚ୍ଛତା ତଥା ସ୍ୱଚ୍ଛ ସର୍ବେକ୍ଷଣ ସଂପର୍କିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବାକୁ କୁହାଯାଇଛି।

# କଳିଙ୍ଗ ଷ୍ଟାଡିୟମରେ ଜାତୀୟ ଯୁବ ଦିବସ



ଭୁବନେଶ୍ୱର,୧୪।୧ (ମହାଭାରତ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସ୍ୱାମୀଜୀ ବିଶ୍ୱର ଏପରି ଜଣେ 'ୟୁଥ୍ ଆଇକନ୍' ଯାହାଙ୍କ ଆଦର୍ଶ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ବିଶେଷ କରି ଚିକାଗୋ ସମ୍ମିଳନୀର ଅତିଥିମାନଙ୍କୁ ତାଙ୍କ ଭାଇ ଓ ଭଉଣୀ ସମ୍ବୋଧନ ଯେଉଁ ସାର୍ବଭୌମ ଭ୍ରାତୃତ୍ୱଭାବର ବାର୍ତ୍ତା ଦେଇଥିଲା, ତାହା ଆଜି ବି ଇତିହାସର ଏକ ଗର୍ବିତ ଅଧ୍ୟାୟ ହୋଇ ରହିଛି। ଯୁବଶକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ସୂରଜ କହିଥିଲେ ଯେ, ଏକ ସମୃଦ୍ଧ ଜାତି ଓ ରାଷ୍ଟ୍ର ଗଠନ ପାଇଁ ଯୁବବର୍ଗଙ୍କ ସହଯୋଗ ଅପରିହାର୍ଯ୍ୟ। ଜୀବନରେ ସଫଳତା ପାଇବା ପାଇଁ ଶୃଙ୍ଖଳା ଜ୍ଞାନ ଏବଂ ଆତ୍ମଶକ୍ତିର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। ସ୍ୱାମୀଜୀଙ୍କ ବାଣୀ ସମସ୍ତ ଶକ୍ତି ତୁମ ଭିତରେ ରହିଛିକୁ ଉଦ୍ଧୃତ କରି ସେ ଯୁବପିଢ଼ିଙ୍କୁ ନିଜର ଦକ୍ଷତା ଉପରେ ବିଶ୍ୱାସ ରଖିବାକୁ ପରାମର୍ଶ ଦେଇଥିଲେ।

ରାମକୃଷ୍ଣ ମିଶନର ଅଧ୍ୟକ୍ଷ ସ୍ୱାମୀ ଆତ୍ମପ୍ରଭାନନ୍ଦ ମହାରାଜ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ବିଚାରଧାରା ଓ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସ୍ୱାମୀଜୀଙ୍କ ଶିକ୍ଷା କୌଣସି ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଚରିତ୍ର ଗଠନ ଓ ଆତ୍ମବିଶ୍ୱାସ ଜାଗ୍ରତ କରିବାର ଏକ ମହାମନ୍ତ୍ର। ଯୁବପିଢ଼ି ସେବା ଓ ତ୍ୟାଗ ମନୋଭାବ ନେଇ କାର୍ଯ୍ୟ କଲେ ହିଁ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ସେ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ।

## ସାମସଙ୍ଗ ପକ୍ଷରୁ ୧୭୫୦ ଯୁବକ-ଯୁବତୀଙ୍କୁ ଦକ୍ଷତା ପ୍ରମାଣପତ୍ର ପ୍ରଦାନ

ଭୁବନେଶ୍ୱର,୧୪।୧ (ମହାଭାରତ): ସାମସଙ୍ଗ, ଭାରତର ଏକ ବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଏହାର ଫ୍ଲାଗସିପ କୌଶଳ ବିକାଶ କାର୍ଯ୍ୟକ୍ରମ ଅଧିନରେ, ଜାତୀୟ ଯୁବ ଦିବସ ଅବସରରେ ଉତର ପ୍ରଦେଶରେ ଏହାର ପ୍ରମୁଖ କାର୍ଯ୍ୟକ୍ରମ ସାମସଙ୍ଗ ଅଭିନବୀକରଣ କ୍ୟାମ୍ପସ ମାଧ୍ୟମରେ ୧୭୫୦ଜଣ ଛାତ୍ର ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ନେଇ ଘୋଷଣା କରିଛି, ଯାହା ରାଜ୍ୟରେ ଯୁବ ଦକ୍ଷତା ବିକାଶ କ୍ଷେତ୍ରରେ କମ୍ପାନୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଲକ୍ଷ୍ନୌର ସିଟି ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଆୟୋଜିତ ଏହି ପ୍ରମାଣପତ୍ର ପ୍ରଦାନ ସମାରୋହରେ ଉତର ପ୍ରଦେଶ ସରକାରଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀମତୀ ରଜନୀ ତିୱାରୀ, ଅନ୍ୟାନ୍ୟ ଶିକ୍ଷାବିତ୍ ଏବଂ କାର୍ଯ୍ୟକ୍ରମ ସହଯୋଗୀ ମାନେ ଉପସ୍ଥିତ ଥିଲେ। ଏହି ବ୍ୟାଚ୍ ସହିତ, ଉତର ପ୍ରଦେଶରେ ସାମସଙ୍ଗ ଅଭିନବୀକରଣ କ୍ୟାମ୍ପସ ଅଧିନରେ ତାଲିମ ପ୍ରାପ୍ତ ମୋଟ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ୩୯୦୦ରେ ପହଂଚିଛି, ଯାହା ଏହି କାର୍ଯ୍ୟକ୍ରମ ଅଧିନରେ ଦ୍ରୁତ ଅଭିବୃଦ୍ଧି କରୁଥିବା ରାଜ୍ୟ ଗୁଡ଼ିକ ମଧ୍ୟରେ ଉତର ପ୍ରଦେଶ ଅନ୍ୟତମ। ଜାତୀୟ ସ୍ତରରେ ୨୦,୦୦୦ ଛାତ୍ର ଛାତ୍ରୀଙ୍କୁ ଦକ୍ଷ କରିବାର ବ୍ୟାପକ ଲକ୍ଷ୍ୟର ଅଂଶବିଶେଷ ସ୍ୱରୂପ, ସାମସଙ୍ଗ ଉତର ପ୍ରଦେଶରେ ୫,୦୦୦ ଯୁବକ ଯୁବତୀଙ୍କୁ ଦକ୍ଷ କରିବାକୁ ଘୋଷଣା କରିଛି।

# ରେଲୱେର ୨୦୯.୯୭ ନିୟୁତ ଟନ୍ ପଣ୍ୟ ପରିବହନ

ଭୁବନେଶ୍ୱର,୧୪।୧ (ମହାଭାରତ): ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ରେକର୍ଡ କରିଛି, ଯାହା ପ୍ରମୁଖ ସାମଗ୍ରୀ ଗୁଡ଼ିକରେ ନିରନ୍ତର ଚାହିଦା ଏବଂ ଉନ୍ନତ ଲଜିଷ୍ଟିକ୍ସ ଦକ୍ଷତାକୁ ପ୍ରତିଫଳିତ କରୁଛି। ଡିସେମ୍ବର ମାସ ପର୍ଯ୍ୟନ୍ତ ଅବଧି ମଧ୍ୟରେ, ପୂର୍ବତଟ ରେଳପଥ ୨୦୯.୯୭ ନିୟୁତ ଟନ୍ ମୋଟ ମାଲ ପରିବହନ ହାସଲ କରିଛି, ଯାହା ଗତ ବର୍ଷର ସମାନ ସମୟ ତୁଳନାରେ ୧୧% ଅଭିବୃଦ୍ଧି ପଞ୍ଜିକରଣ କରିଛି। ଏହି ପ୍ରଦର୍ଶନ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ ୪ ପ୍ରତିଶତ ଅଭିବୃଦ୍ଧିକୁ ମଧ ଦର୍ଶାଉଛି, ଯାହା ଏହି ଜୋନର ନିରନ୍ତର କାର୍ଯ୍ୟ ଦକ୍ଷତାକୁ ଦର୍ଶାଉଛି। ପୂର୍ବତଟ ରେଳପଥ ଦ୍ୱାରା ପଣ୍ୟ ବୋଝେଇ କରାଯାଇଥିବା ପ୍ରମୁଖ ଦ୍ରବ୍ୟ ଗୁଡିକ



ହେଲା:- ଫର୍ଟିଲାଇଜର ପରିବହନରେ ୪୦% ବୃଦ୍ଧି ଘଟିଥିବା ବେଳେ ଉତ୍ପାଦ ଇସ୍ପାତରେ ୩୧% ବୃଦ୍ଧି ଘଟିଛି। ସେହିଭଳି ଲୁହାପଥର ପରିବହନରେ ୨୦% ବୃଦ୍ଧି ପାଇଛି, ତତସହିତ ଖାଦ୍ୟ ଶସ୍ୟ ପରିବହନରେ ୧୬% ବୃଦ୍ଧି ରେକର୍ଡ କରାଯାଇଛି, ଯାହା କୃଷି ଏବଂ ମୁଖ୍ୟ ଶିଳ୍ପଗୁଡ଼ିକୁ ସମର୍ଥନ କରିବାରେ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରୁଛି। ପରିବହନ ହୋଉଥିବା ପ୍ରମୁଖ ସାମଗ୍ରୀ ମଧ୍ୟରେ କୋଇଲା ସ୍ଥିର ପ୍ରଦର୍ଶନ ବଜାୟ ରଖି ବିଦ୍ୟୁତ୍ ଏବଂ ଶିଳ୍ପ କ୍ଷେତ୍ରକୁ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରୁଛି। ଏହି ଉଲ୍ଲେଖନୀୟ ସଫଳତା ହାସଲ କରିବାରେ ଅନେକ ପ୍ରମୁଖ ପଦକ୍ଷେପ ବା ପ୍ରମୁଖ ଭୂମିକା ଗ୍ରହଣ କରାଯାଇଅଛି ଯାହାକୁ ନିମ୍ନରେ ପ୍ରଦତ୍ତ କରାଯାଇଅଛି। ନୂତନ ରେଳ ଲାଇନର ନିର୍ମାଣ ଏବଂ କାର୍ଯ୍ୟକ୍ଷମ ସହ ଦୋହରୀକରଣ ଏବଂ ତୃତୀୟ ଓ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟକାରିତା ଯାହା ସମଗ୍ର ଅଂଚଳରେ ସଂଯୋଗକୁ ବୃଦ୍ଧିକରିଅଛି।

# ପ୍ରଦୂଷଣ ସାର୍ଟିଫିକେଟ ନାମରେ ଲୁଟ୍ ବନ୍ଦ କର : ସିପିଆଇ

ଭୁବନେଶ୍ୱର,୧୪।୧ (ମହାଭାରତ): ମୋଟର ଭେହିକ୍ଲ ଆଇନର ସଂଶୋଧନ ନାମରେ ଲୁନା, ସ୍କୁଟର ଠାରୁ ଆରମ୍ଭ କରି, ଅଟୋ, କାର, ବସ୍, ଟ୍ରକ ସମସ୍ତ ପ୍ରକାରର ମୋଟର ଯାନ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନାମରେ ତଥାକଥିତ ଜାଂଚ୍ ଆଳରେ ସରକାର ସମ୍ପୃକ୍ତ ମୋଟର ଯାନ ମାଲିକ/ଚାଳକଙ୍କୁ ଦିନ ଦିନ ଧରି ଧାଡିରେ ଛିଡା ହେବାର ଦଣ୍ଡ ଦେଉଛନ୍ତି। ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଅତ୍ୟଧିକ ଜୋରିମାନା ବୋଝ ଗାଡି ବିକ୍ରୀ କରିବାକୁ ବାଧ୍ୟ କରାଯାଉଛି। ପ୍ରଦୂଷଣ ର ମାତ୍ରା ଯେଉଁ ବେଗରେ ବଢୁଛି, ସେଥିରେ ଭାରତ ସରକାର ଓ ରାଜ୍ୟ ସରକାର ମାନଙ୍କ ଅବହେଳା ସୀମା ଲଙ୍ଘନ କରୁଥିବା ବେଳେ ସରକାର ଯେଉଁ ଦିଗ ପ୍ରତି ଅଧିକ ଧ୍ୟାନ ଦେବା କଥା ତାହା କରୁ ନାହାନ୍ତି।

ବିପଜ୍ଜନକ ପ୍ରଦୂଷଣ ବନ୍ଦ ପାଇଁ କେନ୍ଦ୍ର ସରକାର ପ୍ୟାରିସ ଚୁକ୍ତିନାମା କାର୍ଯ୍ୟକାରୀ କରି ଜୀବାଶ୍ମ ଇନ୍ଧନ ବନ୍ଦ କରିବା, ଜଙ୍ଗଲ କାଟ କରି ପ୍ରତିଷ୍ଠା କରୁଥିବା ଖଣିଜ ଶିଳ୍ପାୟନ ବନ୍ଦ କରିବା, ବିଲଡର ମାନଙ୍କ ଅସୁରକ୍ଷିତ ତଥା ପ୍ରଦୂଷିତ ନିର୍ମାଣ ଶୈଳୀ ଉପରେ ଅଙ୍କୁଶ ଲଗାଇବା ସହ ପ୍ରଦୂଷଣ ମୁକ୍ତ ମୋଟରଯାନ ଉତ୍ପାଦନ ଉପରେ ଗୁରୁତ୍ୱ ନଦେଇ ସରକାର ଲୋକଙ୍କୁ ଦଣ୍ଡ ଦେବାକୁ ବସିଛନ୍ତି। ଜନଗଣଙ୍କ ଉପରୁ ପ୍ରଦୂଷଣ ସାର୍ଟିଫିକେଟ ନାମରେ ଜୋରିମାନା ରେ ଦେଶ ଚଳାଇବାର ରୁଗ୍ଣ ମାନସିକତା ପ୍ରତିବାଦରେ ଆଜି ଭୁବନେଶ୍ୱର ରାଜମହଲ ଛକରେ ସିପିଆଇ ଓ ବିକେଏମୟୁ ପକ୍ଷରୁ ବିକ୍ଷୋଭ ଓ ରାସ୍ତା ରୋକ ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭ ରେ ସିପିଆଇର ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା, ଭୁବନେଶ୍ୱର ଅଂଚଳ ସମ୍ପାଦକ କୈଳାସ ପୁହାଣ, ସହ ସମ୍ପାଦକ ବିଶ୍ୱଜିତ ନାୟକ ଓ ଶଙ୍କର ବାରିକ, ରାଧାକାନ୍ତ ଶତପଥୀ, ଶରତ ସ୍ୱାଇଁ, ମନୋଜ ବାରିକ, ପଂଚାନନ ସାହୁ, ଛେତମ୍ବର ଭୋଇ, ମୁରଲୀ ଭୋଇ ଓ ଶିବ ବେହେରା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# 'ଶିଶିର ସରସ'ରେ ନୃତ୍ୟ-ସଙ୍ଗୀତର ଝଙ୍କାର

ଭୁବନେଶ୍ୱର,୧୪।୧ (ମହାଭାରତ): ଶୀତୁଆ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ମତୁଆଲା ହେଉଛନ୍ତି ରାଜଧାନୀବାସୀ। ଓରମାସ ଏବଂ ସୁଭଦ୍ରା ଶକ୍ତିର ମିଳିତ ଉଦ୍ୟମରେ ଆୟୋଜିତ 'ଶିଶିର ସରସ ୨୦୨୬' ଦ୍ୱିତୀୟ ଦିନରେ ପହଂଚିଛି। ରବିବାର ସନ୍ଧ୍ୟାରେ କଳାହାଣ୍ଡିର ପ୍ରସିଦ୍ଧ ଘୁମୁରା ନୃତ୍ୟର ରଙ୍ଗୀନ ପ୍ରସ୍ତୁତି ଦର୍ଶକଙ୍କ ମନମୋହିବା ସହ, ରାୟଗଡ଼ାର ଢେମସା ଏବଂ ରାଜସ୍ଥାନୀ ଲୋକନୃତ୍ୟ ମଂଚକୁ ଲୋକସଂସ୍କୃତିର ଏକ ସଜୀବ ଚିତ୍ରରେ ପରିଣତ କରିଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଭାବେ ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ଦିବ୍ୟ କୁମାରଙ୍କ ସଙ୍ଗୀତମୟ ପ୍ରସ୍ତୁତି ଶ୍ରୋତାଙ୍କୁ ବାନ୍ଧି ରଖିଥିବା ବେଳେ, ଗୀତର ତାଳେ ତାଳେ ଝୁମୁଥାନ୍ତି ଦର୍ଶକ। ମେଳାର ଆଗାମୀ ଦିନଗୁଡ଼ିକରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ସହ ଓଲିଉଡ଼ର ପ୍ରସିଦ୍ଧ କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ସୂଚନାଯୋଗ୍ୟ ଯେ, ଆସନ୍ତା ବୁଧବାର ସନ୍ଧ୍ୟାରେ ଗାୟକ କୁଳଦୀପ ପଟ୍ଟନାୟକଙ୍କ ସଙ୍ଗୀତମୟ ପ୍ରସ୍ତୁତି, ଗୁରୁବାର ଓଡ଼ିଆ ସଙ୍ଗୀତ ଜଗତର ଅମର ସ୍ୱର-ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ସ୍ମୃତିରେ 'ହ୍ୟୁମାନ ସାଗର ନାଇଟ୍' ଏବଂ ଶୁକ୍ରବାର ଦିନ 'ଫ୍ୟାସନ ଶୋ' ଆୟୋଜିତ ହେବ। ଅପର ପକ୍ଷରେ ରବିବାର, କେରଳର ସେଂଟ୍ରାଲ ପ୍ଲାଂଟେସନ୍ କ୍ରପ୍ସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ସିପିସିଆରଆଇ) ପକ୍ଷରୁ 'ନଡ଼ିଆ ଓ ପ୍ଲାଂଟେସନ୍ ଫସଲର: ଫାର୍ମରୁ ବଜାର ପର୍ଯ୍ୟନ୍ତ ମୂଲ୍ୟ ସଂଯୋଜନ ଓ ଉଦ୍ୟମ ସୁଯୋଗ' ବିଷୟରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଯୋଗ ଦେଇଥିବା ଅଂଶଗ୍ରହଣକାରୀ ମାନେ ପୁରୀ, କେନ୍ଦୁଝର, ବାଲେଶ୍ୱର, ଜଗତସିଂହପୁର, ଭଦ୍ରକ ଓ ଖୋର୍ଦ୍ଧା ଜିଲ୍ଲାରୁ ଆସିଥିଲେ। ମେଳାରେ ଦକ୍ଷତା ବୃଦ୍ଧି ଓ ଗ୍ରାମୀଣ ଉଦ୍ୟମୀଙ୍କ ସଶକ୍ତିକରଣକୁ କେନ୍ଦ୍ର କରି ଆଗାମୀ ଦିନମାନଙ୍କରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଆୟୋଜିତ ହେବ।



ଏପିକଲ୍, ଭୁବନେଶ୍ୱର ପକ୍ଷରୁ ରାଜ୍ୟ ସରକାରୀ ଯୋଜନା ଓ ଉଦ୍ୟମ ପ୍ରୋତ୍ସାହନ ସମ୍ପର୍କିତ କର୍ମଶାଳା, ଆଇଆଇପି, ମୁମ୍ବାଇ ପକ୍ଷରୁ ପ୍ୟାକେଜିଂ, ବ୍ରାଣ୍ଡିଂ ଓ ଉତ୍ପାଦର ବଜାର ସଫଳତା କର୍ମଶାଳା, ଏନଆଇଏଫ ପକ୍ଷରୁ ଲାଗତ-କମ୍ ନବୀନ ପ୍ରଯୁକ୍ତି ସହ ଉତ୍ପାଦନ ଓ ପ୍ରକ୍ରିୟାକରଣ ସମ୍ପର୍କିତ କର୍ମଶାଳା, ଇଡିଆଇଆଇ ପକ୍ଷରୁ ଉଦ୍ୟମ ବିକାଶ, ବ୍ୟବସାୟ ପରିକଳ୍ପନା ଉପରେ କର୍ମଶାଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମୀଣ ଉତ୍ପାଦକମାନେ ପ୍ରାୟୋଗିକ ଜ୍ଞାନ ସହ ବଜାରମୁଖୀ ଦକ୍ଷତା ବିଷୟରେ ଜାଣିବାକୁ ପାଇବେ। ସେହିପରି ଆସନ୍ତା ଶନିବାର ଆଇଆଇଏମ୍, ଭୁବନେଶ୍ୱର ପକ୍ଷରୁ ନେତୃତ୍ୱ, ପରିଚାଳନା ଓ ଗ୍ରାମୀଣ ସଂସ୍ଥା ସଂଚାଳନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହେବ। ଏହି ସମସ୍ତ କର୍ମଶାଳା ପ୍ରତିଦିନ ସକାଳ ୧୧ଟାରୁ ଅପରାହ୍ଣ ୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ଏହା ସହ ହସ୍ତତନ୍ତ ସାମଗ୍ରୀ ପ୍ରତି ପରିଦର୍ଶକଙ୍କ ବେଶ୍ ଆଗ୍ରହ ଦେଖିବାକୁ ମିଳୁଥିବା ବେଳେ, ଫୁଡ୍ ଷ୍ଟଲ୍, ପ୍ଲେ ଜୋନ୍ ଓ ଅନ୍ୟାନ୍ୟ ଷ୍ଟଲ୍‌ଗୁଡ଼ିକରେ ଜମୁଥିବ ଭିଡ଼ ପାଇଁ ମେଳା ପରିସର ସାରାଦିନ ଚଳଚଂଚଳ ରହୁଛି।

# ମାଗଣା ବିଜୁଳି କେବେ ?

ଓଡ଼ିଶା ଭଳି ଯେଉଁସବୁ ରାଜ୍ୟରେ ମାଗଣା ବିଜୁଳି ବ୍ୟବସ୍ଥା ନାହିଁ, ସେସବୁ ରାଜ୍ୟରେ ଏଥିପାଇଁ ଦାବି ହେଉଛି ଏବଂ ବିରୋଧୀ ଆନ୍ଦୋଳନ କରୁଛନ୍ତି। ଆଉ ପ୍ରତି ରାଜ୍ୟ ବିଧାନସଭା ନିର୍ବାଚନରେ ଏହାକୁ ଏକ ସବୁ ଦଳ ନିଜ ଇସ୍ତାହାରରେ ସାମିଲ କରୁଛନ୍ତି। ଏମିତି ଏକ ସମୟ ଆସିବ, ସାରା ଦେଶରେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦିଆଯିବ। ଏହା ଅର୍ଥନୈତିକ ଦୃଷ୍ଟିରୁ କଦାପି ସ୍ୱାଗତଯୋଗ୍ୟ ନୁହେଁ। କୌଣସି ଦ୍ରବ୍ୟ ବା ସାମଗ୍ରୀକୁ ମାଗଣାରେ ଦିଆଯିବା ଅନୁଚିତ। କେବଳ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ମାଗଣା ଉପଲବ୍ଧ ହେବା ଉଚିତ। ଦିଲ୍ଲୀରେ ଚଳିତ ଆର୍ଥିକ ବର୍ଷରେ ମାଗଣା ବିଜୁଳି ବୋଝ ୪ହଜାର କୋଟି ଟପିଗଲାଣି। ସମ୍ଭବତଃ ଆସନ୍ତା ବର୍ଷ ଏହା ୫ହଜାର କୋଟି ହୋଇପାରେ। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ନିମନ୍ତେ ଅର୍ଥାଭାବ ଦେଖାଦେଉଛି। ଏହି ଟଙ୍କାରେ ବାୟୁ ପ୍ରଦୂଷଣ ରୋକିବାରେ କିଛି ନୂଆ ପଦକ୍ଷେପ ନିଆଯାଇପାରିଥାଆନ୍ତା। ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାର ମାନ ଉନ୍ନତ ହୋଇପାରିଥାଆନ୍ତା। ମାଗଣା ବିଜୁଳି ଏକ ଶସ୍ତା କାର୍ଯ୍ୟକ୍ରମ ଏଥିରେ ସନ୍ଦେହ ନାହିଁ। ଦିଲ୍ଲୀରେ ଆପ ସରକାର ଏହାକୁ ଆରମ୍ଭ କରିଥିଲେ। ଆପ ନେତା ଅରବିନ୍ଦ କେଜରିୱାଲ ହେଉଛନ୍ତି ଏହାର ଜନକ। ସାଧାରଣ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ସେ ନିର୍ବାଚନ ବେଳେ ଅନେକ ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ ଏକ ପ୍ରମୁଖ ପ୍ରତିଶ୍ରୁତି ଥିଲା ଗରିବ ଲୋକଙ୍କୁ ମାଗଣା ବିଜୁଳି ଓ କୃଷକଙ୍କୁ ମାଗଣା ପାଣି। ଦିଲ୍ଲୀରେ କେଜରିୱାଲ ସରକାର ଲୋକଙ୍କୁ ମାଗଣାରେ ବିଜୁଳି ଦେଉଛନ୍ତି। ପଞ୍ଜାବବାସୀ ମଧ୍ୟ ଏହାକୁ ବିଶ୍ୱାସ କରି ଆମ ଆଦମୀ ପାର୍ଟୀକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇଲେ। ଏବେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ ରାଜ୍ୟରେ ପ୍ରତି ଘରକୁ ୩ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଇ ଦେଉଛନ୍ତି। ଏହାକୁ ସାଧରଣ ନାଗରିକ ବେଶ ଖୁସିରେ ସ୍ୱାଗତ କରିଛନ୍ତି। ସବୁ ଜିନିଷର ଦରଦାମ ବଢୁଥିବା ବେଳେ ମାଗଣା ବିଜୁଳି ପାଇବା ସାଧାରଣ ଲୋକଙ୍କ ପାଇଁ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦିନ ବଜାୟ ରହିପାରିବ ତାହା ପ୍ରଶ୍ନବାଚୀରେ। ବିଜୁଳି ଉତ୍ପାଦନ ଗଛରେ ହେଉନି। ଏଥିଲାଗି ବେଶ ଖର୍ଚ୍ଚ କରିବାକୁ ପଡୁଛି। ଜଳବିଦ୍ୟୁତ ଉତ୍ପାଦନ ସହିତ ଥର୍ମାଲ ପାଓ୍ୱାର ସେଣ୍ଟରରୁ ବିଜୁଳି ଉତ୍ପାଦନ ହେଉଛି। ଆଉ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ଏବେ ସୁଦ୍ଧା ଭାରତରେ ସେପରି ଉଲ୍ଲେଖନୀୟ ହୋଇନାହିଁ। ଦେଶରେ ମୋଟ ବିଜୁଳି ଚାହିଦାର ୮୦ ପ୍ରତିଶତ ତାପଜ ବିଦ୍ୟୁତ କେନ୍ଦ୍ର ବା ଥର୍ମାଲ ପାଓ୍ୱାର ସେଣ୍ଟରରୁ ଆସୁଛି। ଏଥିପାଇଁ କୋଇଲାକୁ ଇନ୍ଧନ ଭାବେ ବ୍ୟବହାର କରାଯାଏ। କିନ୍ତୁ ଏବେ ଦେଶରେ କୋଇଲା ଅଭାବ ସହିତ ଏହାର ଦର ମଧ୍ୟ ବଢ଼ିଛି। ତେଣୁ ସ୍ୱାଭାବିକ ଭାବେ ତାପଜ ବିଦ୍ୟୁତ କେନ୍ଦ୍ରରୁ ଉତ୍ପାଦିତ ବିଦ୍ୟୁତ ଦର ମଧ୍ୟ ବଢ଼ିବ। ଅର୍ଥାତ ବିଭିନ୍ନ ରାଜ୍ୟରେ ବିଦ୍ୟୁତ ତାରିଫ ଆଗାମୀ ଦିନରେ ବଢ଼ିବା ସୁନିଶ୍ଚିତ। ଖରାଦିନେ ବିଦ୍ୟୁତ ଚାହିଦା ମଧ୍ୟ ବଢ଼ିଥାଏ। ତେଣୁ ବିଦ୍ୟୁତ ଅଭାବ ଅନୁଭବ କରାଯାଉଛି ଏବଂ ଆଗାମୀ ଦିନରେ ବିଜୁଳି କାଟ ସମ୍ଭାବନା ରହିଛି। ଏଭଳି ପରିସ୍ଥିତିରେ ପ୍ରତି ଘରକୁ ୩୦୦ ୟୁନିଟ ମାଗଣାରେ ବିଜୁଳି ଯୋଗାଣ ବେଶ କଷ୍ଟସାଧ୍ୟ। ଏ ବାବଦରେ ବିଦ୍ୟୁତ ଆବଣ୍ଟନକାରୀ କମ୍ପାନୀକୁ ସରକାର ଟଙ୍କା ଦେବେ। ୩୦୦ ୟୁନିଟ କିଛି କମ କଥା ନୁହେଁ। ଏହାର ବୋଝ ପରୋକ୍ଷରେ ଅନ୍ୟ କ୍ଷେତ୍ରରେ ପଡୁଛି। ଯାହା ବି ହେଲେ ଲୋକଙ୍କୁ ଏହାର ବୋଝ ବୋହିବାକୁ ପଡ଼ିବ। ନିକଟରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ କେତେକ ସଚିବ ରାଜ୍ୟ ସରକାରମାନେ ରାଜନୈତିକ ଦୃଷ୍ଟିରୁ ଯେପରି ମାଗଣା ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେଥିନେଇ ଉଦବେଗ ପ୍ରକାଶ କରିଥିଲେ।

# ପ୍ରତିଟି ଓଡ଼ିଆ ଘରର ମୁରବି

**॥ ଦେବାଶିଷ ଆଚାର୍ଯ୍ୟ ॥**

> *ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ।*

କୋଟି ବ୍ରହ୍ମାଣ୍ଡ ନାଥ, ପତିତପାବନ, କରୁଣାସାଗର ଶ୍ରୀଜଗନ୍ନାଥ ସର୍ବବ୍ୟାପୀ ସନାତନୀ। ତାଙ୍କ ଗୁଣ କୀର୍ତ୍ତନ, ଭଜନ, ଜଣାଣ, ସମର୍ପଣ ଭକ୍ତିନୈବେଦ୍ୟ ଯେତେ ବଖାଣିଲେ ବି ଭକ୍ତଙ୍କୁ ନିଅଣ୍ଟ ପଡ଼େ। ବହୁ ଜନ୍ମର ପୁଣ୍ୟଫଳ ଥିଲେ ତାଙ୍କ ସାନ୍ନିଧ ଲଭିବାର, ସେବା କରିବାର ସୁଯୋଗ ମିଳେ। ଭାବଗ୍ରାହୀ, ଭାବ ବିନୋଦିଆ କଳାଠାକୁର କିନ୍ତୁ ଭକ୍ତର ଦୁଃଖରେ ଦୁଃଖୀ, ଭକ୍ତର ସୁଖରେ ସୁଖୀ ହୋଇଥାନ୍ତି। ଯିଏ ତାର ଭକ୍ତକୁ ପୀଡ଼ା ଦିଏ, ସେ ସେହି ପାରନ୍ତିନି। ଭକ୍ତର ଆକୁଳ ଡାକରେ ସେ ତତ୍କାଳ ଉଭା ହୋଇ ଦୁଷ୍ଟକୁ ଶାସ୍ତି ଦେଇ ଭକ୍ତର ଆନନ୍ଦରେ ଆନନ୍ଦିତ ହୁଅନ୍ତି। ପ୍ରଭୁଙ୍କ ଏହି ଭକ୍ତବତ୍ସଳ ଭାବକୁ ପାଥେୟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗନ୍ନାଥପ୍ରେମୀ ଭକ୍ତଙ୍କୁ ଟିକିଏ ସୁଖ ଓ ନିର୍ବିଘ୍ନ ଜଗାଦର୍ଶନର ସୁଯୋଗ ଦେବା ନିମନ୍ତେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଛନ୍ତି।

ପ୍ରତିଟି ଓଡ଼ିଆ ଘର ମୁରବି, ଜଗତବନ୍ଧୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ପାଇଁ ଶ୍ରୀଜଗନ୍ନାଥଙ୍କୁ କେବଳ ଠାକୁର ବୋଲି ବିବେଚନା କରାଯାଇ ପାରେନା। ପ୍ରତିଟି ଓଡ଼ିଆଙ୍କ ପିଣ୍ଡର ପ୍ରାଣ ସେ, ଅନ୍ତରଙ୍ଗ, ଆତ୍ମୀୟଙ୍କ ଠାରୁ ବଳି। ଆଉ ତାଙ୍କ ଧାମ ନୀଳକନ୍ଦର ଶ୍ରୀକ୍ଷେତ୍ର ପ୍ରତିଟି ଓଡ଼ିଆଙ୍କ ପାଇଁ ମୁକ୍ତି ଆଉ ମୋକ୍ଷର ସ୍ଥାନ। ଶ୍ରୀକ୍ଷେତ୍ରରେ ପାଦ ଦେବା ମାତ୍ରେ ନିଜକୁ ହଜେଇଦିଏ ଭକ୍ତ, ଅଜାଣତରେ ଆନନ୍ଦାଶ୍ରୁ ଗଡ଼ାଏ, ବିଭୋର ହୁଏ। ଠିକ ଏମିତି ନିଜର ପ୍ରତିଟି ପୁରୀ ଗସ୍ତ ସମୟରେ ବିଭୋର ହୋଇ ଉଠୁଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୁରୀକୁ ଆସୁଥିବା ପ୍ରତିଟି ଶ୍ରଦ୍ଧାଳୁ ଏଠାରୁ କିପରି ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିବେ, ମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା ସୁନିଶ୍ଚିତ ସହ କିପରି ସମସ୍ତ ସୁବିଧା ଉପଲବ୍ଧ କରାଯାଇପାରିବ ସେ ନେଇ ସବୁବେଳେ ମୁଖ୍ୟମନ୍ତ୍ରୀ ଚିନ୍ତିତ ଥିଲେ। ଶ୍ରୀମନ୍ଦିରର ସୁରକ୍ଷା, ଭକ୍ତଙ୍କ ସୁବିଧା ଏବଂ ନିରାପତ୍ତା ସହ ଆଗନ୍ତୁକ ଭକ୍ତଙ୍କ ପାଇଁ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୁନିଶ୍ଚିତ କରିବା ଥିଲା ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା। ଏହି ପ୍ରାଥମିକତାକୁ ସାକାର ରୂପ ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତଜନଙ୍କ ପାଇଁ ଓଡ଼ିଶା ସରକାର ଶ୍ରୀକ୍ଷେତ୍ରର ବିକାଶ କରୁଛନ୍ତି। ପ୍ରତ୍ୟେକ ଓଡ଼ିଆଙ୍କ ସହଭାଗିତାରେ ବିଶ୍ୱନିୟନ୍ତାଙ୍କ ଐତିହାସିକ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ପୂର୍ଣ୍ଣାଙ୍ଗ କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରୁ ଶ୍ରୀକ୍ଷେତ୍ର ଅଭିମୁଖେ ଆରମ୍ଭ କରିଛି ଅର୍ପଣ ରଥ। ଜୟ ଜଗନ୍ନାଥ ଧ୍ୱନିରେ ମୁଖରିତ ହେଉଛି ଓଡ଼ିଶାର ପୁରପଲ୍ଲୀରୁ ସହରାଞ୍ଚଳ ସବୁଠି ଗାଁ ଓ ସହରର ଦାଣ୍ଡ। ମହାପ୍ରଭୁଙ୍କ ପାଇଁ ଏକାକାର ହୋଇଯାଇଛନ୍ତି ନେତା, ଜନତା ଆଉ ସଭିଏଁ। ନାହିଁ ବାଛ ବିଚାର କି ଭେଦଭାବ।

ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ବୃକ୍ଷରେ ଆଲ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ।

୨୦୨୧ ନଭେମ୍ବର ୨୪ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଗଜପତି ମହାରାଜଙ୍କ ଦିବ୍ୟ ଉପସ୍ଥିତିରେ ଏହି ଅଦ୍ୱିତ୍ୱ ଶ୍ରୀମନ୍ଦିର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ଏହାସହ ଶ୍ରୀମନ୍ଦିରର ଚାରିପଟେ ଥିବା ୭୫ ମିଟର ପରିମିତ ପରିଧିରେ ଜମି ଦେଇଥିବା ୧୮ଟି ମଠର ମହନ୍ତ ମହାରାଜ ଓ ୧୦୮ଜଣ ବ୍ୟକ୍ତିଗତ ଜମିଦାତାଙ୍କୁ ସରକାର ସମ୍ବର୍ଦ୍ଧିତ କରି କୃତଜ୍ଞତା ଜ୍ଞାପନ କରିଥିଲେ। ଏଠାରେ ଉଲ୍ଲେଖ କରାଯାଇପାରେ ଶ୍ରୀକ୍ଷେତ୍ରକୁ ଐତିହ୍ୟ ସହର ପାଇଁ ସରକାର ଅବଢ଼ା ଯୋଜନା ମାଧ୍ୟମରେ ସମୁଦାୟ ୨୨ଟି ପ୍ରକଳ୍ପ ପାଇଁ ୩୨୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର କାର୍ଯ୍ୟକାରିତା ଭିତରେ ରହିଛି ଅତି ସୁନ୍ଦର ପୂର୍ଣ୍ଣରୂପ। ମେଘନାଦ ପାଚେରୀ ଠାରୁ ୭ମିଟର ବଫର ଯୋନ ରହିଛି। ପରବର୍ତ୍ତୀ ୧୦ ମିଟର ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱ ପରିକ୍ରମା ଉଦ୍ଦେଶ୍ୟରେ ଖୋଲା ରହିଛି। ପରବର୍ତ୍ତୀ ୧୦ ମିଟରରୁ ୧୪ ମିଟର ଭିତରେ ଲ୍ୟାଣ୍ଡସ୍କେପ ଜୋନ, ପରବର୍ତ୍ତୀ ୮ ମିଟର ବାହ୍ୟ ପରିକ୍ରମା ମାର୍ଗ ଓ ଏହା ପରର ୧୦ ମିଟର ବିଶ୍ରାମ ଗୃହ ସୂଚନା କେନ୍ଦ୍ର ପାଇଁ ଓ ପରବର୍ତ୍ତୀ ୫ମିଟର ଶ୍ରୀମନ୍ଦିର ପ୍ରକଳ୍ପର ରକ୍ଷଣାବେକ୍ଷଣ, ପରବର୍ତ୍ତୀ ୪.୫ ମିଟର ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ପାଇଁ, ୭.୫ ମିଟର ଟ୍ରାଫିକ ଲେନ ନିମିତ୍ତ ଓ ଶେଷ ପରବର୍ତ୍ତୀ ୭ ମିଟର ପାର୍ଶ୍ୱବର୍ତ୍ତୀ ସାହି ବାସିନ୍ଦା, ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କ ଗାଡ଼ି ପାର୍କିଂ, ଭକ୍ତଙ୍କ ବସିବା ସ୍ଥାନ ଆଦି ରହିଛି।

ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା। ଓଡ଼ିଆ ଅସ୍ମିତାର ଆଦ୍ୟଉତ୍ସ ଆମ ଆରାଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏପରି ଭକ୍ତି ନୈବେଦ୍ୟ ଏକ ଐତିହାସିକ ଅବସର ଆମ ସମସ୍ତଙ୍କୁ ଦେବା ପାଇଁ ଯାଉଛି। ଓଡ଼ିଶାର ଲୋକପ୍ରିୟ ସରକାରଙ୍କ ଏହି ମହତପୂର୍ଣ୍ଣ ପ୍ରୟାସ ଫଳବତୀ ହେବାଦ୍ୱାରା ଓଡ଼ିଆଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭାବନାର ପୁନର୍ଜାଗରିତ ହେବାସହ ମହାପ୍ରଭୁଙ୍କ ମହାକୃପା ପ୍ରାପ୍ତି ହେବାର ଏହି ପ୍ରକଳ୍ପ ଏକ ମାଇଲ ଖୁଣ୍ଟ ହୋଇ ରହିବ।

ଦକ୍ଷିଣ ରାଢ଼ସ, ବଳଙ୍ଗା, ପୁରୀ
ଦୂରଭାଷ : ୯୭୭୮୬୩୫୯୨୬

# ଓଡିଆ ସାହିତ୍ୟର ଯୁଗାନ୍ତକାରୀ ସ୍ରଷ୍ଟା ଫକୀର ମୋହନ

**॥ ଅଲେଖ ଚନ୍ଦ୍ର ସାମଲ ॥**

ଫକିର ମୋହନ ୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲିକାଶପୁର ନାମକ ସ୍ଥାନରେ ଜନ୍ମ ଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଲକ୍ଷ୍ମଣଚରଣ ସେନାପତି ଓ ମାତାଙ୍କ ନାମ ତୁଳସୀ ଦେଇ। ତାଙ୍କର ବାଲ୍ୟଗୁରୁ ଥିଲେ ବୈଷ୍ଣବ ମହାନ୍ତି। ଗ୍ରାମ ଚାଟଶାଳୀ ରେ ପଢା ଶେଷରେ ସେ ନିଜ ଗୁରୁଙ୍କ ରୋଷାଇ କାର୍ଯ୍ୟ କରୁଥିଲେ ଯାହା ଥିଲା ତାଙ୍କ ବଡବାପାଙ୍କ ନିର୍ଦ୍ଦେଶ। କାରଣ ଦେଢ ବର୍ଷ ବୟସରେ ନିଜ ପିତାଙ୍କୁ ହରାଇବା ସହ ରୋଗାକ୍ରାନ୍ତ ରହୁଥିଲେ କିନ୍ତୁ ତାଙ୍କର ପିତାମହୀ ତାଙ୍କର ରୋଗମୁକ୍ତି ପାଇଁ ପୀରଙ୍କ ପାଖରେ ତାଙ୍କୁ ଟେକିଦେଇ କହିଥିଲେ ସେ ଆରୋଗ୍ୟ ହେଲେ ସେ ତାକୁ ଫକିର କରିଦେବେ। ରୋଗ ମୁକ୍ତ ହେବା ପରେ ସେ ଫକୀର ହେବା ସହ ମହରମ ସମୟରେ ଯାହା ଭିକ୍ଷା କରି ଆଣୁଥିଲେ ତାହା ପୀରଙ୍କୁ ଭୋଗ ଓ ସିରିଣି ଭାବେ ଦିଆ ଯାଉଥିଲା। ଏହା ଥିଲା ତାଙ୍କର ବାଲ୍ୟ ଜୀବନର କଥା। ବାଲ୍ୟକାଳରୁ ଅନେକ ଦୁଃଖ କଷ୍ଟ ସହ୍ୟ କରି ନିଜକୁ ବିଦ୍ୟାଧ୍ୟୟନରେ ପ୍ରତିଷ୍ଠିତ କରିଥିଲେ। ଅର୍ଥାଭାବ ଯୋଗୁ ସେ ଅଧିକ ପାଠ ପଢି ପାରିନଥିଲେ। କିନ୍ତୁ ତାଙ୍କର ବିଦ୍‌ବତ୍ତା ବଳରେ ସେ ବାରବାଟୀସ୍କୁଲରେ ଶିକ୍ଷକତା କରିବା ସହ ବାଲେଶ୍ୱର ମିଶନ ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ୧୮୬୪ ମସିହାରେ ନିଯୁକ୍ତ ହୋଇ ନିଜକୁ ଜଣେ ଦକ୍ଷ ଓ ଆଦର୍ଶ ଶିକ୍ଷକ ଭାବରେ ପ୍ରତିଷ୍ଠିତ କରାଇ ପାରିଥିଲେ। ୧୮୬୬ ମସିହାରେ ତାଙ୍କର ଶିକ୍ଷକତା ସମୟରେ 'ଓଡିଶାରେ ନ'ଅଙ୍କ ଦୁର୍ଭିକ୍ଷ' ପଡିଥିଲା। ଜଣେ ପ୍ରଚଣ୍ଡ ଇଶ୍ୱର ବିଶ୍ୱାସୀ ଭାବେ ଲୋକମାନଙ୍କ ରକ୍ଷା ନିମନ୍ତେ ବିଲରେ ଆସନପାରି ଇଶ୍ୱରଙ୍କୁ ଆରାଧନା କରୁଥିଲେ। ୭୪ ବର୍ଯରେ ତାଙ୍କ ଠାକୁର ମା'ଙ୍କ ଦେହାନ୍ତ ପରେ ସେ ଭାଙ୍ଗି ପଡିଥିଲେ। ସେ ନିଜ ଜୀବନର ଯାହା କିଛି ଉନ୍ନତି ତାହା ସବୁକିଛି ସେଇ ଠାକୁର ମାଙ୍କର ପୁଣ୍ୟର ଫଳ ବୋଲି ଭାବିବା ସହ ତାଙ୍କର ସ୍ମୃତି ଚାରଣ କରି ଲେଖିଥିଲେ " ମୋତେ ବଞ୍ଚାଇବା ପାଇଁ ଆହେ ବିଶ୍ୱପତି/ ଆପଣ କି ଠାକୁର ମାଙ୍କୁ ପଠାଇ ଅଛନ୍ତି ?- ଠାକୁର ମାଙ୍କ ଦୟା ଦେଖି ଭାବିଛିତ ମନେ / ତୁମ୍ଭେ ଏହିପରି ଦୟା କର ପ୍ରାଣୀଗଣେ"।

ଓଡିଶାରେ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ୧୮୬୮ ମସିହାରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କରି ଉକ୍ତ ପ୍ରେସରୁ " ସମ୍ବାଦବାହିକା ନାମରେ ଏକ ସମ୍ବାଦପତ୍ର ଓ ବୋଧଦାୟିନୀ" ନାମରେ ଏକ ସାହିତ୍ୟ ପତ୍ରିକା ପ୍ରକାଶ କରି ସମାଜକୁ ଏକ ଦର୍ପଣ ଦେଖାଇବା ସହ ସାହିତ୍ୟକୁ ରୁଦ୍ଧିମନ୍ତ କରିଥିଲେ। ଏହି ସମ୍ବାଦ ବାହିକା ଥିଲା ଓଡିଶାର ଦ୍ୱିତୀୟ ସମ୍ବାଦ ପତ୍ର ଯାହାର ସମ୍ପାଦକ ଥିଲେ ଗୋବିନ୍ଦ ପଟ୍ଟନାୟକ। ତା ପୂର୍ବରୁ ୧୮୬୬ ମସିହାରୁ ଗୌରୀଶଙ୍କର ରାୟଙ୍କ ଦ୍ୱାରା 'ଉତ୍କଳଦୀପିକା' ପ୍ରକାଶ ପାଉଥିଲା। ଏହି ଦୁଇଟି ସମ୍ବାଦପତ୍ର ସେତେବେଳେ ଉତ୍କଳର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରୁଥିଲା। କାନ୍ତି ଭଟ୍ଟାଚାର୍ଯ୍ୟ ସ୍କୁଲ ମାନଙ୍କରେ ଓଡିଆ ଭାଷାର ଉଚ୍ଛେଦ ବିରୁଦ୍ଧରେ ଫକିର ମୋହନ ସ୍ୱର ଉତ୍ତୋଳନ କରିବ ସହ ଅଣ୍ଟାଭିଡି ବାହାରି ଥିଲେ। ଓଡିଆ ଭାଷାକୁ ବଞ୍ଚାଇବା ପାଇଁ ଫକିରମୋହନ ଅନେକ ପାଠ୍ୟପୁସ୍ତକ ରଚନା କରିଥିଲେ ଯାହା ଭାରତ ବର୍ଷର ଇତିହାସ ବୃତ୍ତି ପରୀକ୍ଷାରେ ମନୋନିତ ହୋଇଥିଲା। କମିଶନର ରେଭେନ୍‌ସା ତାଙ୍କୁ ତିନିଶହ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେ ସମ୍ବାଦପତ୍ର ମାଧ୍ୟମରେ ବଂଗ ଭାଷାର ପ୍ରଚଳନ ବିରୋଧରେ କଟୁମନ୍ତବ୍ୟ ଦେବା ଫଳରେ ବଙ୍ଗାଳୀ ମାନେ ତାଙ୍କୁ 'ଶାଳା ରିଙ୍ଗ ଲିଡର' ବୋଲି କହୁଥିଲେ। ସେ ୧୩ ବର୍ଷ ବୟସରେ ନାରାୟଣ ପରିଡାଙ୍କ କନ୍ୟା ଲୀଳାବତୀଙ୍କ ସହିତ ବିବାହ ହୋଇଥିଲେ ସୁଦ୍ଧା ତାଙ୍କ ପତ୍ନିଙ୍କ କର୍କଶ ସ୍ୱଭାବ ଯୋଗୁ ତାଙ୍କ ସହିତ ମନୋମାଳିନ୍ୟ ରହୁଥିଲା। ମାତ୍ର ଅଳ୍ପ କିଛିଦିନ ପରେ ସେ ରୋଗଗ୍ରସ୍ତ ହୋଇ ମୃତ୍ୟୁ ବରଣ ପରେ ଫକିର ମୋହନ ଫୌଜଦାରୀ ହେଡକ୍ଲର୍କ ଶିବପ୍ରସାଦ ଚୌଧୁରୀଙ୍କ କନ୍ୟା କୃଷ୍ଣାକୁମାରୀଙ୍କ ସହ ୨୯ ବର୍ଷ ବୟସରେ ବିବାହ ହୋଇଥିଲା। କୃଷ୍ଣାକୁମାରୀ ଅତିବ ଧର୍ମପରାୟଣା ଥିଲେ। ଏ ବିବାହ ଫକିର ମୋହନଙ୍କ ଜୀବନରେ ଅମୃତର ବାରିଧାରା ପ୍ରବାହିତ କରିଥିଲା। ପତ୍ନିଙ୍କ ସହଯୋଗରେ ସେ ହୋଇପାରିଥିଲେ ଓଡିଆ ସାହିତ୍ୟର ଭାଗୀରଥି। ସେ ଉତ୍କଳର ବାଣୀଭଣ୍ଡାରକୁ ନିଜର ଅନେକ ରଚନା ବଳରେ ରୁଦ୍ଧିମନ୍ତ କରିପାରିଥିଲେ। ଉପନ୍ୟାସ କ୍ଷେତ୍ରରେ ତାଙ୍କର 'ମାମୁଁ ଓ ପ୍ରାୟଶ୍ଚିତ' ଥିଲା ଅତିବ ଚମତ୍କାର। ତାଙ୍କର ପ୍ରଥମ ଗଳ୍ପ 'ଲଛମନିଆ' 'ବୋଧଦାୟିନୀ'ରେ ପ୍ରକାଶ ପାଇଥିଲା। ଓଡିଆ ଭାଷାରେ ପାଠ୍ୟପୁସ୍ତକର ଅଭାବ ଦୂର କରିବା ପାଇଁ "ଭାରତ ଇତିହାସ, ରାଜପୁତ ଇତିହାସ, ଅଙ୍କମାଳା" ପ୍ରଭୃତି ରଚନା କରିଥିଲେ। ନିଜର ୨ୟ ପତ୍ନୀ ରୋଗଶଯ୍ୟାରେ ପଡିଥିବା ସମୟରେ ସେ ତାଙ୍କ ଚିତ୍ତ ବିନୋଦନ ପାଇଁ 'ସାତଖଣ୍ଡ ରାମାୟଣ, ଅଠରଖଣ୍ଡ ମହାଭାରତ, ଶ୍ରୀମଦ୍ ଭାଗବତ, ଗୀତା, ମୂଳ ହରିବଂଶ ପ୍ରଭୃତି ଅନୁବାଦ କରି ନିଜର ପତ୍ନୀଙ୍କ ଚିତ୍ ବିନୋଦନ ସହ ସାହିତ୍ୟ ଭଣ୍ଡାରକୁ ଝଙ୍କୃତ କରିଥିଲେ। ସେଥିପାଇଁ ସେ ଉତ୍କଳର ବ୍ୟାସ କବି ଭାବରେ ପରିଚିତ। ତାଙ୍କ ରଚିତ 'ଉତ୍କଳ ଭ୍ରମଣ' ଥିଲା ତାଙ୍କ ମାନସିକ ଅବସାଦର ପ୍ରତିଫଳନ। ୧୮୯୧ ମସିହାରେ ସେ କବି ଭାବରେ ରଚନା କରିଥିଲେ " ପୁଷ୍ପମାଲ୍ୟ, ଉପହାର" ପୁଷ୍ପମାଲ୍ୟ ଥିଲା ନିଜ ପତ୍ନୀ କୃଷ୍ଣାକୁମାରୀ ଙ୍କ ପ୍ରତି ଏକ ଗଭୀର ଶ୍ରଦ୍ଧାଞ୍ଜଳି। ସେ ଲେଖିଥିଲେ " କୁସୁମ କଳିକା ଥିଲା ସୌରଭର ଖଣି, ମଧୁମୟ ହାସ୍ୟମୁଖୀ ପ୍ରେମଲତା ମଣି- ଦୁଇ ଦିନ ପାଇଁ ମାୟା ମମତା ଲଗାଇ, ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ"। ନିଜ ପତ୍ନୀଙ୍କ ପ୍ରତି ଥିଲା ଏହା ତାଙ୍କ ହୃଦୟର କରୁଣ ଅଭିବ୍ୟକ୍ତି। ତାଙ୍କର ରଚିତ "ପୂଜାଫୁଲ, ଧୂଳି" ଥିଲା ମାତୃଭାଷାର ଶ୍ରେଷ୍ଠତ୍ୱ ପ୍ରତିପାଦନ। ତାଙ୍କ "ବୌଦ୍ଧାବତାର" ଥିଲା ଓଡିଶା ପ୍ରବନ୍ଧ ସାହିତ୍ୟକୁ ଏକ ଅମୂଲ୍ୟ ଦାନ। ତାଙ୍କ ରଚିତ ଛ'ମାଣ ଆଠଗୁଣ୍ଠ, ଲଛମା, ମାମୁଁ ଇତ୍ୟାଦୀ ଏକ ଅନବଦ୍ୟ ସୃଷ୍ଟି ସମ୍ଭାର। ତାଙ୍କ ରଚିତ ଆତ୍ମ ଚରିତ , ନନାଙ୍କ ପାଞ୍ଜି, ଥିଲା ସାହିତ୍ୟିକଙ୍କ ପାଇଁ ଦର୍ପଣ ସଦୃଶ। ଯଥାର୍ଥରେ ଫକିର ମୋହନ ଥିଲେ ଆଧୁନିକ ଓଡିଆ ସାହିତ୍ୟର ସେନାପତି। ଓଡିଆ ଭାଷାର ଘୋର ଦୁର୍ଦ୍ଦିନରେ ସେ ଲେଖନୀ ଚାଳନା କରି ସରଳ, ସରସ , ମୌଳିକ ଓ ମାର୍ଜିତ ଗଦ୍ୟ ସାହିତ୍ୟ ସୃଷ୍ଟି କରିଥିଲେ। କୌଣସି ପରମ୍ପରା ନଥିଲେ ସୁଦ୍ଧା ସେ ପ୍ରଥମଥର ପାଇଁ ସମାଜର ଅବହେଳିତ , ନଷ୍ପେଷିତ,ଜୀବନ ସଂଗ୍ରାମରେ ଉତ୍ପୀଡିତ ବ୍ୟକ୍ତି ବିଶେଷଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିଥିଲେ। ପଣ୍ଡିତ ନୀଳକଣ୍ଠ ଙ୍କ ଭାଷାରେ ଫକିର ମୋହନଙ୍କ ଉପନ୍ୟାସରେ ରୁଚିର ଅଭାବ ନାହିଁ, ଗରିମା ଅଛି ଅଥଚ ଗ୍ରାମ୍ୟତା ନାହିଁ। ତାଙ୍କୁ ଅନେକ ଉପନ୍ୟାସ ଜଗତର 'ଟମାସ୍ ହାର୍ଡି' କହିଥାନ୍ତି। ତାଙ୍କର ସାହିତ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ଦଳ ବା ଗୋଷ୍ଠି ପାଇଁ ଉଦ୍ଦିଷ୍ଟ ନଥିଲା। ସେ ନିଜ ଶିଶୁ ଅବସ୍ଥାରୁ ଲେଖନୀ ଚାଳନା କରିଥିଲେ ମଧ ଏ ପର୍ଯ୍ୟନ୍ତ ଓଡିଆ ଗଳ୍ପ, ଉପନ୍ୟାସ ଜଗତରେ ଅନତିକ୍ରମଣୀୟ ହୋଇ ରହିଛନ୍ତି।

ଖୋର୍ଦ୍ଧା, ମୋ.: ୬୩୭୦୬ ୭୫୫୬୨)

# ପାଟି ସୁଆଦରୁ ମୃତ୍ୟୁ

**॥ ଗିରିଧାରୀ ସାମଲ ॥**

ମ ଓଡ଼ିଆରେ ଏକ ନିତିଦିନିଆ ଢ଼ଗ କଥାଟିଏ ଅଛି। 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ସେହିପରି ଆଧ୍ୟାତ୍ମିକ ଶାସ୍ତ୍ର ଭଲ କଥାଟିଏ କହିଛି। ମଣିଷ ପାଇଁ ଖାଦ୍ୟ ନା ଖାଦ୍ୟ ପାଇଁ ମଣିଷ। ଆମ ଭିତରେ ଅନେକ ପାଟି ଟକଳା ରହିଛନ୍ତି ଯେଉଁମାନେ ଖାଦ୍ୟ ପାଇଁ ଆମେ ଯେପରି ଜନ୍ମ ହୋଇଛେ। ଅନେକ ଲୋକ ରହିଛନ୍ତି ଯେଉଁମାନଙ୍କର ରହିବା ପାଇଁ ଭଲଘର ନଥାଏ, ଦାମିକିଆ ଡ୍ରେସ ପତ୍ର କି ଆଦବ କାଇଦାରେ ବଞ୍ଚନ୍ତି ନାହିଁ କିନ୍ତୁ ଖାଇବାରେ ନୋ କମ୍ପ୍ରୋମାଇଜ। ଆମ୍ଭମାନଙ୍କ ଏହିପରି ଢ଼ଙ୍ଗରଙ୍ଗ ଓ ଖାଦ୍ୟ ଦୁର୍ବଳତାକୁ ଦେଖି ବଢୁଥିବା ବିଶ୍ୱ ବଜାର ପରିସ୍ଥିତି ଏବଂ ଜୀବନଶୈଳୀ କାରଣରୁ ଗତ ଦଶନ୍ଧି ଧରି ଫାଷ୍ଟଫୁଡ ସଂସ୍କୃତି ଆଗକୁ ବଢ଼ିବାରେ ଲାଗିଛି। ସ୍ୱାସ୍ଥ୍ୟ ପାଇଁ ଫାଷ୍ଟଫୁଡ ଅନୁପଯୁକ୍ତ ବୋଲି ଡାକ୍ତରମାନେ ବାରମ୍ବାର କହି ଆସୁଥିଲେ ମଧ ସେଥିପ୍ରତି କେହି ଦୃଷ୍ଟି ଦେଉନାହାଁନ୍ତି। ଛୋଟ ପିଲାଙ୍କ କ୍ଷେତ୍ରରେ ମୋଟାପଣ ବଢୁଥିଲା ବେଳେ ସ୍ୱାସ୍ଥ୍ୟଜନିତ ସମସ୍ୟା ଭୟଙ୍କର ରୂପ ନେଉଛି। ଫାଷ୍ଟଫୁଡ ସହ ଚଟପଟି ଦୋକାନ ସଂଖ୍ୟା ମଧ ଗଳିକନ୍ଦିରେ ବଢ଼ି ଚାଲିଛି। କର୍ମବ୍ୟସ୍ତ ଜୀବନରେ ରୋଷେଇ ଘରକୁ ନଯାଇ ବାହାରୁ ପଲିଥିନରେ ଖାଇବା ଆଣିବାକୁ ଅନେକ କରୁଛନ୍ତି ପସନ୍ଦ। ମାଆ ମାନେ ବି ହାତରନ୍ଧା ଖାଇବା ତିଆରି କରି ଝିନଝଟରୁ ମୁକ୍ତି ପାଇବା ପାଇଁ ବଜାର କିଣା ଖାଇବା ପ୍ରଥମରୁ ହିଁ ପିଲାମାନଙ୍କୁ ଦେଇ ଦଉଛନ୍ତି। ପରିଣାମ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜୀବନହାନୀ। ଅସୁରକ୍ଷିତ ଖାଦ୍ୟ କେବଳ ସ୍ୱଳ୍ପ ମିଆଦିରେ କ୍ଷତି ପହଞ୍ଚାଇନଥାଏ ବରଂ ଶରୀରରେ ରୋଗର ଏକ ଭୟଙ୍କର ଚକ୍ର ସୃଷ୍ଟି କରେ। ମେଡ଼ିକାଲ ସାଇନ୍ସ ରିପୋର୍ଟ ଅନୁସାରେ ଭାରତରେ ପ୍ରତିବର୍ଷ ଦୂଷିତ ଖାଦ୍ୟ ଏବଂ ଜଳ ପାଇଁ ୨୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥାଏ। ତେଲ ମସଲା ଏବଂ ବାସି ଖାଦ୍ୟ କାରଣରୁ ହେଉଥିବା ରୋଗ ଏବଂ ରୋଗଜନିତ ମୃତ୍ୟୁ ସଂଖ୍ୟା କାହିଁ କେତେ ଅଛି। ତେଣୁ ବଡ଼ ପ୍ରଶ୍ନ ଦୂଷିତ ଖାଦ୍ୟକୁ କାହିଁକି ଆମେ ରୋକିପାରୁନାହୁଁ ?

ଆମ ବଜାରକୁ ଦେଖିଲେ ଯେ କେହି ଭି କହିବ ଭାରତର ପ୍ରତିଟି ସ୍ଥାନରେ ଦୂଷିତ ଓ ନକଲି ସାମଗ୍ରୀର ପସରା ଖୋଲିସାରିଛି। ଓଡ଼ିଶାର କଟକ ସହରକୁ ରୌପ୍ୟ ନଗରୀ କୁହାଯାଉଥିଲା ବେଳେ ଏବେ ଏହାର ନାମ ବଦଳି ନକଲି ସହର ହୋଇଗଲାଣି। ଚା'ମସଲା ଠାରୁ ଆରମ୍ଭ କରି, ତେଲ, ଘିଅ ସବୁ ଏଠି ମିଳୁଛି ନକଲି। ଧରା ହେଉଛି, କିଛି ବନ୍ଧା ହେଉଛନ୍ତି ପୁଣି ଚାଲୁଛି ବେପାର। ସରକାରୀ କଳର ବିଫଳତାର ଏହା ହେଉଛି ନମୁନା। ସେହିପରି ରାଜ୍ୟର ପ୍ରତିଟି ସହରରେ ଅପମିଶ୍ରିତ ଏବଂ ଦୂଷିତ ଖାଦ୍ୟର ପସରା ଚାଲିଛି। କାଁ ଭାଁ ସିଏମସି ବା ବିଏମସି ଏବଂ ପ୍ରଶାସନିକ ଅଧିକାରୀମାନେ ଚଢ଼ାଉ କରୁଛନ୍ତି, ପରେ ଚୁପ ଚାପ ବସିଯାଉଛନ୍ତି। ଗରିବ ଠେଲାବାଲାଙ୍କ ଉପରେ ଦାଦାଗିରି ଦେଖାଇ ବଡ଼ ହୋଟେଲ ମାଲିକଙ୍କ ପାଖରେ ଲାଙ୍ଗୁଡ଼ ଯାକି ଠିଆ ହେଉଛନ୍ତି। ଗତ ବାଲିଯାତ୍ରା ବେଳେ ଛୋଟ ଛୋଟ ଦୋକାନୀଙ୍କ ଉପରେ ଦୂଷିତ ଅପରିଷ୍କାର ଖାଦ୍ୟ କହି ଚଢ଼ଉ କରିଥିଲେ କିନ୍ତୁ କୌଣସି ବଡ଼ ବଡ଼ିଆଙ୍କ ଦୋକାନ ଦୁଆର ମୁହଁ ବି ଏହି ଚଢ଼ଉକାରୀ ଦଳ ଯାଇନଥିଲେ। ଏହା ଖାଲି ଓଡ଼ିଶାର କଥା ନୁହେଁ ଦେଶର ପ୍ରତିଟି ସ୍ଥାନରେ ଏହି ଚିତ୍ର ଦେଖିବାକୁ ମିଳୁଛି। ଅପମିଶ୍ରିତ ଖାଦ୍ୟକୁ ଦୃଷ୍ଟିରେ ରଖି ନିକଟରେ କେନ୍ଦ୍ରର ସଂସଦୀୟ ସମିତି ପରାମର୍ଶ ଦେଇଛି ଯେ ନକଲି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକୁଥିବା ଦୋଷୀଙ୍କୁ ସର୍ବନିମ୍ନ ଛଅ ମାସ ଦଣ୍ଡ ମିଳିବା ଦରକାର। ଏଥିସହ ସମିତି ୨୫ ହଜାର ଟଙ୍କାର ଜରିମାନା ପାଇଁ ମଧ ପରାମର୍ଶ ଦେଇଛି। ସାଂସଦ ବ୍ରଜଲାଲଙ୍କ ଅଧ୍ୟକ୍ଷତାରେ ଗଠିତ ସମିତି ପକ୍ଷରୁ କୁହାଯାଇଛି ଯେ, ନକଲି ଅପମିଶ୍ରିତ ଖାଦ୍ୟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଏହା ଉପରେ ଲଗାମ ଲଗାଇବା ଜରୁରୀ। ନିୟମ ଲାଗୁ ହେବ, ହେଲେ ଏହାକୁ କାର୍ଯ୍ୟକାରୀ କରିବ କିଏ ? ଖାଦ୍ୟ ସୁରକ୍ଷା ଯାଞ୍ଚରେ ଥିବା ଅଧିକାରୀମାନେ ଯଦି ସେମାନଙ୍କ ଦାୟିତ୍ୱ ସଠିକ ଭାବେ ତୁଲାଇପାରନ୍ତେ ତେବେ ଅଧିକାଂଶରେ ଏହି ସମସ୍ୟା ଦୂର ହୋଇପାରନ୍ତା। ଏହି କ୍ଷେତ୍ରରେ ସାଧାରଣ ଲୋକଙ୍କର ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ। ସୋସିଆଲ ମିଡ଼ିଆରେ ଗୁପଚୁପ ଆଳୁକୁ ପାଦରେ ଦଳିବା, ବାସି ମସଲାରେ ଚାରିଦିନ ତଳର ଚିକେନ କଷା କରିବା, ଅଳିଆ ଆବର୍ଜନା ସ୍ଥାନରେ ଖାଦ୍ୟ ପ୍ରସ୍ତୁତି ହେଉଥିବା ଦୃଶ୍ୟ ଆମେ ନିୟମିତ ଦେଖୁଛେ। ହେଲେ ପାଟି ସୁଆଦ, ଘରେ କାମ କରିବାକୁ ପଡ଼ିବନି ଭାବି ଏହି ଦୋକାନ ଆଗରେ ଲାଇନ ଲଗାଇବା ସୂଚାଇ ଦେଉଛି ଯେ, ଆମେ ଆଦୌ ନିଜ ସ୍ୱାସ୍ଥ୍ୟ ପାଇଁ, ପରିବାର ପାଇଁ ଚିନ୍ତିତ ନୁହେଁ। ସରକାରୀ ଅଧିକାରୀମାନେ ପୂଜାପାର୍ବଣ ଆସିଗଲେ ଖାଓ ଗଳି ଠାରୁ ଆରମ୍ଭ କରି ରାସ୍ତାକଡ଼ର ଠେଲା ଦୋକାନୀଙ୍କ ଉପରେ ଚଢ଼ାଉ କରନ୍ତି। ଆଗକୁ କଟକ ବାଲିଯାତ୍ରା। ହଣ୍ଡାହଣ୍ଡା ବାସି ଦହିବରା ଆଳୁଦମ, ବଭାଗୀୟ ଅଧିକାରୀମାନେ ତଳେ ଫିଙ୍ଗୁଥିବା ଫଟୋ ଏବଂ ଭିଡ଼ିଓ ମଧ ଆମେ ଦେଖିବା। ହେଲେ ଆମେ ସଚେତନ ନୁହେଁ କି ଅଧିକାରୀମାନେ ମଧ ନିଜ ଦାୟିତ୍ୱକୁ ନେଇ ସତର୍କ ନୁହଁନ୍ତି। ଦିନେ ଅଧେ ବେପାର କ୍ଷତି ପରେ ଏହି ବ୍ୟବସାୟୀମାନେ ପୁଣି ଆରମ୍ଭ କରିଦିଅନ୍ତି। ସେହି ପୁରୁଣା ଧାରା।

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# କୀଡୀନି ରୋଗରେ ପୀଡିତ ମେଧାବୀ ଦଶମ ଛାତ୍ର

ଅସ୍ତରଙ୍ଗ, (ମହାଭାରତ) : କଥାରେ ଅଛି ଦଇବ ଦୌଡ଼ି ମଣିଷ ଗାଇ ଯେଣିକି ଟାଣଇ ତେଣୀକି ଯାଇ। ଏକଥା କେଉଁ ପୂର୍ବ ପୁରୁଷ ରୁ ଲୋକ କଥା ଭାବେ ରହି ଆସିଛି ମାତ୍ର ଏହାର ବାସ୍ତବ ଚିତ୍ର ଆଜି ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ରାମଚନ୍ଦ୍ରପୁର ଗ୍ରାମ ରେ। ଏହି ଗ୍ରାମ ରେ ବାସ କରୁଥିବା ପଞ୍ଚାନନ ସ୍ୱାଇଁ ଜଣେ ଦିନ ମଜୁରିଆ ଜମିବାଡ଼ି ବୋଲି କିଛି ନାହିଁ। ପର ଜମିକୁ ଭାଗ ଚାଷ ଓ ମଜୁରୀ ଲାଗି ନିଜର ଚାରି ପ୍ରାଣୀ ପରିବାର ଙ୍କୁ ପ୍ରତିପୋଷଣ କରନ୍ତି। ଘରେ ତାଙ୍କ ଧର୍ମ ପତ୍ନୀ ରଞ୍ଜୁଲତା ଓ ଦୁଇ ଝିଅ ଆଉ ଏକ ୧୫ ବର୍ଷ ର ପୁଅ ହେଲେ ଏଭଳି ସେ ପୁଅ ଏତେ ଅଭାବ ଭିତରେ ପାଠ ପଢି ବ୍ଲକ ସ୍ତରରେ ସୁନାମ ଅର୍ଜନ କରିଛନ୍ତି କେବଳ ବ୍ଲକ ନୁହେଁ ଜିଲ୍ଲା ଓ ରାଜ୍ୟ ସ୍ତରରେ ମଧ୍ୟ ତାଙ୍କ ପୁଅ ସତ୍ୟ ପ୍ରକାଶ ସ୍ୱାଇଁ ସୁନାମ ଅର୍ଜନ କରିଛନ୍ତି। ଜିଲ୍ଲାପାଳ ଙ୍କ ଠୁ ଆରମ୍ଭ କରି ଉପ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ମେଧାବୀ ଛାତ୍ର ଙ୍କୁ କରିଛନ୍ତି ସମ୍ବର୍ଦ୍ଧିତ। ଆଉ ଅଳ୍ପ ଦିନ ପରେ ଆରମ୍ଭ ହେବ ଦଶମ ପରୀକ୍ଷା ସତ୍ୟ ଙ୍କ ପାଠ ପଢାକୁ ଦେଖି ସ୍କୁଲ, ଘର ଠାରୁ ଆରମ୍ଭ କରି ସମସ୍ତେ ଆଶା କରିଥିଲେ ସେ ଜିଲ୍ଲା ରେ ଟପର ହେବ ବୋଲି। କୁହୁଡ଼ି ଲବଣ ସତ୍ୟାଗ୍ରହ ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠ ର ଦଶମ ଶ୍ରେଣୀ ଛାତ୍ର ମାତ୍ର ଭଗବାନ ଙ୍କ ନିୟତି କିଛି ଅଲଗା ପାଠ ପଢିବା ସମୟ ରେ ସେ ଆଜି ରୋଗ ଶଯ୍ୟା ରେ ମରଣ ସହିତ ଲଢେଇ କରୁଛନ୍ତି। ଗତ କିଛି ଦିନ ଧରି ବାରମ୍ବାର ଶରୀର ଅସୁସ୍ଥ ହେବାରୁ ଅସ୍ତରଙ୍ଗ ଡାକ୍ତର ଖାନାକୁ ଆସି ମେଡ଼ିସିନ ଖାଇଥିଲେ ହେଲେ କିଛି ସୁଫଳ ମିଳିନଥିଲା ସେଠାର ଡାକ୍ତର ଙ୍କ ପରାମର୍ଶ କ୍ରମେ ସେ ପରିବାର ସହିତ ଭୁବନେଶ୍ୱର ଯାଇ ସେଠି ଚିକିତ୍ସା କରାଇଥିଲେ ହେଲେ ଡାକ୍ତର କହିଲେ ସତ୍ୟ ଙ୍କ ଦୁଇ ଗୋଟି କୀଡ଼ିନି ନଷ୍ଟ ହୋଇଯାଇଛି କୀଡ଼ିନି ପ୍ରତ୍ୟାରୋପଣ ପାଇଁ ଆବଶ୍ୟକ ୫୦ ରୁ ୬୦ ଲକ୍ଷ ଟଙ୍କା ବାପା ଜଣେ ଦିନ ମଜୁରିଆ ପିଲା ର ଏଭଳି ଘଟଣା ଶୁଣିବା ପରେ ବର୍ତ୍ତମାନ ସମ୍ପୂର୍ଣ୍ଣ ପରିବାର ଦୁଃଖ ରେ ଭାଙ୍ଗିପଡିଛନ୍ତି।ଯିଏ ମଜୁରୀ ଲାଗି ଦିନକୁ ୫ ସହ ଟଙ୍କା ଆଣିଲେ ପିଲାଙ୍କ ମୁହଁରେ ଆହାର ଦିଏ ତାଙ୍କ ପାଇଁ ଆଜି ୫୦ ଲକ୍ଷ ଟଙ୍କା ସାତ ସପନ ହୋଇଯାଇଛି। ଯାହା କିଛି ରଖିଥିଲେ ତାହା ପୁଅ ର ଡାଇଲେସିସ ରେ ଖର୍ଚ୍ଚ ହେବା ପରେ ହାତ ଉଧାର କରି ବର୍ତମାନ ଋଣ ଗ୍ରସ୍ତ ହୋଇଗଲେଣି। ସରକାର ଙ୍କ ପ୍ରଦତ୍ତ ସ୍ୱାସ୍ଥ୍ୟ କାର୍ଡ ରେ ଏହି ଚିକିତ୍ସା ସମ୍ଭବପର ନୁହେଁ ତେଣୁ କିପରି ନିଜ ପୁଅକୁ ଚିକିତ୍ସା କରାଇବେ ସେ କଥା ଭାବି ଭାବି ଆଖିରୁ ଲୁହ ଗଡାଉଛନ୍ତି ପରିବାର।ଯେଉଁ ବୟସ ରେ ପିଲା ମାନେ ବିଦ୍ୟାଳୟ ରେ ପାଠ ପଢିବା ସହ ହସ ଖୁସି ଖେଳ ରେ ଦିନ କାଟୁଛନ୍ତି ଆଜି ସେ ବୟସ ରେ ସତ୍ୟପ୍ରକାଶ ଜୀବନ ସହିତ ଲଢେଇ କରୁଛନ୍ତି।ବିଦ୍ୟାଳୟ ର ଶିକ୍ଷକ ଛାତ୍ରଛାତ୍ରୀ ମାନେ ମଧ୍ୟ ଝୁରୁଛନ୍ତି ସତ୍ୟ ପ୍ରକାଶ ଙ୍କୁ ଯିଏ ପାଠ ସାଠ ରେ ଟପ୍ପର ହୋଇ ଆଜି ଆମ ବିଦ୍ୟାଳୟ ର ନା କୁ ରାଜ୍ୟ ରେ ପରିଚିତ କରିଛି ସେ ପିଲା ର ଆଜି ଏଭଳି ଅବସ୍ଥା।ତେଣୁ ଗୋଟେ ନିରୀହ ବାପା ମାଆ ଙ୍କର ଦୁଃଖ କୁ ପରଖି ସରକାର କିମ୍ବା କେଉଁ ବଦାନ୍ୟ ବ୍ୟକ୍ତି ଯଦି ଏହିଭଳି ସର୍ବଗୁଣ ସମ୍ପନ୍ନ ମେଧାବୀ ଛାତ୍ର କୁ ଚିକିତ୍ସା କରିବାରେ ସହଯୋଗ ର ହାତ ବଢେଇବ ତେବେ ଆଗାମୀ ଦିନରେ ସତ୍ୟ ପ୍ରକାଶ ଗୋଟେ ନୂତନ ଜୀବନ ପାଇବା ସହ ଭବିଷ୍ୟତ ରେ ଗୋଟେ ସୁନାମ ଧନ୍ୟ ନାଗରିକ ହୋଇପାରିବ ବୋଲି ଆଶା ରଖିଛନ୍ତି ପରିବାର ସହିତ ସମସ୍ତ ଅଂଚଳ ବାସି ଯଦି କୌଣସି ବଦାନ୍ୟ ବ୍ୟକ୍ତି କିଛି ଆର୍ଥିକ ସାହାଯ୍ୟ କରିବାକୁ ଚାହିଁବେ ତାହାଲେ ୭୮୪୬୮୨୮୪୬୧ଏହି ମୋବାଇଲ ନମ୍ବର ରେ ତାଙ୍କ ପିତା ପଞ୍ଚାନନ ସ୍ୱାଇଁ ଙ୍କ ସହ ଯୋଗାଯୋଗ କରି ପାରିବେ। ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ଙ୍କୁ ପୁଅର ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି।

# ସାହିତ୍ୟିକା ଛବିରାଣୀ ପତିଙ୍କୁ ବାରବାଟୀ ନୃତ୍ୟୋତ୍ସବ ୨୦୨୬ 'ଲିଟେରାରୀ ଆୱାର୍ଡ଼'




କଟକ, (ମହାଭାରତ) : ଐତିହାସିକ ବାରବାଟୀଦୁର୍ଗ ନାମରେ ନାମିତ ବାରବାଟୀ ନୃତ୍ୟୋତ୍ସବର ୨୬ ତମ ଉତ୍ସବ କଟକ, ସାରଳା ଭବନରେ ଉଦ୍ଘାଟିତ ହୋଇଯାଇଛି । ସଭାପତି ନୃତ୍ୟଗୁରୁ ପ୍ରିୟରଞ୍ଜନ ଦାସଙ୍କ ସଭାପତିତ୍ୱରେ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଗୁରୁ ନିମକାନ୍ତ ରାଉତରାୟ , ଓଡ଼ିଶା ଇଫକୋ ଅଧିକାରୀ ପ୍ରସନ୍ନ କୁମାର ବେଉରା ଓ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଅତିଥି ମାନଙ୍କ ଗହଣରେ ସଙ୍ଗୀତ ଶିଳ୍ପୀ ଡ଼. ସଙ୍ଗୀତା ଗୋସ୍ୱାଇଁଙ୍କ କରକମଳରୁ ଓଡ଼ିଶାର ସୁପ୍ରତିଷ୍ଠିତ ସାହିତ୍ୟିକା ଛବିରଣୀ ପତି ସ୍ୱତନ୍ତ୍ର ଭାବରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହିତ ମର୍ଯ୍ୟାଦା ଜନକ ୨୦୨୬ ବାରବାଟୀ ନୃତ୍ୟୋତ୍ସବ 'ଲିଟେରାରୀ ଆୱାର୍ଡ଼' ପାଇ ସମ୍ମାନିତ ହୋଇଛନ୍ତି । ଏଥିପାଇଁ ଶ୍ରୀମତୀ ପତିଙ୍କୁ ସାହିତ୍ୟିକ ବନ୍ଧୁ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଅସହାୟଙ୍କ ସାହାରା ଟିଟୁ ପଣ୍ଡା ଙ୍କ ' ଏକ୍ସ ', ପୋଷ୍ଟ ମାଧ୍ୟମରେ ଶତାଧିକ ସମସ୍ୟାର ସମାଧାନ କଲେଣି

ପାତ୍ରପୁର, (ମହାଭାରତ) ସନ୍ତୋଷ କୁମାର ପଣ୍ଡା : ସାଧାରଣ ଲୋକଙ୍କ ସାହାରା ପାଲଟିଛନ୍ତି ସମାଜସେବୀ ଟିଟୁ ପଣ୍ଡା ଙ୍କ (ଟ୍ୱିଟ) " ଏକ୍ସ" । ବହୁ ବଡ ବଡ ସମସ୍ୟା ର ହେଉଛି ସମାଧାନ ବହୁ ଗୁଡାଏ ସମସ୍ୟା କୁ ନେଇ ଆଉ ବାରମ୍ବାର ସରକାରୀ କାର୍ଯ୍ୟାଳୟ କୁ ଦୌଡିବାକୁ ପଡୁନି । କେବଳ ଗୋଟିଏ ପୋଷ୍ଟ ସାହାଯ୍ୟରେ ଅନେକ ସମସ୍ୟାର ସମାଧାନ ହୋଇପାରୁଛି । ଏ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ "ଏକ୍ସ" ହିଁ ନିର୍ଭର ଯୋଗ୍ୟ ମାଧ୍ୟମ ପାଲଟିଛି । ଖାସ ଏଥି ପାଇଁ କେତେକ ଲୋକ କେବଳ ସମାଜସେବୀ ଟିଟୁ ଙ୍କ ' ଏକ୍ସ' ଏକାଉଣ୍ଟ ଉପରେ ଭରସା କରୁଛନ୍ତି । ଦୀର୍ଘଦିନ ଧରି ଟୁଇଟ ର ମାଧ୍ୟମରେ ଜଣେ ସମାଜସେବି ଲୋକଙ୍କ ସମସ୍ୟାର ସମାଧାନ କରି ଆସୁଛନ୍ତି । ଜିଲ୍ଲା ପ୍ରଶାସନ କୁ ବହୁତ ଗୁଡାଏ ସମସ୍ୟା କୁ ନେଇ ଅବଗତ କରିବା ପରେ ପ୍ରଶାସନ ଧନ୍ୟବାଦ ଅର୍ପଣ ମଧ୍ୟ କରିଥିବା ନେଇ ସମାଜସେବୀ କହିଛନ୍ତି । ସେ ହେଲେ ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ଜୟନ୍ତିପୁର ଗ୍ରାମର ଶିକ୍ଷକ ସ୍ୱର୍ଗତ ପ୍ରଭାକର ପଣ୍ଡା ଙ୍କ ପୁତ୍ର ଟିଟୁ ପଣ୍ଡା । କେବଳ ଗଞ୍ଜାମ ଜିଲ୍ଲା ନୁହେଁ ଏଭଳି ବିଭିନ୍ନ ଜିଲ୍ଲାର ଲୋକଙ୍କ ସମସ୍ୟା ପ୍ରଶାସନର ଦୃଷ୍ଟିକୁ ଆଣି ସମାଧାନ କରିବାରେ ସଫଳ ହୋଇଛନ୍ତି । ସମସ୍ୟା ର ସମାଧାନ ନ ହେବା ଯାଏ ସେ ବାରମ୍ବାର ଟ୍ୱିଟ କରୁଛନ୍ତି । ଆଉ ଶେଷରେ ପ୍ରଶାସନ ସମାଧାନ କରିବାକୁ ବାଧ ହୋଇଥାଏ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଟିଟୁ ଛୋଟ ବେଳୁ ତାଙ୍କ ବାପା ଙ୍କ ଶିକ୍ଷା ରୁ କିଛି ଶିକ୍ଷା ଲାଭ କରି ଭଲ ପାଠ ପଢିବା ସହିତ ବହୁ ପ୍ରତିଭା ର ଅଧିକାରୀ ଅଟନ୍ତି । ସେ ପାଠ ପଢିବା ସହ ଭଲ କବିତା ଲେଖିବାକୁ ଏବଂ ସମାଜ ସେବା ପ୍ରତି ତାଙ୍କର ବହୁତ ମନ ଭାବ ରହିଛି ।

# ବିପୁଳ ପରିମାଣର ଦେଶୀ ମଦ ଜବତ ସହ ପାଞ୍ଚ ଜଣ ଗିରଫ

ଆସିକା, (ମହାଭାରତ) : ବିଭିନ୍ନ ସ୍ଥାନରେ ମଦ ମୃତ୍ୟୁ ପରେ ବି ଗଞ୍ଜାମ ଜିଲ୍ଲା ଆସିକା ଅଞ୍ଚଳରେ କମିବାର ନାଁ ଧରୁନି ବିଷାକ୍ତ ଦେଶୀ ମଦ ପ୍ରସ୍ତୁତି । ପ୍ରଶାସନ କୁ ମଦ ବେପାରୀଙ୍କ ନାହିଁ ଭୟ କ୍ଷ ଅଞ୍ଚଳରେ ମାଳ ମାଳ ବେଆଇନ ଦେଶୀ ମଦ ଭାଟି । ପ୍ରତ୍ୟେକ ଦିନ ପ୍ରସ୍ତୁତ ହେଉଥିବା ହଜାର ହଜାର ଲିଟର ବିଷାକ୍ତ ଦେଶୀ ମଦ ଅବାଧରେ ବଜାରରେ ଚାଲିଛି ବିକ୍ରୀ । ଆଉ ବିଷାକ୍ତ ମଦ ପିଇ ମରଣ ମୁଖରେ ପଡୁଛନ୍ତି ଲୋକେକ୍ଷ ଆସିକାର ବିଭିନ୍ନ ସ୍ଥାନରେ ବେଆଇନ ବିଷାକ୍ତ ମଦ ପ୍ରସ୍ତୁତ ଚାଲିଥିବା ଖବରପାଇ ଆଜି ଆସିକା ଥାନା ଅଧିକାରୀ କୁଳମଣି ସେଠିଙ୍କ ନେତୃତ୍ୱରେ ଆସିକା ସହକାରୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ଜେନା, ଏସ ଆଇ ଏଲିସ୍ମିତା ଜେନା, ହିମାଂଶୁ ଶେଖର ପାତ୍ର ଙ୍କୁ ନେଇ ଏକ ଟିମ ଆସିକା ଥାନା ବାଲିଶିରା ଗ୍ରାମରେ ଗୋଟିଏ ମଦ ପ୍ରସ୍ତୁତ ଆଡ୍ଡାରେ ଚଢ଼ାଉ କରିଛି। ଚଢ଼ାଉବେଳେ ୨୫ କିଲୋଗ୍ରାମ ୟୁରିଆ ସାର ୨୦ କିଲୋଗ୍ରାମ ଗୁଡ଼ ସହ ୧୦୦ ଲିଟର ଦେଶୀ ରନ୍ଧା ଦେଶୀ ମଦ ଜବତ କରିବା ସହ ଆସିକା ସହକାରୀ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଅମରେଶ ସାବତଙ୍କ ଉପସ୍ଥିତିରେ ୭୫୦ ଲିଟର ମୋଲାଶେଷ ନଷ୍ଟ କରିବା ସହ ୫ଜଣଙ୍କୁ ଗିରଫ କରିଛି ଆସିକା ପୋଲିସ । ପ୍ରକାଶ ଥାଉକି ଆସିକା ଥାନା ଅଧିକାରୀ କୁଳମଣି ସେଠି ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବାଲିଶିରା ଗ୍ରାମର ଏକ ସ୍ଥାନରେ ୟୁରିଆ ସାର ବ୍ୟବହାର ହୋଇ ଦେଶୀ ମଦ ପ୍ରସ୍ତୁତି ଚାଲିଛି। ପୋଲିସ ଘଟଣା ସ୍ଥଳରେ ଚଢ଼ାଉ କରିଥିଲା କ୍ଷ ଘଟଣା ସ୍ଥଳରୁ ୭୫୦ ଲିଟର ମୋଲାସେସ ନଷ୍ଟ କରିବା ସହ ୧୦୦ ଲିଟର ଦେଶି ମଦ,୨୦ କେ.ଜି ର ଗୋଟିଏ ଗୁଡ ବସ୍ତା,ଗୋଟିଏ ୨୫ କେ.ଜି ୟୁରିଆ ସାର ବସ୍ତା,୬ ଟି ବଡ ଆଲୁମିନିୟମ ଡେକଚି, ୩୦ଲିଟର ବିଶିଷ୍ଟ ୧୫ଟି ବେରେଲ ସହିତ କାମେଶ୍ୱର ନାୟକ,ବାବୁଲି ନାୟକ,ମୁନା ନାୟକ,ପୃଥ୍ୱୀରାଜ ନାୟକଓ ମଦ ରନ୍ଧାଳୀ ରିଙ୍କୁ ଭୋଳଙ୍କୁ ଥାନା କେସ ନମ୍ବର ୧୭/୨୬ରେ ଗିରଫ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ ।

# ଡକାୟତି ଯୋଜନା ପଣ୍ଡ ଦେଶୀ ବନ୍ଧୁକ ସହ ଦୁଇ ଅଭିଯୁକ୍ତ ଗିରଫ

ଆସିକା, (ମହାଭାରତ) : ଆସିକା ଥାନା କାଳଷଣ୍ଢପୁର ଅଞ୍ଚଳରେ ଏକ ବଡ ଧରଣର ଡକାୟତି ଉଦ୍ୟମକୁ ପଣ୍ଡ କରିଛି ଆସିକା ଥାନା ପୋଲିସ। ଘଟଣାରେ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରିବା ସହ ସେମାନଙ୍କ ପାଖରୁ ଗୋଟିଏ ଦେଶୀ ବନ୍ଧୁକ ସହ ତିନିଟି ଜୀବନ୍ତ ଗୁଳି , ଦୁଇଟି ସ୍ପେୟାର ମାଗାଜିନ ଦୁଇଟି ମୋବାଇଲ ଫୋନ୍ ଜବତ ହୋଇଛି । ସୂଚନା ଅନୁସାରେ ଗତ କାଲି ରାତିରେ ପୋଲିସ ପେଟ୍ରୋଲିଂ ସମୟରେ ଆସିକା କାଳଷଣ୍ଢ ପୁର ଠାରେ ଡକାୟତି ଉଦ୍ୟମ କରାଯାଉ ଥିବାର ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଚଢ଼ାଉ କରିବା ସହ କୌଶଳ କ୍ରମେ ଦୁଇ ଅଭିଯୁକ୍ତ ବଳରାମ ରେଡ୍ଡୀ ଓ ବିଭୁଦତ ଜେନା କୁ ଧରିବାରେ ପୋଲିସ ସଫଳହେବା ସହ ଏକ ବଡ ଧରଣର ଡକାୟତି ଉଦ୍ୟମ କୁ ପଣ୍ଡ କରିଛି । ପୋଲିସ ଅଭିଯୁକ୍ତ ବଳିଆ ଓରଫ ବଳରାମ ରେଡ୍ଡୀ ପାଖରୁ ଗୋଟିଏ ଦେଶୀ ବନ୍ଧୁକ ଗୋଟିଏ ଜୀବନ୍ତ ଗୁଳି ସହ ଗୋଟିଏ ମୋବାଇଲ ଫୋନ ଜବତ କରିଥିବା ବେଳେ ଅନ୍ୟ ଜଣେ ସହଯୋଗୀ ବିଭୁଦତ୍ତ ଜେନାଙ୍କ ପାଖରୁ ଦୁଇଟି ଏ ସ୍ପେୟା ମର୍ଗାଜିନ, ଦୁଇଟି ୭.୬୫ ଏମ ଏମ ଜୀବନ୍ତ ଗୁଳି ସହ ଗୋଟିଏ ମୋବାଇଲ ଫୋନ ଜବତ କରିଛି । ଦୁଇ ଅଭିଯୁକ୍ତକୁ ଆସିକା ପୋଲିସ ଆଜି କୋର୍ଟ ଚାଲାଣ କରିଥିବା ବେଳେ ପୂର୍ବରୁ ଅଭିଯୁକ୍ତ ମାନଙ୍କ ନାଁ ରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ସ୍ପଷ୍ଟ କରିଛି ।

# ବୀର ବେନୁ ସ୍ମାରକି ଫ୍ରେଣ୍ଡଲି ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପରଜଙ୍ଗ, (ମହାଭାରତ) : ପରଜଙ୍ଗ ମିନି ଷ୍ଟାଡିୟମ ଠାରେ ୪ର୍ଥ ଦିବସରେ ବୀର ବେନୁ କପ୍ ସ୍ମାରକି ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଫ୍ରେଣ୍ଡଲି ମହିଳା କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଅଛି। ଏହି ମ୍ୟାଚରେ ନାଏକ ଏକାଡେମୀ ବଲାଙ୍ଗୀର ସହ ୟୁଥ କ୍ରିକେଟ ଏକାଡେମୀ ରାଉଳକେଲା ଅଂଶ ଗ୍ରହଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରାଙ୍ଗ ନୋବଦୟ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରତିମା ମିଶ୍ର ଯୋଗଦାନ କରିଥିଲେ । ଅନ୍ୟତମ ଅତିଥି ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ନାୟକ, ଆଇ.ଜି.ଆଇ.ଟି ମହାବିଦ୍ୟାଳୟର ପ୍ରଫେସର ସସ୍ମିତା ଜେନା, ସମାଜସେବୀ ବନଲତା ମହାନ୍ତି, ସରପଞ୍ଚ ଗାୟତ୍ରୀ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ନିଜ ନିଜର ବକ୍ତବ୍ୟ ରେ ପ୍ରକାଶ କରିଥିଲେଯେ , ପୁରୁଷ ଠାରୁ ମହିଳା ମାନେ କୌଣସି ଗୁଣରେ କମ୍ ନୁହନ୍ତି । ଅତିଥି ବୃନ୍ଦ ଦୁଇ ଦଳର ଖେଳାଳି ମାନଙ୍କ ସହ କର ମର୍ଦ୍ଦନ କରି ମ୍ୟାଚର ଶୁଭାରମ୍ଭ କରିଥିଲେ । ତେଣୁ ଉର୍ଜା ଟ୍ରଷ୍ଟ ଓ ପରଜଙ୍ଗ କ୍ରିକେଟ କ୍ଲବ ମହିଳା ମାନଙ୍କର ଅଗ୍ରଗତି ପାଇଁ ମହିଳା ମାନେ ଦେଖି ଆଗକୁ ଆଗେଇ ଯିବା ପାଇଁ ମହିଳା କ୍ରିକେଟ ଆୟୋଜନ କରିଛନ୍ତି । ଦୁଇ ଦଳର କ୍ୟାପଟେନ ଙ୍କ ଉପସ୍ଥିତି ରେ ଟସ୍ କରାଯାଇଥିଲା । ରାଉରକେଲା ୟୁଥ୍ କ୍ରିକେଟ ଏକାଡେମୀ ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ କରିଥିଲେ । ହାତରେ ୪ ଉଇକେଟରେ ୧୨୪ ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ନାୟକ ଏକାଡେମୀ ବଲାଙ୍ଗୀର ବ୍ୟାଟିଙ୍ଗ କରି ୮ ଉଇକେଟ ହରାଇ ୨୦ ଓଭରରେ ମଧ୍ୟରେ ୧୨୪ ରନ୍ କରିଥିଲେ । ଫଳରେ ମ୍ୟାଚ ଡ୍ରର ହୋଇଥିଲା ତେଣୁ ସୁପର ଓଭର ମ୍ୟାଚ ଆରମ୍ଭ କରାଯାଇଥିଲା । ବଲାଙ୍ଗୀର ସୁପର ଓଭରରେ ୬ ରନ କରିଥିବା ବେଳେ ରାଉରକେଲା ୭ ରନ୍ ସଂଗ୍ରହ କରି ବିଜୟୀ ଲାଭ କରିଥିଲା । କ୍ରୀଡା ପରିଚାଳନା ଜୟକୃଷ୍ଣ ରାଉତ ଓ ସୋମନାଥ ସେଠୀ କରିଥିବା ବେଳେ ଧାରା ବିବରଣୀ ପ୍ରେମାନନ୍ଦ ମହାନ୍ତି କରିଥିଲେ । ବିଜୟୀ ରାଉରକେଲା ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କୃତ ହୋଇଥିବା ବେଳେ ବଲାଙ୍ଗୀର ଦଳ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କୃତ ପାଇଥିଲେ । ପୁରସ୍କାର ଉତ୍ସବ ରେ ପରଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶଶ୍ୱିନୀ ରାଉତ , ପଶୁ ଚିକିତ୍ସାଳୟ ଅଧିକାରିଣୀ ଡଃ ସୋନାଲି ପଣ୍ଡା , ପରଜଙ୍ଗ ସମିତି ସଭ୍ୟା ଶୈଳେନ୍ଦ୍ରୀ ସେଠୀ , କସ୍ତୁରୀବାଳା ମହାରଣା ଓ ଉର୍ଜା ଟ୍ରଷ୍ଟର ଅଧ୍ୟକ୍ଷ ଦୀପକ ଗୋଛୟତ ଉପସ୍ଥିତ ରହି ଖେଳାଳିମାନଂକୁ ଉତ୍ସାହିତ କରିଥିଲେ । ବେଷ୍ଟ ବୋଲର ୟୁଥ କ୍ରିକେଟ ଏକାଡେମୀ ର ଖେଳାଳି ଅଙ୍କିତା ପାଣି , ୟୁଥ କ୍ରିକେଟ ଏକାଡେମୀ ର ଖେଳାଳି ରଶ୍ମିତା ଗୁଡ଼ିଆ ମ୍ୟାନ ଅଫ ଦି ମ୍ୟାଚ୍ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କାର ପାଇଥିଲେ ।

# ଡ଼. ଆର ସି ସାମନ୍ତରାୟ ମହାବିଦ୍ୟାଳୟର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀଙ୍କ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ



ଗଣିଆ,(ମହାଭାରତ): ଶିକ୍ଷାର ମାନ ସର୍ବଦା ଶୀର୍ଷରେ ରହିବା ଉଚିତ ଅର୍ଥାତ୍ ଉଚ୍ଚ କୋଟିର ହେବା ନିହାତି ଆବଶ୍ୟକ। ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ବିକାଶ ସହ, ଶାରୀରିକ, ବୌଦ୍ଧିକ, ମାନସିକ ଆଦି ବିକାଶ ମଧ୍ୟ ଆବଶ୍ୟକତା ରହିଛି। ଉତ୍ତମ ଶିକ୍ଷା ପ୍ରଦାନ ସହିତ ଉତ୍ତମ ସଂସ୍କୃତି ଶିକ୍ଷାନୁଷ୍ଠାନ ମାନଙ୍କରେ ରହିବା ନିହାତି ଜରୁରୀ। ଏହି କ୍ରମରେ ଅନୁମାନ କଲେ ଜଣାଯାଏ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ କିଶୋର ପ୍ରସାଦ ଗ୍ରାମପଞ୍ଚାୟତ ଅଧୀନ ନିକଟରେ ଡ଼. ଆର ସି ସାମନ୍ତରାୟ ମହାବିଦ୍ୟାଳୟ ଅବସ୍ଥିତ। ବହୁ ପୁରାତନ ଭାବେ ଉକ୍ତ ଶିକ୍ଷା ଅନୁଷ୍ଠାନଟି ନୟାଗଡ଼ ଜିଲ୍ଲା ତଥା ସାରା ଓଡ଼ିଶାରେ ବେସ୍ ଜଣାଶୁଣା। କହିବାକୁ ଗଲେ ଗଣିଆ ବ୍ଲକର ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଶିକ୍ଷା ଓ ଆଧ୍ୟାତ୍ମିକ ସେବା ଛାତ୍ର ଛାତ୍ରୀ ମାନଙ୍କୁ ଯୋଗାଇ ଆସିଛି। ଛାତ୍ର ଛାତ୍ରୀ ମାନଙ୍କର ଶାରୀରିକ, ବୌଦ୍ଧିକ, ମାନସିକ ଦକ୍ଷତା ବିକାଶ କରାଇବା ଏହି ଅନୁଷ୍ଠାନ ର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ମୂଳଲକ୍ଷ୍ୟ। ଶୃଙ୍ଖଳିତ ଭାବେ ରହି ଉତ୍ତମ ଶିକ୍ଷା ପ୍ରଦାନ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ନିଷ୍ଠା,କର୍ତ୍ତବ୍ୟ ପରାୟଣତା ପୂର୍ବକ ଏ ଅନୁଷ୍ଠାନରେ ଦେଖିବାକୁ ମିଳିଥାଏ। ସ୍ମାର୍ଟ କ୍ଲାସ, ସାଇନ୍ସ ଲାବୋରୋଟାରୀ, କେମିଷ୍ଟ୍ରି ଲାବୋରାଟାରୀ, ଉନ୍ନତ ମାନର କମ୍ପ୍ୟୁଟର ଲାବୋରାଟାରୀ, ସମସ୍ତ ପ୍ରକାର ର ସୁବିଧା ସହ ହଷ୍ଟେଲ ସୁବିଧା ମଧ୍ୟ ରହିଅଛି। ଏହାର ଭୌଗୋଳିକ ପରିବେଶ ଅତି ସୁନ୍ଦର ଓ ଆଧ୍ୟାତ୍ମିକତା ପରିବେଶ ଦୃଷ୍ଟିରୁ ମଧ୍ୟ ଅତି ଉଚ୍ଚକୋଟୀର ଓ ମନୋରମ। ଯାହାର ପ୍ରତିଫଳନ ଦେଖିବାକୁ ମିଳିଛି ୨୦୨୫-୨୬ ଶିକ୍ଷା ବର୍ଷରେ ଛାତ୍ର ଛାତ୍ରୀ ମାନଙ୍କର ସଫଳତା ଓ ଅନୁଷ୍ଠାନ ର ସଫଳତା। ତେବେ ଏକ ଅନୁନ୍ନତ ଅଂଚଳରେ ଅବସ୍ଥିତ ହୋଇ ମଧ୍ୟ ଛାତ୍ର ଛାତ୍ରୀ ଙ୍କ ସଫଳତା ଦୃଷ୍ଟି କୋଣରୁ ମହାବିଦ୍ୟାଳୟ ର ନାମ ଆଜି ଶୀର୍ଷ ରେ ପହଁଚିଛି। ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼. ମଳୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଯୁକ୍ତ ଦୁଇ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ବିଦାୟକାଳୀନ ସଭା 'କସ୍ତୁରୀ ଅନୁଷ୍ଠିତ ହୋଇଯାଇଛି। ଏହି କସ୍ତୁରୀ ପର୍ବରେ ବିଦାୟ ନେଉଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ମୁଖ୍ୟ ବକ୍ତା ଏ. ଏସ. ଆଇ. ସାହା ଆଲମ ଖାଁ, ସମ୍ମାନିତ ଅତିଥି ଆଇ. ଆଇ. ସି. ଲକ୍ଷ୍ମଣ ଦଣ୍ଡସେନା, ଉପାଧ୍ୟକ୍ଷ ଉମାକାନ୍ତ ବେହେରା, ଅନୁଷ୍ଠାନର ମୁଖ୍ୟ ପରିଚାଳକ କବି ଚନ୍ଦ୍ର ସାମନ୍ତରାୟ,ସମ୍ପାଦକ ଡାକ୍ତର ଏଲଡାଡ କାଇଣ୍ଡ ସେଥ ମଞ୍ଚାସିନ ଥିଲେ। ଅତିଥି ମାନେ ଅନେକ ଉପଦେଶ ଛଳରେ ଛାତ୍ରଛାତ୍ରୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ସମସ୍ତ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ବିଦାୟ ନେଉଥିବା ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ ମାନଙ୍କୁ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରିବାସହ କୃତୀ ଛାତ୍ର ଛାତ୍ରୀମାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଶେଷରେ ମହାବିଦ୍ୟାଳୟର ଅଧ୍ୟାପକ ବୈକୁଣ୍ଠନାଥ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା ସଭା ପରି ସମାପ୍ତି ପରେ 'କସ୍ତୁରୀ' କାର୍ଯ୍ୟକ୍ରମରେ ଅନୁଷ୍ଠାନର ଓଡ଼ିଆ ଅଧ୍ୟାପକ ଜିତେନ୍ କୁମାର ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ତଥା ତାଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ 'ସପନର ସମାଧି' ନାଟକଟି ଉକ୍ତ ମଞ୍ଚରେ ମଞ୍ଚସ୍ଥ ହୋଇଯାଇଛି। ଉକ୍ତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନେ ଏଥିରେ ସୁନ୍ଦର ଅଭିନୟ କରିଥିଲେ। ତତ୍ ସଂଗେ ସଂଗେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରକାରର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କୁ ଖୁସି ଓ ଆନନ୍ଦ ଦେଇ ପାରିଥିଲେ। ଶାନ୍ତି ଶୃଙ୍ଖଳାର ସହିତ ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ସମାହିତ ।

# ୨୮ ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଉଦଘାଟିତ



ଜୁନାଗଡ଼ /ଭବାନୀପାଟଣା, (ମହାଭାରତ): ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି ୨୮ ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬। ଏକ ବିଶାଳ ମଶାଲ ଶୋଭାଯାତ୍ରା ଲୋକଗୀତ, ଲୋକନୃତ୍ୟର ତାଳେ ତାଳେ ଲାଲ ବାହାଦୂର ଷ୍ଟାଡିଉମର ସହିଦ ରିଣ୍ଡୋ ମାଝୀ ମଞ୍ଚ ଅଭିମୁଖେ ଯାଇଥିଲା।ପୂଜାର୍ଚ୍ଚନା କରାଯିବା ସହ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି ଏହି ଲୋକ ମହୋତ୍ସବ।ଉଦଘାଟନି ଉତ୍ସବରେ କଳାହାଣ୍ଡି ଜିଲ୍ଲାପାଳ ଙ୍କ ଉପସ୍ଥିତିରେ, ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ,ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଙ୍କ ସମେତ ଅନେକ ଲୋକ ଉପସ୍ଥିତ ଥିଲେ।କଳାହାଣ୍ଡି ଜିଲ୍ଲାର ଲୋକକଳା, ଲୋକନୃତ୍ୟ, ପରମ୍ପରା ଆଜି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି।ଜିଲ୍ଲାର ଗୁଡହାଣ୍ଡି ଦୋକରିଚଚରା ର ପ୍ରସ୍ତର ଯୁଗୀୟ ଶିଳାଲେଖ, ଜୁନାଗଡ଼ର ଐତିହାସିକ ଦଧିବାମନ ମନ୍ଦିର ଶିଳାଲେଖ, ଅସୁରଗଡ଼ ନର୍ଲାର ଐତିହାସିକ ପୃଷ୍ଠଭୂମି ଅନେକ ଗବେଷକଙ୍କୁ ଏ ଜିଲ୍ଲାର ଐତିହାସିକ ସଭ୍ୟତାର ଖୋରାକ ଯୋଗାଇ ଆସିଛି।୨୮ ବର୍ଷରେ ପଦାର୍ପଣ କରି ଉତ୍ସବ ତାର ସ୍ୱତନ୍ତ୍ରତା ବଜାୟ ରଖି ତିନିଦଶନ୍ଧି ଛୁଇଁବାକୁ ବସିଲାଣି।ଏ ମଧ୍ୟରେ ଜିଲ୍ଲାର ବିରବାଦ୍ୟ ଘୁମୁରା,ବଜାଶାଳ ଅନେକ ଥର ବିଦେଶ ମାଟିରେ ନିଜର ସ୍ୱତନ୍ତ୍ର ଛାପ ଛାଡିବାରେ ସଫଳ ହେଲାଣି।ଜିଲ୍ଲାର ଘୁମୁରା, ବଜାଶାଳ, ଢାପ, ଘୁଡୁକା, ମାଦିଳି,ବନାବାଡି ସମେତ, ରାଜ୍ୟ ତଥା ଦେଶର କୋଣ ଅନୁକୋଣରୁ ଆସିଥିବା ଅନେକ ଲୋକକଳା, ସଙ୍ଗୀତ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଞ୍ଚଦିନ ଧରି ଚାଲିବ।ଉତ୍ସବକୁ ନେଇ କଳାହାଣ୍ଡି ଜିଲ୍ଲାରେ ଏକ ସରଗରମ ସାଂସ୍କୃତିକ, ଲୋକକଳା, ଲୋକନୃତ୍ୟର ବାତାବରଣ ସୃଷ୍ଟି ହୋଇଛି।

# ବିକାଶ ଖୋଜୁଛି ପଞ୍ଚକୁଡ଼ିର ପାଳି ଗାଁ ମାଟିଖଳା ଗାଁ.

ଲାଞ୍ଜିଗଡ଼, (ମହାଭାରତ) କଳାହାଣ୍ଡି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏବେ ବି ଅନେକ ଗୁଡ଼ି ଗାଁକୁ ସରକାରଙ୍କ ମୌଳିକ ସୁବିଧା ପହଞ୍ଚି ପାରିନାହିଁ ହେଲେ ଉଭୟ ସରକାର ମାଳମାଳ ଯୋଜନା ପ୍ରସ୍ତୁତ କରୁଛନ୍ତି ଓ ପାଣି ଭଳି ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। ହେଲେ କାହା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି ଏଠି ବଡ଼ ପ୍ରଶ୍ନବାଚି ସୃଷ୍ଟି କରୁଛି। ଏପଟେ ସରକାର ସବୁ କ୍ଷେତ୍ରରେ ବିକାଶର ନାରା ଦେଉଥିବା ବେଳେ କିନ୍ତୁ ବାସ୍ତବିକ ଚିତ୍ର ଦେଖିଲେ ଓଲଟା ଦେଖାଯାଉଛି। ଲୋକେ ସରକାରଙ୍କ ମୌଳିକ ସୁବିଧା କହିଲେ କ'ଣ ଜାଣି ନାହାନ୍ତି। କିନ୍ତୁ ଆଦିବାସୀଙ୍କ ପାଇଁ ନାନାଦି ଯୋଜନା କରି ପାଣି ଭଳି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ ହେଲେ କାଗଜ କଲମରେ ବିକାଶର ଗୋଲାପୀ ଚିତ୍ର ଆଙ୍କି ଦେଇ ନିରବ ରହୁଥିବା ଅଭିଯୋଗ ହେଉଛି। ଏହି ଭଳି ଅଭିଯୋଗ ହେଉଛି ବନ୍ଦପାରି ଗ୍ରାମ ପଞ୍ଚାୟତ ପଞ୍ଚକୁଡ଼ି ପାଳି ଗାଁ ମାଟିଖଳାରୁ। ଏନେଇ ଅଧିକ ଆଲୋଚନା କରିଛନ୍ତି।

# ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଜନ୍ମ ଦିବସରେ ଶୁଭ ମନାସିଲେ ହଜାର ହଜାର ଶୁଭେଚ୍ଛୁ ଓ ସମର୍ଥକ

ପାରାଦୀପ, (ମହାଭାରତ) : ପାରାଦୀପ ବିଧାୟକ ତଥା ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ର ଲୋକପ୍ରିୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ଜନ୍ମ ଦିବସ ସମଗ୍ର ନିର୍ବାଚନ ମଣ୍ଡଳୀରେ ସମାରୋହରେ ପାଳିତ ହୋଇଥିବାର ଦେଖିବାକୁ ମିଳିଥିଲା । ସ୍ଥାନୀୟ ଜିରୋ ପଏଣ୍ଟ ନିକଟସ୍ଥ ତାଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ହଜାର ହଜାର ଶୁଭେଚ୍ଛୁ, ବିଭିନ୍ନ ଅନୁଷ୍ଠାନ, ସଙ୍ଘ, ସଂଗଠନ, ଦଳୀୟ ନେତା ଓ କର୍ମୀ ଉପସ୍ଥିତ ହୋଇ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ,



ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ବିଜେପି ନେତା ସତ୍ୟ ସାରଥୀ ମହାନ୍ତି ଏବଂ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ର ବିଜେପି ନେତା ରାଜକିଶୋର ବେହେରା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କୁ ଭେଟି ତାଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇଥିଲେ । ସେହିପରି ଗ୍ରୀନ ପାରାଦୀପ ଟ୍ରଷ୍ଟ ର ସଭାପତି ରାକେଶ ପଟ୍ଟନାୟକ, ଉପଦେଷ୍ଟା ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ସୁଧାଂଶୁ ନାୟକ, ବିବେକାନନ୍ଦ ରାଉତ, ନରେଶ ଭଟ୍ଟ, ପ୍ରୀତି ରଞ୍ଜନ ମହାପାତ୍ର ପ୍ରମୁଖ ଫୁଲତୋଡ଼ା, ଉତ୍ତରୀୟ ପ୍ରଦାନ କରି କେକ୍ କାଟି ସମ୍ପଦ ଙ୍କ ଜନ୍ମ ଦିନ ପାଳନ କରି ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ବିଜେପି ପାରାଦୀପ ନଗର ସଭାପତି ସୁବ୍ରତ ପ୍ରଧାନ, ବିଜେପି ନେତା ତପନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ 'ମା କେ ନାମ ଏକ ପେଡ' କାର୍ଯ୍ୟକ୍ରମ ଅନ୍ତର୍ଗତ ସାମୁହିକ ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ସେବା ଶିବିର ଓ ମାଗଣା ଔଷଧ ବଣ୍ଟନ, ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଇତ୍ୟାଦି ବହୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତେବେ ନିଜ ଜନ୍ମ ଦିନରେ ଏଭଳି ଅଭୁତପୂର୍ବ ସମ୍ବର୍ଦ୍ଧନା, ଶୁଭେଚ୍ଛା ଓ ଅଭିନନ୍ଦନ ସମେତ ବିଭିନ୍ନ ସେବା କାର୍ଯ୍ୟକ୍ରମ ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ ।

# ସିଂହନାଥଙ୍କ ପୀଠରେ ମକର ମେଳା

ବଡମ୍ବା, (ମହାଭାରତ) : ଆଜି ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥ ପୁର ବାବା ସିଂହନାଥ ଙ୍କ ପବିତ୍ର ମକର ମେଳା ଅନୁଷ୍ଠିତ ହୋଇଯାଇଛି । ହଜାର ହଜାର ଶ୍ରଦ୍ଧାଳୁ ଏହି ମେଳାରେ ଯୋଗ ଦେଇଥିଲେ । ବହୁପ୍ରାଚୀନ କାଳରୁ ବାବା ସିଂହନାଥ ମନ୍ଦିର ନଦୀର ମଝିରେ ରହିଅଛି । ଶ୍ରଦ୍ଧାଳୁଙ୍କ ଅଧିକ ସମାଗମକୁ ଦେଖି ନଦୀ ମଝିରେ ମାଟି ତିଆରି ପାଦ ଚଲା ରାସ୍ତା ହୋଇଛି । ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବ୍ଲକ ଅଧକ୍ଷ ରଘୁପତି ମହାନ୍ତି ଯୋଗ ଦେଇ ପ୍ରଭୁ ସିଂହନାଥଙ୍କୁ ଦର୍ଶନ କରିଥିଲେ। ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ଆୟଜୋନ ହୋଇଅଛି । ତହସିଲଦାର ପ୍ରମୋଦ କୁମାର ବାସ୍କେ, ଏସଡିପିଓ ବିଶ୍ୱଜିତ ମହାନ୍ତି, ବଡମ୍ବା ବିଡ଼ିଓ ଚିତ୍ତ ରଞ୍ଜନ ଦାସ ଓ ନରସିଂହପୁର ବିଡ଼ିଓ ତହସିଲିଦାର ଉପସ୍ଥିତ ଥିଲେ।

## ଭୀମକୁଣ୍ଡ ମକର ମହୋତ୍ସ ଉଦଘାଟନ କଲେ ବିଧାୟକ



ପାଟଣା:-(ମହାଭାରତ) ଉଦଘାଟିତ ହୋଇ ଛି କେନ୍ଦୁଝର ଜିଲ୍ଲା ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ମକର ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ମକର ସଂକ୍ରାନ୍ତି ଉପଲକ୍ଷେ ତିନିଦିନ ଧରି ମକର ମହୋତ୍ସବ ହୋଇ ଆସୁଥିବା ବେଳେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ମହୋତ୍ସବ କୁ ଉଦଘାଟନ କରିଛନ୍ତି। ଉଦଘାଟନ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଅଧ୍ୟାପକ ଡ଼ଃ ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ପ୍ରହ୍ଲାଦ ପଲେଇ,ବିଧାୟକ ଙ୍କ ପ୍ରତିନିଧି କମଳାକାନ୍ତ ଦାଶ,ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ବ୍ଲକ ଅଧକ୍ଷା ବୀଣାପାଣି ନାୟକ,ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ,ଇଣ୍ଡିଆନ ବାଇବାଥ କୋ ଫାଉଣ୍ଡର ଇଂ ସତ୍ୟରଞ୍ଜନ ସାହୁ, ଡୁମୁରିଆ ସରପଞ୍ଚ ଗୌରହରି ନାଏକ,ପୂର୍ବତନ ବ୍ଲକ ଅଧକ୍ଷ ତଥା ପଲାଣଘାଟି ସମିତି ସଭ୍ୟ ବିଶ୍ୱନାଥ ନାୟକ, ବିଜେପି ବରିଷ୍ଠ ନେତା ରାଧାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମକର ମହୋତ୍ସବ ଉଦଘାଟନି ସମାରୋହରେ କାର୍ଯ୍ୟକ୍ରମ କୁ ପାର୍ଥସାରଥୀ ବେଜ ସଂଯୋଜନା କରିଥିବା ବେଳେ ପାଟଣା ପ୍ରେସ କ୍ଲବର ସଭାପତି ତଥା ପ୍ରମେୟ ସାମ୍ୱାଦିକ କିଶୋର ଚନ୍ଦ୍ର ମହାନ୍ତ ଓ ସମ୍ପାଦକ ତଥା ସମୀକ୍ଷା ସାମ୍ୱାଦିକ ବିଜୟ ରତ୍ନ ପତି ଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢ଼ଙ୍କ ପୁଷ୍ପଗୁଚ୍ଛ ଦେଇ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇ ଛି। ଏହି ମକର ମହୋତ୍ସବ ରେ ବିଶିଷ୍ଟ କଳାକାର ମାନଙ୍କ ଦ୍ୱାରା ଓଡିଶୀ,ଝୁମର, ସମ୍ବଲପୁରୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବାଲିଚନ୍ଦ୍ରପୁର,(ମହାଭାରତ) ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ଗ୍ରାମ ପଂଚାୟତ ସିଂହସାହୀର ଧର୍ମପ୍ରାଣା ମହିଳା ରେଣୁକା ସିଂହ (୭୭)ଙ୍କ ପରଲୋକ ଘଟିଛି। ରେଣୁକା ଦୈନିକ ନିଜ ଘରେ ସକାଳ ସନ୍ଧ୍ୟାରେ ଗୀତା ଭାଗବତ ପାଠ କରନ୍ତି। ସେ ନିଜ ଗ୍ରାମରେ ପ୍ରତ୍ୟେକ ପରିବାରଙ୍କ ପାଖରେ ପ୍ରିୟଭାଜନ ଥିଲେ। କିଛି ଦିନ ତଳେ ଅସୁସ୍ଥ ହେବାରୁ ତାଙ୍କୁ କଟକ ଫୁଲନଖରାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧିନ ଅବସ୍ଥାରେ ବୁଧବାର ତାଙ୍କର ପରଲୋକ ହେବା ପରେ ମରଶରୀର ନିଜ ଗ୍ରାମକୁ ଆସିବା ପରେ ସମଗ୍ର ଗ୍ରାମବାସୀ ସେଠାରେ ରୁଣ୍ଡ ହୋଇଯାଇଥିଲେ। ଖବର ପାଇ ବିଭିନ୍ନ ବ୍ୟକ୍ତିବିଶେଷ ଯଥା ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଆଇନଜୀବୀ ପ୍ରତାପ କୁମାର ନାୟକ, ପତରାଜପୁର ସରପଂଚ ତନୁଶ୍ରୀ ଦାସ, ପ୍ରାକ୍ତନ ସରପଂଚ ମନ୍ମଥ କେଶରୀ ସାହେବରାୟ, ଫନିନ୍ଦ୍ରନାଥ ପଣ୍ଡା, ସେକ୍ ରିଆସତ ଅଲ୍ଲି, ବିଳାସ ଚନ୍ଦ୍ର ବାରିକ, ବିଶ୍ୱ ପ୍ରକାଶ ସାମଲ, ରଶ୍ମିରଞ୍ଜନ ବଳ, ସମ୍ପଦ ଦାସ, ଉତ୍କଳ କେଶରୀ ସାମଲ, ଅଭିମନ୍ୟୁ ବଳ, ସଂଜୟ କୁମାର ବିଶ୍ୱାଳ, ବୈକୁଣ୍ଠ ବିହାରୀ ଜେନା, ସୁବ୍ରତ କୁମାର ଜେନା, ଭାବଗ୍ରାହୀ ବିଶ୍ୱାଳ, ଅଶୋକ କୁମାର ସିଂହ, ପ୍ରତାପ ସେନାପତି, ଉଦୟନାଥ ସେନାପତି, ଜନ୍ମେଜୟ ସାମଲ, ଅମର କୁମାର ସାମଲ, ଧନେଶ୍ୱର ବଳ, ପ୍ରଦ୍ୟୋତ କେଶରୀ ସାମଲ, ଅମୂଲ୍ୟ କୁମାର ବଳ, ସମରେନ୍ଦ୍ର ମହାନ୍ତି, ନିହାର ମହାପାତ୍ର, ଭରତ ରାଉତ, ପ୍ରାଥସାରଥି ସାହୁ, ଅନନ୍ତ କୁମାର ବାନା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁ ସଜ୍ୟା ନିକଟରେ ପୁତ୍ର ଅଚ୍ୟୁତାନନ୍ଦ ସିଂହ, ସୁଶାନ୍ତ ସିଂହ, ଝିଅ ଉଷାରାଣୀ, ସନ୍ଧ୍ୟାରାଣୀ, ଜ୍ୱାଇଁ ରବିନ ସିଂହ, ନାତୀ ଅଭିସେକ, ମାନସ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ସାନପୁଅ ଅନନ୍ତ କୁମାର ସିଂହ ମୁଖାଗ୍ନି ଦେଇଥିଲେ। ରେଣୁକାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି ଶୋକବ୍ୟକ୍ତ କରିଛନ୍ତି।

## ଆସିକା ବିଭିନ୍ନ ଅନୁଷ୍ଠାନ ରେ ଜାତୀୟ ଯୁବ ଦିବସ ପାଳନ

ଆସିକା (ମହାଭାରତ) : ଆସିକା ବିଭିନ୍ନ ଅନୁଷ୍ଠାନ ରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଆସିକା ଗାୟତ୍ରୀ ନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ଠାରେ ସ୍କାଉଟ ଗାଇଡ଼ ଓ ବିଦ୍ୟାଳୟ ର ଛାତ୍ର ଛାତ୍ର ମାନଙ୍କୁ ବିଶ୍ୱ ବିଜୟୀ ବିବେକାନନ୍ଦ ଙ୍କ ଜୀବନୀ ଉପରେ ଉପସ୍ଥିତ ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା ବ୍ୟାଖ୍ୟା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା, ଲୀନ କୁମାରୀ ସ୍ୱାଇଁ ଓ ଅନ୍ୟ ଗୁରୁଜୀ ଗୁରୁମା ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ ବନ୍ଦେମାତରମ ଗାନ କରିଥିଲେ। ଅନୁରୂପ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଯୁବ ରେଡକ୍ରସ ଏବଂ ଜାତୀୟ ସେବା ଯୋଜନା ଶାଖା ପକ୍ଷରୁ ଜାତୀୟ ଯୁବ ଦିବସ ଆଲୋଚ଼ନା ଚ଼କ୍ର ପ୍ରକୋଷ୍ଠ ମଧ୍ୟରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିରୂପେ ଅଧକ୍ଷ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଶିକ୍ଷକ ଏବଂ ଆଧ୍ୟାତ୍ମିକବାଦୀ ଶ୍ରୀ ଧନଞ୍ଜୟ ମହାପାତ୍ର ମଞ୍ଚାସୀନ ଥିଲେ।ପ୍ରାରମ୍ଭରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ନିକଟରେ ଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଏହାପରେ 'ବିଶ୍ୱବିଜୟୀ ନୌଜବାନ' ସଙ୍ଗୀତ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଆଶିଷ କୁମାର ଏବଂ ଆନୁଷଙ୍ଗିକ ତବଲାବାଦକ ଓମକାର ପ୍ରିୟଦର୍ଶୀ ଦାଶଙ୍କ ଦ୍ୱାରା ପରିବେଷଣ ହୋଇଥିଲା ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ରାଜେଶ କୁମାର ସାହୁ ଆଧ୍ୟାତ୍ମିକ ସମ୍ମିଳନୀ, ଚ଼ିକାଗୋ ସହରରେ କିପରି ବିବେକାନନ୍ଦଙ୍କ ସମ୍ବୋଧନ ଏବଂ ମହ୍ନ ବାଣୀ କିପରି ସମସ୍ତଙ୍କୁ ପ୍ରବୃଦ୍ଧ କରିପାରିଥିଲା ତାହାର କିଂଚ଼ି ଆଭାସ ଉତାପନ କରିଥିଲେ।

# ପୋଙ୍ଗଲ ପାଇଁ ପାରଳାଖେମୁଣ୍ଡି ସହର ଚଳଚଞ୍ଚଳ



ଗଜପତି(ମହାଭାରତ): ବାର ମାସେ ତେର ପର୍ବ ସେଥିରୁ ପୋଙ୍ଗଲ ଗୋଟିଏ ନିଆରା ପରମ୍ପରାର ପର୍ବ। ପର୍ବ ଗୋଟିଏ ନାଁ ଅନେକ। ବିଭିନ୍ନ ଅଞ୍ଚଳରେ ବିଭିନ୍ନ ନାମ ଦକ୍ଷିଣରେ ପୋଙ୍ଗଲ, ଉତ୍ତରରେ ଲୋହରୀ, ପୂର୍ବରେ ମକର ସଂକ୍ରାନ୍ତି ଆଉ ଉତ୍ତର-ପୂର୍ବରେ ମାଘ ବିହୁ।ଏହିଭଳି ମକର ସଂକ୍ରାନ୍ତି କୁ ଆନନ୍ଦ ଉଲ୍ଲାସର ସହ ଦେଶବାସୀ ପାଳନ କରୁଛନ୍ତି। ଇଂରାଜୀ ନୂତନ ବର୍ଷର ଆରମ୍ଭର ପ୍ରତୀକ ଏହି ପର୍ବ। ଦକ୍ଷିଣ ଭାରତରେ କୃଷି ଭିତ୍ତିକ ଗଣପର୍ବ 'ପୋଙ୍ଗଲ' । ତେଲୁଗୁ ଭାଷାର ଲୋକେ ଏହି ପର୍ବକୁ ଧୁମଧାମର ସହ ପାଳନ କରନ୍ତି । ଗଜପତି ଜିଲ୍ଲା ଉଭୟ ତେଲୁଗୁ ଏବଂ ଓଡିଆ ଭାଷାର ଲୋକେ ବସବାସ କରୁଥିବାରୁ ସେମାନଙ୍କ ମଧ୍ୟରେ ରହିଛି ଭାଇଚାରାର ସମ୍ପର୍କ । ଆଉ ଉଭୟେ ଉଭୟଙ୍କ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ମିଳିମିଶି ପାଳନ କରିଆସୁଛନ୍ତି ମକର ସଂକ୍ରାନ୍ତି ଓ ପୋଙ୍ଗଲ ।ସାହିବାସିନ୍ଦାଙ୍କ ମଧ୍ୟରେ ଦକ୍ଷିଣ ଓଡିଶାର ପ୍ରମୁଖ ସହର ବ୍ରହ୍ମପୁର ଓ ଅନ୍ୟ ଅଞ୍ଚଳରେ ପାଳିତ ହେଉଥିବା ବେଳେ ପାରଳାଖେମୁଣ୍ଡିରେ ପାଳିତ ହେଉଛି ଭୋଗୀ ପର୍ବ। ପାରଳାଖେମୁଣ୍ଡି ରେ ବସବାସ କରୁଥିବା ଲୋକ ବର୍ଷର ଏହି ପର୍ବକୁ ଅତି ଧୁମଧାମରେ ପାଳନ କରିବାକୁ ଅପେକ୍ଷା କରି ରହିଥାନ୍ତି ।ପାରଳଖେମୁଣ୍ଡି ଅଞ୍ଚଳରେ ଧୁମଧାମରେ ପାଳିତ ହେଉଛି ଏହି ପର୍ବ । ମକର ଉତ୍ସବକୁ ଓଡିଆମାନେ ମକର ଚାଉଳ ଭୋଗ ଲାଗି କରି ପାଳନ କରୁଥିବା ବେଳେ ଏହାକୁ ତେଲୁଗୁମାନେ ମଧ କରିଥାନ୍ତି । ସେହିଭଳି ଏହି ସମୟରେ ତେଲୁଗୁ ଭାଷାର ଲୋକଙ୍କ ମୁଖ୍ୟ ପର୍ବ ଭାବେ ପରିଚିତ ପୋଙ୍ଗାଲକୁ ଖୁବ ଧୁମଧାମରେ ପାଳନ କରୁଥିବା ବେଳେ ଓଡିଆମାନେ ମଧ ଏହାକୁ ପାଳନ କରିଥାନ୍ତି । ପୋଙ୍ଗଲ ଓ ମକର ସଂକ୍ରାନ୍ତି ହିନ୍ଦୁ ସଂସ୍କୃତିରେ ବେଶ ମହତ୍ୱ ରଖେ । ୪ ଦିନ ଧରି ପାଳନ କରାଯାଉଥିବା ଏହି ପର୍ବର ପ୍ରଥମ ଦିନକୁ ଭୋଗି କୁହାଯାଇ ଥାଏ । ଏହି ଦିନ ରାତିରେ ବଡ ବଡ କାଠଗଣ୍ଡିରେ ନିଆଁ ଲଗାଇ ଅଗ୍ନି ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଦ୍ୱିତିୟ ଦିନରେ ପାଣ୍ଡୁକୁ ବା ପୋଙ୍ଗଲ ପାଳନ କରିଥାନ୍ତି । ଏହି ଦିନ ପିତୃ ପୁରୁଷଙ୍କୁ ପିଣ୍ଡଦାନ କରାଯାଇଥାଏ ସେହିଭଳି ତୃତୀୟ ଓ ଚତୁର୍ଥ ଦିନ କାନୁମୁ ଓ ମୁକାନୁମୁ ପାଳନ ହୋଇଥାଏ ଏହି ସମୟରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଖାଇବାର ମଜା ଉଠାଇଥାନ୍ତି ।ଉତ୍ସବ ପାଳନର ଦୁଇଟି କାରଣ ରହିଥିବା କୁହାଯାଏ। ଗୋଟିଏ ପିତୃ ପୁରୁଷଙ୍କ ପିଣ୍ଡଦାନ ପାଇଁ କାରାଯାଉ ଥିବା ବେଳେ ଅନ୍ୟ କାରଣଟି ହେଉଛି ଚାଷୀମାନେ ହାଡଭଙ୍ଗା ଶୀତରେ କଷ୍ଟ କରି ଅମଳ କରିଥିବା ନୂତନ ଅମଳ ଫସଲକୁ ଠାକୁର ଏବଂ ପିତୃ ପୁରୁଷଙ୍କ ନିକଟରେ ଲାଗି କରାଯାଇଥାଏ । ଏହା ବନ୍ଧୁ ମିଳନର ଅନ୍ୟ ଏକ ମାଧ୍ୟମ ହୋଇ ଥିବାରୁ ସମସ୍ତେ ଏହାକୁ ପାଳନ କରିବା ପାଇଁ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥାନ୍ତି ।ସେପଟେ ଭୋଗୀ ଏବଂ ପଙ୍ଗଲ ଉତ୍ସବର ପ୍ରଥମ ଦିବସରେ ନୂତନ ବିବାହ କରିଥିବା କନ୍ୟାମାନେ ଏହି ପର୍ବକୁ ପାଳନ କରିବା ପାଇଁ ନିଜ ବାପା ଘରକୁ ଆସିବା ସହ ନୂତନ ବସ୍ତ୍ର ପରିଧାନ କରିଥିବାର ବିଧି ବ୍ୟବସ୍ଥା ରହିଛି ।ତେଣୁ ଦୁର ଦୁରାନ୍ତରେ ରହୁଥିବା ସମସ୍ତ କାରିଗର ଲୋକ ଏହି ପର୍ବ ରେ ଯୋଗ ଦେଇ ନାଚ ଗୀତରେ ମଜା ଉଠାନ୍ତି। ଏହି ଦୀନ ପାଇଁ ବର୍ଷ ତମାମ ଅପେକ୍ଷା କରି ରହିଥାନ୍ତି।

## ଢ଼ିଙ୍କିଆ ଚରିଦେଶରେ କଳା ଦିବସ ପାଳିତ



ପାରାଦ୍ୱୀପ/ କୁଜଙ୍ଗ/ଏରସମା(ମହାଭାରତ): ସଂସ୍କୃତି ପୂର୍ଣ୍ଣ ପୂରାତନ କୁଜଙ୍ଗ ରାଜ୍ୟର ଐତିହ୍ୟ ବହନ କରୁଥିବା ଢ଼ିଙ୍କିଆ ଚରିଦେଶ ଅଞ୍ଚଳରେ ୨୦୨୨ ମସିହା ଜାନୁୟାରୀ ୧୪ ତାରିଖ ପବିତ୍ର ମକର ସଂକ୍ରାନ୍ତି ଦିନ ଜେଏସଡବ୍ଲୁ କମ୍ପାନୀର ସ୍ୱାର୍ଥ ପାଇଁ ପୋଲିସ ବାହିନୀ ଦ୍ୱାରା ସାଧାରଣ ଜନତାଙ୍କ ପ୍ରତି ଦୁର୍ବ୍ୟବହାରର ସହ ଅମାନୁଷିକ ଲାଠି କ ର । ଯ । ଇ ଥି ଲ । । ଏପରିକି ଆବାଳ ବୃଦ୍ଧବନିତା ମଧ୍ୟ ବର୍ବୋରଚିତ ପୋଲିସ ଆକ୍ରୋଶରୁ ବାଦ ପଡ଼ିନଥିଲେ। ଯାହାକି ଏକ ଗଣ ତାନ୍ତ୍ରିକ ରାଷ୍ଟ୍ରରେ ଶୋଭା ପାଏନାହିଁ ବୋଲି ସାଧାରଣରେ ଆଲୋଚ୍ୟ ପ୍ରସଙ୍ଗ ହୋଇଥିଲା। ଉକ୍ତ ଦିବସ ଟିକୁ କଳା ଦିବସ ଭାବେ ପ୍ରତି ବର୍ଷ ପରି ଚଳିତ ବର୍ଷ ପୋସ୍କୋ ଜିନ୍ଦଲ ପ୍ରତିରୋଧ ସଂଗ୍ରାମ ସମିତି ଓ ନାରାୟଣ ବୀରବର ସାମନ୍ତ ଚରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଢ଼ିଙ୍କିଆ ସ୍ଥିତ ମା ଫୁଲଖାଇ ଗ୍ରାମ ଦେବତୀଙ୍କ ପ୍ରାଙ୍ଗଣରେ ବୁଧବାର ଦିନ ପାଳିତ ହୋଇଯାଇଛି। ଏହି ଚତୁର୍ଥ ବାର୍ଷିକ କଳା ଦିବସରେ ନାରାୟଣ ବୀରବର ସାମନ୍ତ ଚରିଟେବୁଲ ଟ୍ରଷ୍ଟର ଅଧକ୍ଷ ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ,ପ୍ରଦୀପ ଶତପଥି,କାଶୀନାଥ ମହାପାତ୍ର,ନାରୀନେତ୍ରୀ ଶାନ୍ତି ଦାସ, ସଂଗ୍ରାମ ପ୍ରଧାନ,ଅଜୟ ଦାସ,ଦିଲୀପ ଦାସ,ଗୌତମ ଦାସ,ସଂଘମିତ୍ରା ମଲିକ,ଗଗନ ମଲ୍ଲିକ,ପ୍ରଭାତ ନାୟକ,ସଂଗ୍ରାମ ଦାସ,ଲିଟନ ଦାସ,ସୁବାସ ଦାସ,ତନୁ ଦାସ,ଶୈଳ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରି ଆ□ଳିକ ପରିବେଶ ସୁରକ୍ଷା ପାଇଁ ଜେଏସଡବ୍ଲୁ ଭଳି ଏକ ମାରାତ୍ମକ କମ୍ପାନୀକୁ ଅଞ୍ଚଳ ଛାଡ଼ିବାକୁ ସରକାରଙ୍କ ଠାରେ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ- ୨୦୨୬ ପାଳନ

ମାଲକାନଗିରି(ମହାଭାରତ):ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜଳସମ୍ପଦ ବିଭାଗ ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ- ୨୦୨୬ ପାଳନ କରାଯାଇଛି । ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ତୃପ କୁମାର ପାତ୍ର ଏହି ପକ୍ଷ ପାଳନର ସଭାପତିତ୍ୱ କରିଥିଲେ ।ପୋଟେରୁ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ପାତ୍ର କୃଷିର ଉନ୍ନତିରେ ପାଣିପଞ୍ଚାୟତ ର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ପକ୍ଷ ପାଳନ ସମାରୋହରେ ମାଲକାନଗିରି ଜିଲ୍ଲା ପରିଷଦର ଉପସଭାପତି ପତିତପାବନ ବୈଦ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ଏହି ସମାରୋହରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦେବୀ ପ୍ରସାଦ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କୃଷକ ବନ୍ଧୁଗଣଙ୍କୁ କୃଷି କ୍ଷେତ୍ରରେ ଆଧୁନିକ ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ର ପ୍ରୟୋଗ ସମ୍ବନ୍ଧରେ ପରାମର୍ଶ ଦେଇଥିଲେ ଏବଂ ଜଳବାୟୁ ଅନୁସାରେ ଫସଲ ବିବିଧିକରଣ କୁ ପ୍ରୋତ୍ସାହନ ଦେବା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ସମାରୋହରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମହେଶ କୁମାର ପାଢ଼ୀ, ଯୋଗ ଦେଇଥିଲେ।

## ଓଳାଶୁଣୀ ଗୁମ୍ଫାମେଳା ଆରମ୍ଭ



ମା'ଓଳାଶୁଣୀଙ୍କ ମନ୍ଦିରରେ ପୂଜକ ହୃଷିକେଶ ପଣ୍ଡା ପୂଜାର୍ଚ୍ଚନା ପରେ ମା'ଙ୍କ ପ୍ରାଙ୍ଗଣରେ ଅହରାତ୍ର ଭଜନ କ୍ରୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଜାରି ରହିଛି। ପୂର୍ବପଟ ପାହାଡ଼ର ମଧ୍ୟ ଭାଗରେ ଏକ ସାଧୁ ସେବା ଶିବିର ଆୟୋଜନ କରାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ସମାଜସେବୀ ଅଶୋକ ସାମଲଙ୍କ ତତ୍ତ୍ୱାବଧାନରେ ବାଲିଚନ୍ଦ୍ରପୁର,(ମହାଭାରତ) ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ଆଜି ବୁଧବାର ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଛି। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ପଂଚାୟତରେ ଅବସ୍ଥିତ ଉକ୍ତ ଗୁମ୍ଫାମେଳା ପ୍ରତିବର୍ଷ ମାଘମାସ କୃଷ୍ଣପକ୍ଷ ଏକାଦଶୀ ତିଥିରୁ ଆରମ୍ଭ ହୋଇଥାଏ। ଏହି ଦିନ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ବ୍ରହ୍ମଲିନ ହୋଇଥିଲେ। ଚଳିତ ବର୍ଷ ମହାପୁରୁଷଙ୍କ ୧୮୯ତମ ବ୍ରହ୍ମଲିନ ଦିବସରେ ମହାପୁରୁଷଙ୍କ ସମାଧି ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମେଳା ଅନୁଷ୍ଠିତ ହୋଇଛି। ଗତ କାଲି ମଙ୍ଗଳବାର ଦଶମୀ ତିଥିରେ ମହାପୁରୁଷଙ୍କର କେଶ ଯାତ୍ରା ସମାପନ ହୋଇଛି। ପ୍ରାତଃ ସମୟରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ବଡ଼ଦାଣ୍ଡରେ ପ୍ରସାଦ ସେବନ କରିଥିଲେ। ସତ୍ୟସାଇ ସେବା ସଂଗଠନ ଓ ଅରକ୍ଷିତ ଦାସ ସେବା ସଂଗଠନ ପଲାଇ ପକ୍ଷରୁପ୍ରସାଦ ବ□ନରେ ସହାୟତା ଯୋଗାଇଦେଇଥିଲେ। ମନ୍ଦିର ପ୍ରାଙ୍ଗଣରେ ମହାପୁରୁଷଙ୍କ ପ୍ରୀୟ ଭୋଗ ପୋଡ଼ପୀଠର ଚାହିଦା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା। ସେହିପରି ପାହାଡ଼ର ପୂର୍ବ ପଟରେ ଅବସ୍ଥିତ ଦଶମି ରାତିରୁ ଆଗନ୍ତୁକ ସାଧୁ ସନ୍ଥ ମାନେ ଶିବିରରେ ବିଶ୍ରାମ ନେଇ ଜଳପାନ ବିରତି ପରେ ସେଠାରେ ଥିବା ସ୍ୱାସ୍ଥ୍ୟସେବୀ ମାନେ ସନ୍ଥ ମାନଙ୍କୁ ପାହାଡ଼ର ଶୀର୍ଷ ଦେଶରେ ମହାପୁରୁଷଙ୍କ ସମାଧି ମନ୍ଦିରରେ ନେଇ ଛାଡ଼ିଥାନ୍ତି। ମହାପୁରୁଷଙ୍କ ସମାଧି ମନ୍ଦିର ନିକଟରେ ଥିବା କଳ୍ପବଟ ବୃକ୍ଷ ମୂଳେ ସାଧୁସନ୍ଥ ମାନେ ଅଖଣ୍ଡଦୀପ ଜାଳି ମହାପୁରୁଷଙ୍କୁ ସ୍ମରଣ କରୁଥିବା ଦେଖାଯାଇଥିଲା। ପାହାଡ଼ର ଶୀର୍ଷ ଦେଶରୁ ପାଦଦେଶ ଏବଂ ମେଳା ପଡ଼ିଆରେ ହଜାର ହଜାର ସଂଖ୍ୟାରେ ବ୍ୟବସାୟୀ ମାନେ ସେମାନଙ୍କର ପ୍ରତିଷ୍ଠାନ ଖୋଲିଛନ୍ତି। ବିଭିନ୍ନ ଦୋଳି ସାଙ୍ଗକୁ ଆଲୋକମେଳାରେ ଝଲସୁଛି ମେଳା ପଡ଼ିଆ। ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିଚନ୍ଦ୍ରପୁର ପୋଲିସ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ବେଳେ ଅଗ୍ନିସମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜଙ୍ଗଲ ବିଭାଗ, ଶକ୍ତି ବିଭାଗ, ତହସିଲ ବିଭାଗ, ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଆଦି ସମସ୍ତ ପ୍ରଶାସନିକ କଳ ସଜାଗ ଥିବା ଦେଖାଯାଇଥିଲା।

## ଆରସିସିଏଫ୍ଙ୍କ ସାମ୍ବାଦିକ ସମ୍ମିଳନୀ: ନିଆଁଲିଭାରେ ଲାଗିବ ୫୦ ସ୍ୱତନ୍ତ୍ର ଗାଡ଼ି



ଅନୁଗୋଳ, (ମହାଭାରତ): ଚଳିତ ବର୍ଷ ଜଙ୍ଗଲ ନିଆଁର ମୁକାବିଲା ପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ଆଜି ଅନୁଗୁଳ ଆରସିସିଏଫ୍ ସଞ୍ଜୟ କୁମାର ସ୍ୱାଇଁ ଏକ ସାମ୍ବାଦିକ ସମ୍ମିଳନୀରେ ବନାଗ୍ନି ମୁକାବିଲ ନେଇ ଅବଗତ କରାଇଛନ୍ତି ।ସୂଚନା ଅନୁଯାୟୀ, ଆଜି ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ୬ ବନଖଣ୍ଡର ଡିଏଫ୍ଓ, ଏସିଏଫ୍ ଓ ରେଞ୍ଜର୍ମାନେ ଉପସ୍ଥିତ ଥିଲେ। ଗତବର୍ଷ ଜଙ୍ଗଲ ନିଆଁର ମୁକାବିଲା ଠିକ୍ ଭାବରେ ହୋଇଥିବା ବେଳେ ଚଳିତ ବର୍ଷ କିଭଳି ଆହୁରି ଭଲ ଭାବରେ ନିଆଁକୁ କିଭଳି ମୁକାବିଲା କରାଯିବ ଏହି ସାମ୍ବାଦିକ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ। ତେବେ ଜଙ୍ଗଲ ନିକଟରେ ୫୩୦୦ କିମିର ଅଗ୍ନି ନିରୋଧକ ପଟି କରାଯିବ ଓ ସେନେଇ ବନ କର୍ମଚାରୀମାନଙ୍କୁ ତାଲିମ୍ ଦିଆଯିବ ସେହିପରି ୭୨୦ଟି ପତ୍ର ଉଡ଼ାଇବା ମେସିନ୍ କାମରେ ଲାଗିବ। ଜଙ୍ଗଲରେ ନିଆଁ ଲିଭାଇବାକୁ ୫୦ଟି ସ୍ୱତନ୍ତ୍ର ଗାଡ଼ି ନିୟୋଜିତ କରାଯିବ ବୋଲି କୁହାଯାଇଛି। ସେହିପରି ୧୧୫୦ଟି ସ୍ଥାନରେ ପାଲା ଓ ଦାସକାଠିଆ ଭଳି କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନତା କରାଯିବ। ପୂର୍ବ ପ୍ରସ୍ତୁତି ନେଇ୪୦ଟି ମକ୍ଡ୍ରିଲ୍ କରାଯିବ ବୋଲି ବନ ବିଭାଗ ପକ୍ଷରୁ ଆଜି କୁହାଯାଇଛି। ୨୨୦ଟି ବନ ସୁରକ୍ଷା ସମିତିକୁ ନିଆଁଲିଭା କ୍ଷେତ୍ରରେ ସହଯୋଗ ପାଇଁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ତେବେ ଜଙ୍ଗଲରେ ନିଆଁ ଲଗାଇଲେ ଏହା ଆପରାଧିକ କାର୍ଯ୍ୟକଳାପ ଭାବରେ ଗ୍ରହଣ କରାଯାଇ ମାମଲା ରୁଜୁ କରାଯିବ ବୋଲି ଆର୍ସିସିଏଫ୍ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି ।

# ପ୍ରୋଭିଜନାଲ ଆଇ.ପି.ଏସ ଧରିଲେ ନଅଟି ବେଆଇନ ବାଲି ବୋଝେଇ ହାଇୱା




ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ହେଉଛିପ୍ରମୁଖ ବାଲି ଚୋରା ଚାଲାଣ ର ପେଣ୍ଠ ସ୍ଥଳୀୟଆସିକା ଦେଇ ପ୍ରବାହିତ ହେଉଥିବା ଋଷିକୂଲ୍ୟା ନଦୀ ଓ ବଡନଦୀ ରେ ଗଢି ଉଠିଥିବା ବିଭିନ୍ନ ବେଆଇନ ବାଲିଘାଟ ରୁ ଦୀର୍ଘ ଦିନ ଧରି ଲକ୍ଷ ଲକ୍ଷ ଟଙ୍କାର ବାଲି ଚୋରା ଚାଲାଣ। ଆସିକା ତହସିଲ ଇଲାକା ବହୁ ବାର ବାଦ ବିବାଦ ହେଲେ ମଧ ବାଲି ମାଫିଆ ମାନେ କାହା କଥା ମାନୁ ନାହାନ୍ତ। ଦିନ ରାତି ବାଲି ଚୋରା ଚାଲାଣ ହେଉଥିବା ପ୍ରତିଦିନ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ ହେଉଥିଲେ ମଧ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିଲା । ବାଲି ମାଫିଆ ମାନେ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ମାନଙ୍କୁ ହାତବାରିସ କରି ଦିନ ରାତି ବେଧଡ଼କ ବାଲି ଚୋରା ଚାଲାଣ କରୁଥିବା ବେଳେ ଗତକାଲି ରାତି ୯ ଟାରୁ ଭୋର ୫ ଟା ପର୍ଯ୍ୟନ୍ତ ଛତ୍ରପୁର ପ୍ରୋଭିଜନାଲ ଆଇ.ପି.ଏସ ନୀତେଶ କୁମାର ମିଶ୍ର। ହଠାତ ଆସିକା ଠାରେ ପହଞ୍ଚି ଆସିକା କନିଷ୍ଠ ଖଣି ଅଧିକାରୀ, କୋଟିନାଡ଼ା ଥାନା ଅଧିକାରୀ ଦାମୋଦର ବିହାରୀ, ଆସିକା ଥାନା ଅଧିକାରୀ କୁଳମଣୀ ସେଠି ମିଳିତ ଭାବେ ଆସିକା ନରସିଂହପଲ୍ଲୀ ଘାଟ, ବେଆଇନ ଜୟପୁର କେନ୍ଦୁପଦର ଘାଟ,କାଳକଣ୍ଠପୁର ଛକ, ଚେରମାରିଆ ଛକ ଧରାକୋଟ ତହସିଲ ଅଞ୍ଚଳର କିଛି ବେଆଇନ ଘାଟ ରୁ ଆସୁଥିବା ଚୋରା ଚାଲାଣ ବାଲି ଗାଡି କୁ ଅଟକାଇ କାଗଜ ପତ୍ର ଯାଞ୍ଚ କରିବା ସହ ଉକ୍ତ ଗାଡି ଗୁଡିକରେ ଓ୍ୱାଇ ଫର୍ମ ନଥିବା ଯୋଗୁଁ ଆସିକା ଥାନା ଅଧୀନ ବିଭିନ୍ନ ସ୍ଥାନରୁ ନଅଟି ବେଆଇନ ବାଲି ବୋଝେଇ ହାଇୱା କୁ ଜବତ କରିବା ସହ ଗାଡ଼ି ଓ ଗାଡି ଡ୍ରାଇଭର ମାନଙ୍କୁ ଆସିକା ଥାନାକୁ ହସ୍ତାନ୍ତର କରିଥିଲେ। ଅଟକ ରଖିଥିବା ଦେଖିବାକୁ ମିଳିଛି । ତେବେ ଏନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରାଯାଇନଥିବା ବେଳେ ଉଚ୍ଚ ପଦସ୍ଥ ଅଧିକାରୀ ଙ୍କ ଅଚାନକ ଚଢ଼ାଉ ମାଫିଆଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛ। ଏହି ହାଇୱା ଗୁଡିକ ପ୍ରତିଦିନ ରାତି ତମାମ ବିଭିନ୍ନ ବେଆଇନ ଘାଟରୁ ଅବାଧରେ ବାଲି ଚୋରା ଚାଲାଣ କରି ଜିଲ୍ଲା ତଥା ଜିଲ୍ଲା ବାହାରକୁ ପଠାନ୍ତି। ପ୍ରକାଶ ଥାଉକି ଛତ୍ରପୁରର ଜଣେ ପ୍ରୋବେଶନ ଆଇ ପି ଏସ ଆସିକା ଅଞ୍ଚଳକୁ ଅଚାନକ ଆସି ଗୋଟିଏ ୯ଗୋଟି ଚୋରା ବାଲି ବୋଝେଇ ହାଇୱା ଜବତ କରିଥିଲା ବେଳେ ସ୍ଥାନୀୟ ଆସିକା ଓ ଧରାକୋଟ ପୋଲିସ, ତହସିଲଦାର, ଲଘୁ ଖଣିଜ ଅଧିକରୀ କିଭଳି ଧରିପାରୁନଥିଲେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସାଙ୍ଗକୁ ସ୍ଥାନୀୟ ପ୍ରଶାସନ ର ଦାଇତ୍ୱ ହୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ତେବେ ଦେଖିବାକୁ ବାକିରହିଲା ପ୍ରୋବେସନ ଆଇ ପି ଏସ ଅଧିକାରୀ ନୀତିଶ କୁମାର ମିଶ୍ର ଜବତ କରିଥିବା ଗାଡି ଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି ନା ପ୍ରତିଥର ଭଳି ରାଜନେତା ମାନଙ୍କ ଇଙ୍ଗିତରେ ଛାଡି ଦିଆଯାଉଛି। ପ୍ରକାଶ ଥାଉକି ଆସିକା ଦେଇ ପ୍ରବାହିତ ଦୁଇ ନଦୀରୁ ପ୍ରତିଦିନ ରାତିତମାମ ବିନା ଓ୍ୱାଇ ଫର୍ମରେ ଲକ୍ଷ ଲକ୍ଷ ଟଙ୍କାର ଶହ ଶହ ହାଇୱା ବାଲି ଚୋରା ଚାଲାଣ କରୁଥିବାବେଳେ ସ୍ଥାନୀୟ ଗ୍ରାମବାସୀ, ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ ଦଳ ଅଭିଯୋଗ କଲେ ମଧ ପୋଲିସ ଖଣିବିଭାଗ, ତହସିଲ ବାବୁ ମାନେ ପରସ୍ପର କୁ ଦୋଷଦେଇ ବାଲି ମାଫିଆଙ୍କ ହାତବାରିସୀ ସାଜି ମୋଟା ଅଙ୍କର ନେଉଥିବା ଜଣାଯାଇଛି। ନିକଟରେ ଆସିକାର ବିଭିନ୍ନ ଘାଟରୁ ୬ଟି ହାଇୱା ପୋଲିସ, ତହସିଲ, ଖଣି ବିଭାଗ ଧରିଥିଲା କିନ୍ତୁ ପରବର୍ତୀ ସମୟରେ ଗାଡି ଗୁଡିକୁ ଛାଡି ଦିଆଯାଇଥିଲା। ଏହି ଘଟଣାରେ ଜଣେ ଖଣି ଅଧିକାରୀ ନିଲମ୍ବିତ ହୋଇଥିଲେ। ପୁଣି ଯଥା ପୂର୍ବ ତଥା ପର ନୀତିରେ ଆସିକାରେ ବାଲି ଚୋରା ଚାଲାଣ ଚାଲିଛି। ଜଣେ ନିର୍ଦ୍ଧିଷ୍ଟ ରାଜନେତା ଙ୍କ ଛତ୍ର ଛାୟା ତଳେ ଚୋରା ବାଲି ମାଫିଆ ଟିମ କାମ କରୁଛି। ନେତାଙ୍କ ଭୟରେ ପୋଲିସ, ଖଣି ବିଭାଗ ଚୋରା ବାଲି ଗାଡିକୁ ହାତ ମାରିବାକୁ ସାହାସ କରିପାରୁନି। ଅନ୍ୟପଟେ ଜିଲ୍ଲାରେ ଥିବା ଖଣି ମନ୍ତ୍ରୀ ପ୍ରତିଦିନ ଜିଲ୍ଲାରେ ଚୋରା ବାଲି ମାଫିଆ ଙ୍କୁ ସୁଯୋଗ ଦିଆଯିବନି ବୋଲି କହୁଥିଲା ବେଳେ ତାହାର କୌଣସି ପ୍ରଭାବ ଚୋରା ବାଲି ମାଫିଆଙ୍କ ଉପରେ ପଡୁନାହିଁ। ମନ୍ତ୍ରୀ କେବଳ ନିଜ ସରକାର ବଦନାମ କୁ ଗୋଡ଼ାଇବା ସହ ଏହି ବାଲି ଚୋରା ଚାଲାଣ ରାକେଟ ମନ୍ତ୍ରୀଙ୍କ ବନ୍ଧୁ ବାନ୍ଧବ, ନିଜ ଦଳୀୟ ଲୋକ ସମ୍ପୃକ୍ତି ଥିବା ଜଣାଯାଇଛି।

## ହଜାରିବାଗ ହବିବି ନଗରରେ ବିସ୍ଫୋରଣ, ୩ ମୃତ



ଝାଡ଼ଖଣ୍ଡ : ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲାର ହବିବି ନଗରରେ ବିସ୍ଫୋରଣ ଯୋଗୁଁ ପରିବାରର ୩ ଜଣଙ୍କ ଜୀବନ ଚାଲିଯାଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍ୱାମୀ ସ୍ତ୍ରୀ ଏବଂ ଜଣେ ପିଲା ରହିଛି । ବିସ୍ଫୋରଣରେ ୨ ଜଣ ଲୋକ ଆହତ ହୋଇଛନ୍ତି । ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ବିସ୍ଫୋରଣ କାରଣ ଏଯାଏଁ ଜଣାପଡିନି । ସୂଚନା ମୁତାବକ, ବଡ଼ ବଜାର ଥାନା ଅଞ୍ଚଳରେ ଖିରଗାଁ ହବିବି ନଗର ଖାନକାହ ନିକଟରେ ବିସ୍ଫୋରଣ ହୋଇଛି । ଜଣେ ବ୍ୟକ୍ତି ଖାଲି ସ୍ଥାନରେ ଅଳିଆ ସଫା କରୁଥିବା ବେଳେ ବିସ୍ଫୋରଣ ହୋଇଥିଲା । ମାଟି ତଳୁ ବିସ୍ଫୋରଣ ହେବା ଯୋଗୁଁ ଘଟଣା ସ୍ଥଳରେ ୩ ଜଣଙ୍କ ଜୀବନ ଚାଲିଯାଇଥିଲା । ଘଟଣାରେ ୨ ଜଣ ଆହତ ହୋଇଥିବା ଜଣାପଡିଛି । ସ୍ଥାନୀୟ ଲୋକ କହିବା ମୁତାବକ, ଖାଲି ସ୍ଥାନରେ ଅଳିଆ ସଫା କରିବା ସମୟରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଜୋରରେ ଥିଲା ଯେ ଲୋକମାନେ ଭୟଭୀତ ହୋଇଯାଇଥିଲେ । ୩ ଜଣଙ୍କ ଜୀବନ ଚାଲିଯିବା ପରେ ଚିତ୍କାର ଶୁଣାଯାଇଥିଲା । ସୂଚନା ମିଳିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମାମଲାର ଯାଞ୍ଚ କରୁଛି ।

## ଚାଲିଛି ଗଙ୍ଗାସାଗର ମେଳା, ୬୦ ଲକ୍ଷ ଶ୍ରଦ୍ଧାଳୁ ପୂଣ୍ୟ ବୁଡ ପକାଇଛନ୍ତି

କୋଲକାତା: ସମସ୍ତ ତୀର୍ଥ ସ୍ଥାନ ଦର୍ଶନ କଲେ ଯାହା ପୁଣ୍ୟ ମିଳେ ଗଙ୍ଗା ସାଗରରେ ଥରେ ମାତ୍ର ବୁଡ ପକାଇଲେ ସମାନ ପୁଣ୍ୟ ମିଳିଥାଏ । ପୂଣ୍ୟ ତୀର୍ଥ ସ୍ଥାନ ଗଙ୍ଗାସାଗରରେ ମକର ସଂକ୍ରାନ୍ତି ଦିନ ଆଜି ୧ଟା ୧୯ ମିନିଟରୁ ୧୫ ତାରିଖ ମଧ୍ୟାହ୍ନ ୧ଟା ୧୯ ମିନିଟ ପର୍ଯ୍ୟନ୍ତ ପୂଣ୍ୟସ୍ନାନର ମାହେନ୍ଦ୍ର କ୍ଷଣ ରହିଛି । ତେଣୁ ମେଳାରେ ଭକ୍ତଙ୍କ ପ୍ରବଳ ଭିଡ଼ । ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରେ ରହିଛି ଗଙ୍ଗା ସାଗର । ରାଜା ଭଗୀରଥଙ୍କ ତପସ୍ୟା ବଳରେ ସାଗର ରାଜାଙ୍କ ୬୦ ହଜାର ପୁତ୍ରଙ୍କୁ ମୁକ୍ତି ଦେବା ପାଇଁ ଦେବୀ ଗଙ୍ଗା ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଶିବଙ୍କ ଜଟାରୁ ବାହାରି ସାଗରରେ ମିଶିଥିଲେ । ତେଣୁ ଗଙ୍ଗା ଏବଂ ସାଗରର ମିଳନ ସ୍ଥଳୀକୁ 'ଗଙ୍ଗାସାଗାର' କୁହାଯାଉଛି । ବର୍ତ୍ତମାନ ଗଙ୍ଗାସାଗର ମେଳା ଚାଲିଛି । ମଙ୍ଗଳ ବାର ସୁଦ୍ଧା ୬୦ ଲକ୍ଷ ଶ୍ରଦ୍ଧାଳୁ ପୂଣ୍ୟ ବୁଡ ପକାଇଛନ୍ତି । ଗଙ୍ଗାସାଗରର କପିଳମୁନି ମନ୍ଦିର ବ୍ୟତୀତ ଜଗନ୍ନାଥ ମନ୍ଦିର, ଦକ୍ଷିଣ କାଳୀ ମନ୍ଦିର, ରାମକୃଷ୍ଣ ମନ୍ଦିର, ମହାକାଳ ମନ୍ଦିର, କାଳିଘାଟର କାଳୀ ମନ୍ଦି, ରାଧା ମାଧବ ମନ୍ଦିର, ଭାରତ ସେବାଶ୍ରମ ସଂଘ ମନ୍ଦିର, ବାମନଖାଲୀ ଜୀବ ଗବେଷଣା କେନ୍ଦ୍ର ଆଦି ଦର୍ଶନ କରିହେବ । ଏହା ସହିତ ରାମକୃଷ୍ଣ ମିଶନ ସଂଗ୍ରହାଳୟ, ପୁରୀ ଶଙ୍କରାଚାର୍ଯ୍ୟ ମଠରେ ସାଧୁ-ସନ୍ଥଙ୍କ ଆଖଡା, ଲକ୍ଷ୍ମୀମାତା ମନ୍ଦିର ଏବଂ ସୌର ଶକ୍ତି କେନ୍ଦ୍ରରେ ମଧ ଭିଡ ଲାଗିଛି। ପୌରାଣିକ ଆଖ୍ୟାନ ଅନୁଯାୟୀ ଗଙ୍ଗାସାଗର ମେଳାର ଉତ୍ପତ୍ତି ଅତ୍ୟନ୍ତ ରହସ୍ୟମୟ। କୁହାଯାଏ ଯେ ହିମାଳୟରୁ ଉତ୍ପନ୍ନ ହୋଇ ସାତୋଟି ସ୍ରୋତରେ ପ୍ରବାହିତ ହେଉଛନ୍ତି ଗଙ୍ଗା- ଯମୁନା, ସରସ୍ୱତୀ, ରାଧା, ସରଯୁ, ଗୋମତୀ ଏବଂ ଗଣ୍ଡକି । ଏମାନେ ବହୁ ପୌରାଣିକ ବାର୍ତ୍ତା ଦେଇଥାନ୍ତି । ରାଜା ସଗରଙ୍କ ଷାଠିଏ ପୁଅ କପିଳ ମୁନିଙ୍କ ଅଭିଶାପ ଦ୍ୱାରା ଭସ୍ମ ହୋଇ ଯାଇଥିଲେ । ରାଜା ସଗର ଇନ୍ଦ୍ରପଦ ପ୍ରାପ୍ତି ପାଇଁ ଅଶ୍ୱମେଧ ଯଜ୍ଞର ଆୟୋଜନ କରିଥିଲେ । ପ୍ରଥା ଅନୁଯାୟୀ ଦୁଇଟି ଯଜ୍ଞ ଅଶ୍ୱକୁ ଛାଡି ଦିଆ ଯାଇଥିଲା । ଯେତେବେଳେ ଘୋଡା ନଫେରିଲା ସେତେବେଳେ ସେ ତାଙ୍କ ଷାଠିଏ ହଜାର ପୁତ୍ରଙ୍କୁ ଘୋଡା ଖୋଜିବାକୁ ପଠାଇଥିଲେ । ପୃଥିବୀରେ ଘୋଡା ଖୋଜିବାରେ ବିଫଳ ହେବା ପରେ ସଗରଙ୍କ ପୁତ୍ରମାନେ ପାତାଳରେ କପିଳମୁନିଙ୍କ ଆଶ୍ରମରେ



ପହଞ୍ଚିଥିଲେ । ସେଠାରେ ଯଜ୍ଞ ଅଶ୍ୱ ବନ୍ଧା ହୋଇଥିବାର ଦେଖିଥିଲେ । ପରେ ସଗରଙ୍କ ପୁତ୍ରମାନେ ତପସ୍ୟାରେ ବସିଥିବା କପିଳ ମୁନୀଙ୍କ ଚାରିପାଖରେ ଅଗ୍ନି ସଂଯୋଗ କରି ଦେଇଥିଲେ। କପିଳ ମୁନୀଙ୍କ ତପସ୍ୟା ଭଙ୍ଗ ହେବା ମାତ୍ରେ କପିଳ ମୁନୀ ଯୋଗର ଶକ୍ତି ଦ୍ୱାରା ସଗରଙ୍କ ପୁତ୍ରମାନଙ୍କୁ ଅଭିଶାପ ଦେଇ ସେମାନଙ୍କୁ ଭସ୍ମ କରି ଦେଇଥିଲେ । କୁହାଯାଏ ଯେ ପରେ ଯେତେବେଳେ ମହାରାଜ ସଗର ତାଙ୍କର ଷାଠିଏ ହଜାର ପୁତ୍ରଙ୍କ ମୃତ୍ୟୁ ଖବର ପାଇଥିଲେ, ସେତେବେଳେ ସେ ବିଚଳିତ ହୋଇ ଯାଇଥିଲେ । ସେବେଠାରୁ ରାଜା ସଗର ତାଙ୍କ ପୁତ୍ରମାନଙ୍କ ପରିତ୍ରାଣର ସମାଧାନ ଖୋଜିବାକୁ ଲାଗିଲେ । ସନ୍ଧାନ ସମୟରେ ହିଁ ସେ ଗଙ୍ଗା ବିଷୟରେ ଜାଣିବାକୁ ପାଇଲେ । ରାଜା ସଗର ଏହି ତ୍ରାଣକର୍ତ୍ତା ଗଙ୍ଗା ଅର୍ଥାତ୍ ଦେବଲୋକରେ ପ୍ରବାହିତ 'ଜାହ୍ନବୀକୁ ପୃଥିବୀକୁ ଓହ୍ଲାଇବା ପାଇଁ ଅନେକ ପଦକ୍ଷେପ ନେଇଥିଲେ, କିନ୍ତୁ ତାଙ୍କର ସମସ୍ତ ପଦକ୍ଷେପ ବିଫଳ ହୋଇଥିଲା । ରାଜା ସଗରର ଅନେକ ପିଢି ପରେ, ତାଙ୍କ ବଂଶରେ 'ଭଗୀରଥ' ନାମକ ଜଣେ ରାଜା ଥିଲେ ଏବଂ ଏହି 'ଭଗୀରଥ' ଗଙ୍ଗାଙ୍କୁ ଦେବଲୋକରୁ ପୃଥିବୀକୁ ପ୍ରବାହିତ କରିବାରେ ସଫଳ ହୋଇଥିଲେ । ୬୦ ହଜାର ପୁତ୍ର ଯେଉଁଠାରେ ଭସ୍ମୀଭୂତ ହୋଇଥିଲେ ସେହି ସ୍ଥାନରେ ଗଙ୍ଗା ପ୍ରବାହିତ ହେବାରୁ ସେମାନେ ନିର୍ବାଣ ପ୍ରାପ୍ତି ହୋଇଥିଲେ । ସେଠାରେ ନିର୍ମାଣ ହୋଇଛି କପିଳମୁନୀ ମନ୍ଦିର । ୧୪୦୦ ବର୍ଷ ପୂର୍ବେ ୪୩୭ ମସିହାରେ ନିର୍ମିତ ହୋଇଥିବା କୁହାଯାଉଛି । କୁହାଯାଏ ଯେ ରାମାନନ୍ଦ ସମ୍ପ୍ରଦାୟ ପୂଜା କରୁଥିଲେ । ସେବେଠାରୁ ଏହି ମନ୍ଦିର ଅଯୋଧ୍ୟାରେ ହନୁମାନନଗରୀରୁ କାର୍ଯ୍ୟ କରିଆସୁଛି । ଗଙ୍ଗାସାଗରର କପିଳମୁନିଙ୍କ ଏହା ହେଉଛି ଚତୁର୍ଥ ମନ୍ଦିର । ସାଗର ଦ୍ୱୀପର ବିସ୍ତୃତ ଜଳରେ ତିନୋଟି ମନ୍ଦିର ଜଳମଗ୍ନ ହୋଇସାରିଛି । ୧୯୭୯ ମସିହାରେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଗଙ୍ଗାସାଗର ସ୍ନାନକୁ ଆସିଥିଲେ, ସେତେବେଳେ ଗଙ୍ଗାସାଗର ମେଳାର ସ୍ୱରୂପ ବଦଳାଇ ଦେଇଥିଲେ ।

# ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କଲେ ଅମିତ ଶାହ

ଅହମଦାବାଦ: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ପବିତ୍ର ଉତ୍ତରାୟଣର ଅବସରରେ ଅହମଦାବାଦର ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରାର୍ଥନା କରିବା ସହ ଗୋ ମାତାଙ୍କୁ ପୂଜା କରିଛନ୍ତି । ଗୃହମନ୍ତ୍ରୀ ଅହମଦାବାଦର ଥଲତେଜସ୍ଥିତ ଗୁରୁଦ୍ୱାର ଗୋବିନ୍ଦ ଧାମରେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ସହ ଉତ୍ତରାୟଣ ଅବସରରେ ଅହମ୍ମଦାବାଦରେ ଗୁଡ଼ି ମହୋତ୍ସବରେ ଅଂଶଗ୍ରହଣ କରିଥିଲେ । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, 'ଜୟ ଜଗନ୍ନାଥ ! ପ୍ରତିବର୍ଷ ଭଳି, ଚଳିତ ବର୍ଷ ମଧ୍ୟ ମୋତେ ଉତ୍ତରାୟଣର ପବିତ୍ର ଅବସରରେ ଅହମ୍ମଦାବାଦର ଶ୍ରୀ ଜଗନ୍ନାଥ



ମନ୍ଦିରରେ ପୂଜା କରିବାର ସୌଭାଗ୍ୟ ମିଳିଛି । ମହାପ୍ରଭୁଙ୍କ କୃପା ସର୍ବଦା ଦେଶର ଲୋକମାନଙ୍କ ଉପରେ ରହୁ । ଅନ୍ୟ ଏକ ପୋଷ୍ଟରେ ଗୃହମନ୍ତ୍ରୀ କହିଛନ୍ତି, ସନାତନ ଧର୍ମରେ ଗୋ ମାତାଙ୍କ ସେବା ଏବଂ ପୂଜାର ବିଶେଷ ଗୁରୁତ୍ୱ ରହିଛି । ଆଜି ଉତ୍ତରାୟଣ ଅବସରରେ ମୁଁ ଅହମ୍ମଦାବାଦର ଶ୍ରୀ ଜଗନ୍ନାଥ ମନ୍ଦିରରେ ଗୋ ମାତାଙ୍କୁ ପୂଜା କଲି । ଏକ୍ସରେ ସେୟାର କରାଯାଇଥିବା ଅନ୍ୟ ଏକ ପୋଷ୍ଟରେ ଶ୍ରୀ ଅମିତ ଶାହ କହିଛନ୍ତି, ସମଗ୍ର ଗୁଜରାଟରେ ଉତ୍ତରାୟଣ ପର୍ବ ଅତ୍ୟନ୍ତ ଆନନ୍ଦ ଏବଂ ଉତ୍ସାହର ସହ ପାଳନ କରାଯାଉଛି । ଆଜି ମୁଁ ଅହମ୍ମଦାବାଦର ନାରଣପୁରା ୱାର୍ଡର ଅର୍ଜୁନ ଗ୍ରୀନ୍ ଫ୍ଲାଟରେ ଆୟୋଜିତ ସର୍ବସାଧାରଣ ଗୁଡ଼ି ଉତ୍ସବରେ ଅଂଶଗ୍ରହଣ କରି ଗୁଡ଼ି ଉଡ଼ାଇଥିଲି ।

## ଲଣ୍ଡନରେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ

ଲଣ୍ଡନ: ପଶ୍ଚିମ ଲଣ୍ଡନରେ ଶିଖ ସମ୍ପ୍ରଦାୟର ୨୦୦ରୁ ଅଧିକ ସଦସ୍ୟ ଏକାଠି ହୋଇ ପାକିସ୍ତାନୀ ଗ୍ରୁମିଂ ଗ୍ୟାଙ୍ଗ ଦ୍ୱାରା ଅପହୃତ ଜଣେ ୧୬ ବର୍ଷୀୟା ଝିଅକୁ ଉଦ୍ଧାର କରିଥିଲେ । ଘଣ୍ଟା ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ ପରେ ସନ୍ଦିଗ୍ଧଙ୍କୁ ପୁଲିସ ହେପାଜତକୁ ନିଆଯାଇଥିଲା ଏବଂ ଝିଅଟିକୁ ତାଙ୍କ ପରିବାରର ଜିମା ଦିଆଯାଇଥିଲା । ଶିଖ୍ ପ୍ରେସ୍ ଆସୋସିଏସନର ଏକ ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତର ବୟସ ୩୦ରୁ ୪୦ ବର୍ଷ ଭିତରେ ହେବ । ନାବାଳିକା ଝିଅମାନଙ୍କ ସହ ବନ୍ଧୁତା କରି ସେ ସେମାନଙ୍କୁ ଫସାଇଥାଏ । ସେ ପ୍ରାୟ ୧୩ ବର୍ଷ ବୟସ ବେଳୁ ଶିଖ୍ ଝିଅ ସହିତ ସମ୍ପର୍କ ସ୍ଥାପନ କରିବା ଆରମ୍ଭ କରିଥିଲା । ଉଦ୍ଧାର କାର୍ଯ୍ୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ।

# କୌଣସି ଭାରତୀୟ ଘରୋଇ ମହାକାଶ ସଂସ୍ଥାର ଉପଗ୍ରହ ପିଏସ୍ଏଲ୍‌ଭିରେ ବୀମାଭୁକ୍ତ ହୋଇ ନ ଥିଲା, ମିସନର ବିଫଳତା ପରେ ଚିନ୍ତା ବଢ଼ିଲା

ବେଙ୍ଗାଲୁରୁ: ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେଇକିଲ୍ (ପିଏସ୍ଏଲ୍‌ଭି)-ସି୬୨-ଇଓଏସ୍-ଏନ୍୧ ମିସନର ବିଫଳତା ସ୍ପେସ୍ ଷ୍ଟାର୍ଟଅପ୍ ଗୁଡ଼ିକର ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଛି ଏବଂ ବିଶେଷ କରି ବୀମାକୁ ନେଇ ଚିନ୍ତା ବଢ଼ାଇଛି । ଉତ୍କ୍ଷେପଣ ଯାନରେ ଥିବା ଭାରତୀୟ ଘରୋଇ ମହାକାଶ କମ୍ପାନିର କୌଣସି ଉପଗ୍ରହ ବୀମାଭୁକ୍ତ ହୋଇନଥିଲା । ଏହାର କାରଣ ହେଉଛି ଭାରତୀୟ ଘରୋଇ ବୀମା ଏଜେନ୍ସିଗୁଡ଼ିକ ବଢୁଥିବା ମହାକାଶ କ୍ଷେତ୍ର ପାଇଁ କୌଣସି ବଜେଟ୍-ଅନୁକୂଳ ବୀମା ଯୋଜନା ପ୍ରଦାନ କରନ୍ତି ନାହିଁ । ନିଜ ନାମ ଗୋପନ ରଖି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପୂର୍ବରୁ ସରକାରଙ୍କ ପାଇଁ କେବଳ ସରକାରୀ ଏଜେନ୍ସି ଦ୍ୱାରା ଉପଗ୍ରହ ଉତ୍କ୍ଷେପଣ କରାଯାଉଥିଲା ଏବଂ ବୀମା ଆବଶ୍ୟକ ନ ଥିଲା । କିନ୍ତୁ ବର୍ତ୍ତମାନ ମହାକାଶ କ୍ଷେତ୍ର ଘରୋଇ କ୍ଷେତ୍ର ପାଇଁ ଖୋଲିବା ପରେ ବି ବୀମା ପରି ସୁରକ୍ଷା ଢାଲ ବିନା ସମାନ ବିଶ୍ୱାସ ଜାରି ରହିଛି । ଏହା ବ୍ୟତୀତ ପ୍ରଥମ ଥର ପାଇଁ ବାଣିଜ୍ୟିକ ଉପଗ୍ରହ ପରିବହନ କରୁଥିବା ପିଏସ୍ଏଲ୍‌ଭି ବିଫଳ ହୋଇଥିଲା । କୌତୂହଳର ବିଷୟ ହେଉଛି, ଇସ୍ରୋ ଏହାର ଉପଗ୍ରହଗୁଡ଼ିକୁ ବିଦେଶ ମାଟିରୁ ଉତ୍କ୍ଷେପଣ କରିବା ସମୟରେ ବୀମା କରିଥାଏ, କିନ୍ତୁ ଦେଶ ଭିତରୁ ଏହା



କରିବା ସମୟରେ ସେପରି କୌଣସି ସତର୍କତା ଅବଲମ୍ବନ କରେ ନାହିଁ । ଇସ୍ରୋର ବାଣିଜ୍ୟିକ ଶାଖା ନ୍ୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍ (ଏନ୍ଏସ୍ଆଇଏଲ୍)ର ଅଧିକାରୀମାନେ କହିଛନ୍ତି ଯେ, ସେମାନେ ଉପଗ୍ରହ ବୀମା ଦାୟିତ୍ୱ ଗ୍ରହଣ କରନ୍ତି ନାହିଁ । ସହଭାଗିତା ଓ ଉତ୍କ୍ଷେପଣ ପାଇଁ ଆସୁଥିବା ଯେକୌଣସି ଉପଗ୍ରହ କମ୍ପାନି ସେମାନଙ୍କର ନିଜସ୍ୱ ବୀମା କରିବା ଉଚିତ । ଆମ ସହ ସହଭାଗୀ ବିଦେଶୀ ଏଜେନ୍ସିଗୁଡ଼ିକ ଏହା କରନ୍ତି । ଆମେ ବୀମାରେ ଜଡିତ ହେଉନାହୁଁ । ଏନ୍ଏସ୍ଆଇଏଲ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏନ୍ଏସ୍ଆଇଏଲ୍ କେବଳ ଏମ୍‌ଓୟୁ ପାଇଁ ପ୍ଲାଟଫର୍ମ ପ୍ରଦାନ କରେ, ବୀମା ପାଇଁ ନୁହେଁ । ମହାକାଶ ମନ୍ତ୍ରାଳୟର ଜଣେ ଅଧିକାରୀ କହିଛନ୍ତି, ପୁରା ଧାରଣା ନୂଆ । ସ୍ପେସ୍ ପଲିସି ଚୂଡ଼ାନ୍ତ ହେଉଛି ଏବଂ ବୀମା ଉପରେ ଅନେକ ଆଲୋଚନା ଚାଲିଛି । ଏହି କ୍ଷେତ୍ରର ନିରାପଦ ଅଭିବୃଦ୍ଧି ପାଇଁ ବୀମାକୁ ବାଧ୍ୟତାମୂଳକ କରିବାର ଆବଶ୍ୟକତା ରହିଛି ।

ଏକ ଭାରତୀୟ ମହାକାଶ ଏଜେନ୍ସି କହିଛି, ଆମେ ଉପଗ୍ରହର ବୀମା କରିନାହୁଁ କାରଣ ଏହା ଏକ ମହଙ୍ଗା ବ୍ୟାପାର ଏବଂ ଆମେ ଇସ୍ରୋ ଉପରେ ବିଶ୍ୱାସ କରିଥିଲୁ । କିନ୍ତୁ ଏବେ ଆମେ ଚିନ୍ତିତ । ବିଶ୍ୱସ୍ତରରେ କମ୍ପାନି ଓ ସେମାନଙ୍କ ଉତ୍ପାଦ ବୀମାଭୁକ୍ତ ହୋଇଥିବା ବେଳେ ଭାରତରେ ତାହା ନାହିଁ । ଇସ୍ରୋ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଥିବା ଅନ୍ୟ ଜଣେ ଘରୋଇ ମହାକାଶ ଏଜେନ୍ସି ପ୍ରତିନିଧି କହିଛନ୍ତି, କେବଳ ବଡ଼ କମ୍ପାନିଗୁଡିକ ବୀମା କରିପାରିବେ । କାରଣ ବୀମା ସମଗ୍ର ଉତ୍ପାଦ ମୂଲ୍ୟର ପ୍ରାୟ ୫୦% ଯାହା ଛୋଟ କିମ୍ବା ଅନୁଦାନପ୍ରାପ୍ତ ଏଜେନ୍ସିଗୁଡିକ ବହନ କରିପାରିବେ ନାହିଁ । ପିଏସ୍ଏଲ୍‌ଭି-ସି୬୨/ଇଓଏସ-ଏନ୧ର ବିଫଳତା ଏହି କ୍ଷେତ୍ର ପ୍ରତି ଲୋକଙ୍କ ବିଶ୍ୱାସକୁ ଦୋହଲାଇ ଦେଇଛି । ଏଲଆଇସିର ବୀମା ଏଜେଣ୍ଟ ଚିରାଗ ଦାଭଡା କହିଛନ୍ତି ଯେ, ଯନ୍ତ୍ରପାତି, ସଡ଼କ, ସାମୁଦ୍ରିକ ଯାନ ଓ ଉପକରଣ ବୀମାଭୁକ୍ତ ହୋଇଛି, କିନ୍ତୁ ଉପଗ୍ରହ ନୁହେଁ । ଏହାର କାରଣ ହେଉଛି, ଏହା ହେଉଛି ପରୀକ୍ଷଣ ଏବଂ ଏଥିରେ ଅଧିକ ବିପଦ ରହିଛି । ଓରିଏଣ୍ଟାଲ ଇନସୁରାନ୍ସର ବୀମା ବିଶେଷଜ୍ଞ କଲ୍ୟାଣ ଦେବୀକୁମାର କହିଛନ୍ତି, ବର୍ତ୍ତମାନ ସରକାର ଦ୍ୱାରା ପରିଚାଳିତ ବୀମା କମ୍ପାନିଗୁଡିକ ଏରୋସ୍ପେସ୍ ସେକ୍ଟର ସଂସ୍ଥାଗୁଡ଼ିକୁ ବୀମା ପ୍ରଦାନ କରୁଛନ୍ତି । କିନ୍ତୁ କେବଳ ଉପଗ୍ରହ ଓ ରକେଟର ଯନ୍ତ୍ରପାତି ଓ ଉପାଦାନଗୁଡିକ ଅଳ୍ପ ସମୟ ପାଇଁ ବୀମାଭୁକ୍ତ ।

## ବୁର୍ଖା ପିନ୍ଧି କିଣି ପାରିବେନି ଗହଣା !

ବିଳାସପୁର : ଛତିଶଗଡ଼ରେ ବୁର୍ଖା କିମ୍ବା ନିକାବ ପିନ୍ଧି ସୁନା ଦୋକାନରେ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଛତିଶଗଡ଼ ବୁର୍ଖା ଆସୋସିଏସନର ଏକ ଜରୁରୀକାଳୀନ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି, ଯେଉଁଠାରେ ଚୋରିର ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି ବୋଲି ଆଲୋଚନା କରାଯାଇଥିଲା । ସଂଘର ରାଜ୍ୟ ସଭାପତି କମଲ ସୋନି କହିଛନ୍ତି ଯେ ବୁର୍ଖା ଏବଂ ନିକାବ ଆଢ଼େଇ ଚୋରି ବୃଦ୍ଧି ପାଉଛି, ଯାହା ଦୋକାନୀମାନଙ୍କୁ ପ୍ରଚୁର କ୍ଷତି ପହଞ୍ଚାଉଛି । ଗତ କିଛି ମାସ ମଧ୍ୟରେ, ବିଳାସପୁର ଏବଂ ଆଖପାଖ ଅଞ୍ଚଳରେ ସୁନା ଦୋକାନରେ ଅନେକ ଚୋରି ରିପୋର୍ଟ ହୋଇଛି । ଏହି ମାମଲାରେ ଅନେକ ଘଟଣାରେ, ଅପରାଧୀମାନେ ବୁର୍ଖା କିମ୍ବା ନିକାବ ପିନ୍ଧି ଦୋକାନରେ ପ୍ରବେଶ କରିଥିଲେ, ଯାହା ଫଳରେ ସେମାନଙ୍କର ଚିହ୍ନଟ କଷ୍ଟକର ହୋଇଯାଇଥିଲା ।

## ଇରାନ ଛାଡିବାକୁ ଭାରତୀୟଙ୍କୁ ପରାମର୍ଶ



ଇରାନ : ଇରାନରେ ପରିସ୍ଥିତି ବିଗିଡ଼ିବାରେ ଲାଗିଛି । ଇରାନରେ ବିରୋଧ ପ୍ରଦର୍ଶନ ଜାରି ରହିଥିବା ବେଳେ ଭାରତ ସରକାର ନିଜ ନାଗରିକ ପାଇଁ ଆଡଭାଇଜରୀ ଜାରି କରିଛି । ବିଦେଶ ମନ୍ତ୍ରଣାଳୟ ନିଜ ଆଡଭାଇଜରୀରେ କହିଛି କି, ଇରାନରେ ଥିବା ଛାତ୍ର, ଶ୍ରଦ୍ଧାଳୁ, ବେପାରୀ ଏବଂ ପର୍ଯ୍ୟଟକ ତୁରନ୍ତ ଇରାନ ଛାଡିଦିଅନ୍ତୁ । ଯେତେଶୀଘ୍ର ସମ୍ଭବ ଇରାନ ଛାଡି ଚାଲିଆସିବାକୁ ପରାମର୍ଶ । ତେହେରାନ ସ୍ଥିତ ଭାରତୀୟ ଦୂତାବାସ ତରଫରୁ ଆଡଭାଇଜରୀ ଜାରି ହୋଇଛି । ବିଦେଶ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି କି, ଇରାନରେ ଥିବା ଭାରତୀୟ ନାଗରିକ ସାବଧାନତା ଅବଲମ୍ବନ କରନ୍ତୁ, ବିରୋଧ ପ୍ରଦର୍ଶନ ରାଲି ଅଞ୍ଚଳକୁ ଯାଆନ୍ତୁ ନାହିଁ । ଇରାନରେ ଥିବା ଭାରତୀୟ ଦୂତାବାସ ସହିତ ସଂପର୍କ କରନ୍ତୁ । କୌଣସି ଘଟଣା ଜାଣିବା ପାଇଁ ସ୍ଥାନୀୟ ମିଡିଆ ଉପରେ ନଜର ରଖନ୍ତୁ । ଭାରତୀୟ ନାଗରିକ କର୍ମସିଆଲ ବିମାନ ହେଉ ଅବା ଅନ୍ୟ କୌଣସି ଟ୍ରାନ୍ସପୋର୍ଟ ଜରିଆରେ ଇରାନ ଛାଡିବାକୁ ପରାମର୍ଶ ଦିଆଯାଇଛି । ମାନବାଧିକାର କାର୍ଯ୍ୟକର୍ତ୍ତାଙ୍କ ଅନୁସାରେ, ଏଯାଏଁ ୨୫୦୦ ଟପିଛି ମୃତ୍ୟୁ ସଂଖ୍ୟା । ଇରାନରେ ସରକାର ବିରୋଧୀ ଆନ୍ଦୋଳନ ଅତି ଭୟଙ୍କର ରୂପ ଧାରଣ କରିଛି । ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ଶାସନ ବିରୁଦ୍ଧରେ ଚାଲିଥିବା ଏହି ବିଦ୍ରୋହକୁ ଦବାଇବା ପାଇଁ ସେନା ଏବଂ ପୋଲିସ ପକ୍ଷରୁ ଚରମ ପଦକ୍ଷେପ ଗ୍ରହଣ କରାଯାଉଛି । ଆନ୍ଦୋଳନରେ ସାମିଲ ଥିବା ଜଣେ ପ୍ରତିବାଦକାରୀଙ୍କୁ ସରକାର ମୃତ୍ୟୁଦଣ୍ଡ ଦେଇଛନ୍ତି ।

# ମନ୍ଦିରରେ 'ଆଦିୟା ସିଷ୍ଟମ୍ ଘିଅ' ବିକ୍ରିରେ ୩୫ ଲକ୍ଷ ଟଙ୍କା ଦୁର୍ନୀତିର ପର୍ଦ୍ଦାଫାଁସ

କୋଚି: ପ୍ରସିଦ୍ଧ ସାବରିମାଲା ମନ୍ଦିରରେ ସମ୍ବେଦନଶୀଳ ସୁନା ଚୋରି ମାମଲା ପରେ ବର୍ତ୍ତମାନ ଆଉ ଏକ ବଡ଼ ଆର୍ଥିକ ଅନିୟମିତତା ସାମ୍ନାକୁ ଆସିଛି । ଭକ୍ତମାନଙ୍କୁ ଏକ ପବିତ୍ର ନୈବେଦ୍ୟ ଆଦିଆ ସିଷ୍ଟମ୍ ଘିଅ ବିକ୍ରିରେ ଏହି ଦୁର୍ନୀତି ହୋଇଛି । ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ଯେ, ଦୁଇ ମାସରୁ କମ୍ ସମୟ ମଧ୍ୟରେ ଆଦିଆ ସିଷ୍ଟମ୍ ଘିଅ ବିକ୍ରିରୁ ପ୍ରାୟ ୩୫ ଲକ୍ଷ ଟଙ୍କା ହଡ଼ପ କରାଯାଇଥିଲା । ଏଥିରୁ ମିଳୁଥିବା ଆୟ ଟ୍ରାଭାଙ୍କୋର ଦେବସ୍ୱମ୍ ବୋର୍ଡ ରାଜସ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ସାବରିମାଲା ସ୍ପେଶାଲ କମିସନରଙ୍କ ରିପୋର୍ଟକୁ ବିଚାର କରି କେରଳ ହାଇକୋର୍ଟ ମାମଲା ରୁଜୁ କରିବା ପରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାର ତଦନ୍ତ ପାଇଁ ସଚ୍ଚୋଟ ଓ ଦକ୍ଷ ଅଧିକାରୀଙ୍କ ଏକ ଟିମ୍ ଗଠନ କରିବାକୁ କୋର୍ଟ ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ ବ୍ୟୁରୋକୁ ନିର୍ଦ୍ଦେଶ ଦେଇଛନ୍ତି । ଟ୍ରାଭାଙ୍କୋର ଦେବସ୍ୱମ୍ ବୋର୍ଡର ମୁଖ୍ୟ ଭିଜିଲାନ୍ସ ଓ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି ଯେ, ମାରାମାଥ ବିଲ୍ଡିଂରେ ଅବସ୍ଥିତ କାଉଣ୍ଟରରୁ ବିକ୍ରି ହୋଇଥିବା ୧୬,୬୨୮ ପ୍ୟାକେଟ୍ ଘିଅର ବିକ୍ରୟ ଆୟ ଦେବସ୍ୱମ୍ ଆକାଉଣ୍ଟକୁ ପଠାଯାଇ ନାହିଁ ।



କୋର୍ଟ ଦର୍ଶାଇଛନ୍ତି ଯେ, ବୋର୍ଡ ପାଲକ୍କାଡ ଅନ୍ତର୍ଗତ ଅନୁଗ୍ରହ ବିଦୁର ପ୍ରେମନ୍‌ଙ୍କୁ ବିଭିନ୍ନ କାଉଣ୍ଟରରେ ବିକ୍ରୟ ପାଇଁ ପ୍ୟାକେଟରେ 'ଆଦିଆ ସିଷ୍ଟମ୍ ଘିଅ' ଭରିବା ଦାୟିତ୍ୱ ଦେଇଥିଲା । ଦିଆଯାଇଥିବା କାର୍ଯ୍ୟ ପାଇଁ କଣ୍ଟ୍ରାକ୍ଟରଙ୍କୁ ପ୍ୟାକେଟ୍ ପିଛା ୨୦ ପଇସା ଦିଆଯାଏ । ଉଲ୍ଲେଖଯୋଗ୍ୟ, ପ୍ୟାକିଂ ମେସିନ୍, ପ୍ୟାକିଂ ସାମଗ୍ରୀ ଓ ଘିଅ ସମେତ ପ୍ୟାକିଂ ପାଇଁ ସମ୍ପୂର୍ଣ୍ଣ ଭିତ୍ତିଭୂମି ଦେବସ୍ୱମ୍ ବୋର୍ଡ ଦ୍ୱାରା ଯୋଗାଇ ଦିଆଯାଇଛି । ୭୦୦ ଲିଟର କ୍ଷମତା ବିଶିଷ୍ଟ ଏକ ଷ୍ଟିଲ୍ ଟାଙ୍କି ଅଛି ଯେଉଁଥିରେ ମୋଟର ବ୍ୟବହାର କରି ଘିଅ ଭର୍ତ୍ତି କରାଯାଏ । କଣ୍ଟ୍ରାକ୍ଟରଙ୍କ କର୍ତ୍ତବ୍ୟ ହେଉଛି ପ୍ରତ୍ୟେକ ପ୍ୟାକେଟ୍‌ରେ ୧୦୦ ମିଲିଲିଟର ଘିଅ ଭର୍ତ୍ତି କରିବା, ଯାହାକୁ କାଉଣ୍ଟରରେ ଭକ୍ତମାନଙ୍କୁ ପ୍ୟାକେଟ୍ ପିଛା ୧୦୦ ଟଙ୍କାରେ ବିକ୍ରି କରାଯାଏ । ହଳଦୀ, କୁଙ୍କୁମ, ପବିତ୍ର ଭସ୍ମ ଇତ୍ୟାଦି ବିକ୍ରୟ ସାମଗ୍ରୀ ପାଇଁ ମଧ୍ୟ ସମାନ ପ୍ୟାକିଂ ବ୍ୟବସ୍ଥା ଥିବା କୁହାଯାଉଛି । ତଦାରଖରୁ ଜଣାପଡିଛି ଯେ ନଭେମ୍ବର ୧୭, ୨୦୨୫ରୁ ଡିସେମ୍ବର ୨୬, ୨୦୨୫ ମଧ୍ୟରେ ଠିକାଦାର ୧୦୦ ମିଲିଲିଟରର ୩,୫୨,୦୫୦ ପ୍ୟାକେଟ୍ ପ୍ୟାକ୍ କରିଥିଲେ ଏବଂ ସେହି ପ୍ୟାକେଟ୍‌ଗୁଡିକ ବିକ୍ରୟ ଉଦ୍ଦେଶ୍ୟରେ ମନ୍ଦିରର ସ୍ୱତନ୍ତ୍ର ଅଧିକାରୀଙ୍କୁ ଦିଆଯାଇଥିଲା । ୩,୫୨,୦୫୦ ପ୍ୟାକେଟ୍ ମଧ୍ୟରୁ ପ୍ରାୟ ୮୯,୩୦୦ ପ୍ୟାକେଟ୍ ବିଭିନ୍ନ ଦିନରେ ମାରାମାଠ ବିଲ୍ଡିଂର କାଉଣ୍ଟରରୁ ବିକ୍ରି ହୋଇଥିଲା । ୮୯,୩୦୦ ପ୍ୟାକେଟ୍ ମଧ୍ୟରୁ ୧୪୩ଟି ପ୍ୟାକେଟ୍ ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା ଏବଂ ୨୭ ଡିସେମ୍ବର, ୨୦୨୫ ସୁଦ୍ଧା କାଉଣ୍ଟରରେ ବାକି ରହିଥିବା ପ୍ୟାକେଟ୍ ସଂଖ୍ୟା ମାତ୍ର ୨୮ ଥିଲା । କାଉଣ୍ଟରରେ ଥିବା ନଷ୍ଟ ପ୍ୟାକେଟ୍ ଓ ଅବଶିଷ୍ଟ ପ୍ୟାକେଟ୍ କାଟିବା ପରେ, ୮୯,୧୨୯ ପ୍ୟାକେଟ୍‌ର ବିକ୍ରୟ ଆୟ ଦେବସ୍ୱମ୍ ବୋର୍ଡକୁ ପଠାଯିବା କଥା । ତେବେ କାଉଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀମାନେ ମାତ୍ର ୭୫,୪୫୦ ପ୍ୟାକେଟ୍‌ର ପଇସା ଜମା କରିଥିଲେ । ୧୩,୬୭୯ ପ୍ୟାକେଟ୍‌ର ମୂଲ୍ୟ ୧୩,୬୭,୯୦୦ ଟଙ୍କା ପଠାଯାଇ ନାହିଁ । କୋର୍ଟ କହିଛନ୍ତି ଯେ, ଏକ ସୀମିତ ସମୟ ମଧ୍ୟରେ ସ୍ୱଳ୍ପ ଟଙ୍କା ପଠାଇବାର ପରିମାଣ ଉଦ୍‌ବେଗଜନକ ଏବଂ ଏହାକୁ ଏକ ଆକାଉଣ୍ଟିଂ ତ୍ରୁଟି ଭାବରେ ଏଡ଼ାଇ ଦିଆଯାଇପାରିବ ନାହିଁ । ସୁନୀଲ କୁମାର ପୋଟିଙ୍କ ବିରୋଧରେ ମଧ୍ୟ ଗମ୍ଭୀର ଅଭିଯୋଗ ରହିଛି ବୋଲି କୋର୍ଟ କହିଛନ୍ତି ।

## ଟ୍ରେନ ଉପରେ ଖସିଲା କ୍ରେନ, ୨୨ ମୃତ

ବ୍ୟାଙ୍କକ : ଥାଇଲାଣ୍ଡରେ ଉତ୍ତର-ପୂର୍ବ ଅଞ୍ଚଳରେ ଭୟଙ୍କର ଟ୍ରେନ ଦୁର୍ଘଟଣା । ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକରେ ଭୟଙ୍କର ଟ୍ରେନ ଦୁର୍ଘଟଣାରେ ୨୨ ଜଣଙ୍କ ମୃତ୍ୟୁ ହୋଇଛି । ଏହାସହ ୩୦ ରୁ ଅଧିକ ଆହତ ହୋଇଛନ୍ତି । ଘଟଣାରେ ଆଉ ମୃତକଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି । ଟ୍ରେନ କ୍ରେନ୍ ଖସିପଡ଼ିବାରୁ ଟ୍ରେନ୍ ଲାଇନ୍ଚ୍ୟୁତ ହୋଇଥିଲା । ନାଖୋନ୍ ରତଚାସିମା ପ୍ରୋଭିନ୍ସରେ ବଡ଼ ଟ୍ରେନ୍ ଦୁର୍ଘଟଣା । ରେଲୱେ ପ୍ରକଳ୍ପ କାମରେ ନିୟୋଜିତ କ୍ରେନ୍ ହଠାତ୍ ଉପରୁ ଖସିପଡ଼ିଥିଲା । ଘଟଣା ସ୍ଥଳରେ ଉଦ୍ଧାର କାମ ଜାରି ରହିଛି । ଘଟଣା ବ୍ୟାଙ୍କକ ଠାରୁ ୨୩୦ କିମି ଦୂର ନାଖୋନ୍ ରତଚାସିମା ପ୍ରୋଭିନ୍ସରେ ଘଟିଛି । ଖବର ମୁତାବକ, ବ୍ୟାଙ୍କକରୁ ଉତ୍ତର-ପୂର୍ବ ଥାଇଲ୍ୟାଣ୍ଡକୁ ଯାଉଥିବା ଏକ ଟ୍ରେନ୍ ଗୋଟିଏ ନିର୍ମାଣ କ୍ରେନ୍ ଉପରେ ଖସିପଡ଼ିବାରୁ ଲାଇନଚ୍ୟୁତ ହୋଇଥିଲା । ନାଖୋନ୍ ରାଚାସିମା ପ୍ରଦେଶର ସ୍ଥାନୀୟ ପୋଲିସ ମୁଖ୍ୟ ଥାଚାପୋନ୍ ଚିନାୱଙ୍ଗ କହିଛନ୍ତି, ୨୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୦ ରୁ ଅଧିକ ଆହତ ହୋଇଛନ୍ତି । ବୁଧବାର ସକାଳେ ଏହି ଦୁର୍ଘଟଣା ଘଟିଥିଲା ।

# ଦ୍ୱିତୀୟ ଦିନିକିଆ ଜିତିଲା ନ୍ୟୁଜିଲାଣ୍ଡ

## ରାହୁଲଙ୍କ ଶତକ ଫିକା, ମିଚେଲଙ୍କ ଦମ୍ଦାର ଶତକ

## ଭାରତ ୨୮୪/୭, ନ୍ୟୁଜିଲାଣ୍ଡ ୨୮୬/୩



ରାଜକୋଟ,୧୪।୦୧ : ରାଜକୋଟରେ ଅନୁଷ୍ଠିତ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଦିନିକିଆରେ ଭ୍ରମଣକାରୀ ଦଳ ସହଜରେ ବିଜୟୀ ହୋଇଛି। ଫଳରେ ଭାରତକୁ ଆଗୁଆ ସିରିଜ ଜିଣିବା ସୁଯୋଗ ଛଡ଼ାଇ ନେଇଛି ନ୍ୟୁଜିଲାଣ୍ଡ। ଫଳରେ ତୃତୀୟ ଦିନିକିଆ ଫାଇନାଲ ସଦୃଶ ହୋଇଛି। ସିରିଜ ସ୍ଥିତି ବର୍ତମାନ ୧-୧ରେ ବରାବର ରହିଛି। ପ୍ରଥମେ ବ୍ୟାଟିଂ କରି କ୍ୱିୱି ସାମ୍ନାରେ ୨୮୫ରନ ଟାର୍ଗେଟ୍ ରଖିଥିଲା ଟିମ୍ ଇଣ୍ଡି। ନିର୍ଦ୍ଧାରିତ ୫୦ ଓଭରରେ ଭାରତୀୟ ଦଳ ୭ ୱିକେଟ୍ ବ୍ୟୟରେ ୨୮୪ ରନ୍ ସଂଗ୍ରହ କରିଥିଲା। ଏଥିରେ କେ.ଏଲ ରାହୁଲଙ୍କ ଲଢୁଆ। ଶତକ ଏବଂ କ୍ୟାପଟେନ୍ ଶୁବମନ ଗିଲଙ୍କ ଅର୍ଦ୍ଧଶତକୀୟ ଇନିଂସ ରହିଥିଲା। ଏହି ଟାର୍ଗେଟକୁ ଭ୍ରମଣକାରୀ ଦଳ ୩ ୱିକେଟ ହରାଇ ସହଜବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଓପନର ଡେଭନ୍ କନୱେ ୧୬ ରନ୍, ହେନରୀ ନିକୋଲ୍ସ ୧୦ ରନ୍, ୱିଲ ୟଙ୍ଗ ୮୭ ରନ୍ କରିଥିଲେ। ସେହିପର ଡାର୍ଲି ମିଚେଲ ୧୩୨ ରନ୍ ଓ ଗ୍ଲେନ ଫିଲିପ୍ସ ୩୧ ରନ୍ କରି ଦଳକୁ ବିଜୟୀ କରାଇଥିଲେ।

ଆଜିର ମ୍ୟାଚରେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ ଦଳ। ଫଳରେ ଟିମ୍ ଇଣ୍ଡିଆ। ପ୍ରଥମେ ବ୍ୟାଟିଂ କରିଥିଲା ପୂର୍ବ ମ୍ୟାଚ୍ ଭଳି ପଡ଼ିଆକୁ ଓହ୍ଲାଇଥିଲେ ହିଟ୍ ମ୍ୟାନ୍ ରୋହିତ ଶର୍ମା ଏବଂ କ୍ୟାପଟେନ୍ ଶୁବମନ ଗିଲ୍ ୭୦ ରନରେ ଭାରତୀୟ ଦଳକୁ ପ୍ରଥମ ଝଟକା ଲାଗିଥିଲା। ରୋହିତ ଶର୍ମା ୩୮ ବଲରେ ୨୪ ରନ କରି ଆଉଟ୍ ହୋଇଥିଲେ। ମାତ୍ର ଶୁବମନ ଗିଲ୍ କ୍ୱିୱି ବୋଲରଙ୍କ ଉପରେ ପ୍ରହାର ଜାରି ରଖିଥିଲେ। ପରେ ୫୬ ରନ୍ କରି ଡ୍ୟାରେଲ୍ ମିଚେଲଙ୍କ ଶିକାର ହୋଇଥିଲେ ଅଧିନାୟକ। ଏହାପରେ ବିରାଟ୍ କୋହଲି ଏବଂ ଉପ-ଅଧିନାୟକ ଶ୍ରେୟସ ଆୟର ଖାସ୍ କିଛି କରି ପାରିନଥିଲେ। ଆୟର ୮ ରନ, କୋହଲି ୨୩ ରନ ଏବଂ ଜାଡେଜା ୨୭ ରନ କରି ଆଉଟ୍ ହୋଇଥିଲେ। ଦଳ ସଂଘର୍ଷ କରୁଥିବା ବେଳେ ଟିମକୁ ସମ୍ଭାଳି ନେଇଥିଲେ ୱିକେଟ୍‌କିପର ବ୍ୟାଟର କେ.ଏଲ ରାହୁଲ। ସେ ୯୨ ବଲ୍‌ରେ ୧୧ ଚୌକା ଏବଂ ଗୋଟିଏ ଛକା ସହାୟତାରେ ଅପରାଜିତ ୧୧୨ ରନ୍ କରିଥିଲେ। ଫଳରେ ଟିମ୍ ଇଣ୍ଡିଆ। ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୮୪ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ସେପଟେ ନ୍ୟୁଜିଲାଣ୍ଡ ପକ୍ଷରୁ କ୍ରିଷ୍ଟିନ କ୍ଲାର୍କ ସର୍ବାଧିକ ୩ ୱିକେଟ୍ ନେଇଛନ୍ତି।

# କୋହଲି ପୁଣି ନମ୍ବର ୱାନ୍ ବ୍ୟାଟର



ନୂଆଦିଲ୍ଲୀ,୧୪।୦୧ : ଦ କିଙ୍ଗ୍ ଇଜ ବ୍ୟାକ୍। ବିରାଟ କୋହଲି ପୁଣି ଥରେ ଦିନିକିଆ କ୍ରିକେଟରେ ନିଜର ଶ୍ରେଷ୍ଠତା ହାସଲ କରିଛନ୍ତି। ଆଇସିସି ସଦ୍ୟତମ ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗରେ ବିରାଟ କୋହଲି ନମ୍ବର ୱାନ୍ ବ୍ୟାଟର ହୋଇଛନ୍ତି। ପ୍ରାୟ ୧୪୦୩ ଦିନ ଅର୍ଥାତ ୪ ବର୍ଷ ପରେ ପୁଣି ଥରେ କୋହଲି ଦିନିକିଆରେ ବିଶ୍ୱର ନମ୍ବର ୱାନ୍ ବ୍ୟାଟର ହୋଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ କୋହଲି ୯୧ ବଲରେ ୯୩ ରନର ଇନିଂସ ଖେଳିଥିଲେ। ଏହି ପ୍ରଦର୍ଶନ ତାଙ୍କୁ ମାନ୍ୟତା ପରିବର୍ତ୍ତନରେ ସହାୟକ ହୋଇଛି। ପ୍ରଥମ ଦିନିକିଆରେ ସେ ପ୍ଲେୟାର ଅଫ ଦି ମ୍ୟାଚ୍ ମଧ୍ୟ ବିବେଚିତ ହୋଇଥିଲେ। ଦିନିକିଆରେ ନମ୍ବର ୱାନ୍ ବ୍ୟାଟର ହୋଇ ପୁଣି ଥରେ ନିଜର ଶ୍ରେଷ୍ଠତା ହାସଲ କରିଛନ୍ତି। ହିଟମ୍ୟାନ ରୋହିତ ଶର୍ମାଙ୍କୁ ପଛରେ ପକାଇଛନ୍ତି ବିରାଟ।

ବର୍ତ୍ତମାନ ବିରାଟ କୋହଲି ଭଲ ଫର୍ମରେ ରହିଛନ୍ତି। ଅଷ୍ଟ୍ରେଲିଆରେ ୫୦ ଓଭର ବିଶିଷ୍ଟ ସିରିଜ୍ ପରଠାରୁ, କୋହଲି ତାଙ୍କର ଶେଷ ୫ ଇନିଂସରେ ଅପରାଜିତ ୭୪, ୧୩୫ , ୧୦୨, ଅପରାଜିତ ୬୫ ଏବଂ ୯୩ ରନ୍ କରିଛନ୍ତି। ୩୭ ବର୍ଷୀୟ ଖେଳାଳି ଜୁଲାଇ ୨୦୨୧ ପରେ ପ୍ରଥମ ଥର ପାଇଁ ବ୍ୟାଟିଂ ରାଙ୍କିଙ୍ଗର ଶୀର୍ଷକୁ ଫେରିଛନ୍ତି। ଭାରତକୁ ଭଦୋଦରାରେ ନ୍ୟୁଜିଲାଣ୍ଡର ମୋଟ ୩୦୦ ରନକୁ ସଫଳତାର ସହ ପିଛା କରିବାରେ ସାହାଯ୍ୟ କରିଥିଲା କୋହଲିଙ୍କ ଇନିଂସ।

କାହଲି ପ୍ରଥମ ଥର ପାଇଁ ଅକ୍ଟୋବର ୨୦୧୩ରେ ଦିନିକିଆରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ସେ ମୋଟ ୮୨୫ ଦିନ ପାଇଁ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ନମ୍ବର ୧ରେ ସବୁଠାରୁ ଅଧିକ ସମୟ ଧରି ରହିବା ଖେଳାଳି ତାଲିକାରେ କୋହଲି ୧୦ମ ସ୍ଥାନରେ ଅଛନ୍ତି। ୨୩୦୬ ଦିନ ସହ ବିବ ରିଚାର୍ଡ ପ୍ରଥମ ସ୍ଥାନରେ ରହିଛନ୍ତି। ୨୦୭୯ ଦିନ ସହ ବ୍ରାୟନ ଲାରା ଦ୍ୱିତୀୟ ଓ ୧୩୬୧ ଦିନ ସହ ମାଇକେଲ ବେବନ ତୃତୀୟ ସ୍ଥାନରେ ରହିଛନ୍ତି। ଆଇସିସି ନମ୍ବର ୱାନ୍ ବ୍ୟାଟର ତାଲିକାରେ ବିରାଟଙ୍କ ପରେ ଦ୍ୱିତୀୟ ସ୍ଥାନରେ ଡାରିଏଲ ମିଚେଲ ଅଛନ୍ତି। ଏହାପରେ ତୃତୀୟ ସ୍ଥାନରେ ଅଛନ୍ତି ରୋହିତ ଶର୍ମା।

# ବାଂଲାଦେଶ ଉପରେ କାର୍ଯ୍ୟାନୁଷ୍ଠାନ ନେବ ଆଇସିସି !

ନୂଆଦିଲ୍ଲୀ,୧୪।୧ : ୨୦୨୬ ଟି୨୦ ବିଶ୍ୱକପ ନେଇ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ବାଂଲାଦେଶର କ୍ରୀଡା ପରାମର୍ଶଦାତା ଆସିଫ ନଜରୁଲ ପୁଣିଥରେ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ଜାତୀୟ କ୍ରିକେଟ ଦଳ ଟି୨୦ ବିଶ୍ୱକପ ମ୍ୟାଚ ଖେଳିବା ପାଇଁ ଭାରତ ଯାତ୍ରା କରିବ ନାହିଁ। ଜାନୁଆରୀ ୧୨ ତାରିଖରେ ଏକ କାର୍ଯ୍ୟକ୍ରମ ସମୟରେ, ନଜରୁଲ ଦାବି କରିଥିଲେ ଯେ ବାଂଲାଦେଶ ବିରୁଦ୍ଧରେ ଭାରତରେ ନକାରାତ୍ମକ ପରିବେଶ ସ୍ଥାୟୀ ନୁହେଁ, ଯାହା ଫଳରେ ଦଳକୁ ଭାରତ ପଠାଇବା ଅସମ୍ଭବ ହୋଇପଡ଼ିଛି।

ସେ ମ୍ୟାଚ ଗୁଡ଼ିକୁ ଭାରତ ବାହାରେ ସ୍ଥାନାନ୍ତର କରିବାକୁ ଆଇସିସିକୁ ତାଙ୍କର ଦାବି ମଧ୍ୟ ଦୋହରାଇଥିଲେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶରେ ଆଇପିଏଲ ୨୦୨୬ ପୂର୍ବରୁ କୋଲକାତା ନାଇଟ ରାଇଡର୍ସ ଦ୍ୱାରା ମୁସ୍ତାଫିଜୁର ରହମାନଙ୍କୁ ମୁକ୍ତ କରାଯିବା ନେଇ ବିବାଦ ପରେ ବାଂଲାଦେଶର କ୍ରୀଡା ପରାମର୍ଶଦାତା ଆସିଫ ନଜରୁଲଙ୍କ ଏହି ବକ୍ତବ୍ୟ ଆସିଛି। ହେଲେ ଏଭଳି ପରିସ୍ଥିତିରେ ଯଦି ବାଂଲାଦେଶ ଟି୨୦ ବିଶ୍ୱକପ ଖେଳିବାକୁ ମନା କରେ ତେବେ କଣ ହେବ ଏବଂ ଆଇସିସି କଣ କାର୍ଯ୍ୟାନୁଷ୍ଠାନ ନେବ ?



ବାଂଲାଦେଶର କ୍ରୀଡା ପରାମର୍ଶଦାତା ଆସିଫ ନଜରୁଲ ମଧ୍ୟ ଏକ କାର୍ଯ୍ୟକ୍ରମ ସମୟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦକୁ ପ୍ରଶ୍ନ କରିଥିଲେ ସେ କହିଥିଲେ ଯେ ଯଦି ପ୍ରକୃତରେ ଏକ ବିଶ୍ୱସ୍ତରୀୟ ସଂସ୍ଥା, ତେବେ ବାଂଲାଦେଶକୁ ଭାରତ ବାହାରେ ତାର ମ୍ୟାଚ ଖେଳିବାକୁ ଅନୁମତି ଦେବା ଉଚିତ। ନଜରୁଲ ସ୍ପଷ୍ଟ କରିଥିଲେ ଯେ ବାଂଲାଦେଶ ଶ୍ରୀଲଙ୍କା, ପାକିସ୍ତାନ କିମ୍ବା ରେ ମ୍ୟାଚ ଖେଳିବାକୁ ଇଚ୍ଛୁକ, କିନ୍ତୁ ଭାରତରେ ଖେଳିବାରେ କୌଣସି ସାଲିସ କରାଯିବ ନାହିଁ। ଆସିଫ ନଜରୁଲ କହିଥିଲେ ଯେ କୋଲକାତା ଏବଂ ମୁମ୍ବାଇରୁ ମ୍ୟାଚ ସ୍ଥାନାନ୍ତର କରିବାକୁ ବିଚାର କରୁଛି, କିନ୍ତୁ ଭାରତ ଭିତରେ ନୂତନ ସ୍ଥାନ ମଧ୍ୟ ପ୍ରସ୍ତାବିତ ହେଉଛି, ଯାହାକୁ ବାଂଲାଦେଶ ଅନୁମୋଦନ କରେ ନାହିଁ।

ଯଦି ବାଂଲାଦେଶ ଟି-୨୦ ବିଶ୍ୱକପ ଖେଳିବାକୁ ମନା କରେ, ତେବେ ଆଇସିସି ତାଙ୍କ ସ୍ଥାନରେ ଅନ୍ୟ ଏକ ଦଳକୁ ସାମିଲ କରିପାରେ। ପ୍ରକୃତରେ, ଯେତେବେଳେ ଅଷ୍ଟ୍ରେଲିଆ। ୨୦୧୬ ଅଣ୍ଡର-୧୯ ବିଶ୍ୱକପ ପାଇଁ ବାଂଲାଦେଶ ଯାତ୍ରା କରିବାକୁ ମନା କରିଥିଲା, ସେତେବେଳେ ଆୟର୍ଲାଣ୍ଡ ଅଷ୍ଟ୍ରେଲିଆ। ବଦଳରେ ଟୁର୍ନାମେଣ୍ଟରେ ଖେଳିଥିଲା। ତଥାପି, ବାଂଲାଦେଶ ଦଳ ସମ୍ପର୍କରେ ଆଇସିସି ଦ୍ୱାରା ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।

## ୧୭ରେ ଜିଲା ସ୍ତରୀୟ ପାରା ଆଥଲେଟିକ୍ସ

ଧର୍ମଶାଳା,୧୪।୧ : ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତସ୍ଥ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚଳିତ ମାସ ୧୭ ତାରିଖରେ ଯାଜପୁର ଜିଲା ପାରା ସ୍ପୋର୍ଟ ଆସୋସିଏସନ ପକ୍ଷରୁ ଜିଲା ସ୍ତରୀୟ ପାରା ଆଥଲେଟିକ୍ସ ମିଟ୍ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଜିଲାର ଦିବ୍ୟାଙ୍ଗ କ୍ରୀଡାବିତ୍ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ନେଇ ଆସୋସିଏସନର ସଭାପତି ମଂଟୁ ଦାସ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଖେଳରେ ଜିଲାର ୧୪ ବର୍ଷରୁ ୪୦ ବର୍ଷ ବୟସ ମଧ୍ୟରେ ଦିବ୍ୟାଙ୍ଗ କ୍ରୀଡାବିତ୍ ଭାଗ ନେଇ ପାରିବେ। ଦୌଡକୁଦ ସମେତ ବିଭିନ୍ନ ଖେଳ ଏଥିରେ ସାମିଲ ରହିଛି। କାର୍ଯ୍ୟକ୍ରମରେ ଯାଜପୁର ଜିଲାପାଳ ଯୋଗ ଦେବା ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ପ୍ରତିଯାଗିତାରେ ଭାଗ ନେବା ପାଇଁ କ୍ରୀଡାବିତ୍‌ମାନେ ଜିଲା ପାରା ସ୍ପୋର୍ଟ ଆସୋସିଏସନର ୯୪୩୮୦୩୮୭୦୦/ ୯୦୯୦୮୭୯୧୮୭ ନମ୍ବରରେ ଯୋଗାଯୋଗ କରି ନାମ ପଞ୍ଜିକୃତ କରିବା ସହ ଜିଲାରୁ ଚୟନ ହୋଇଥିବା ପ୍ରତିଯୋଗି ଚଳିତ ୨୪,୨୫ ଓ ୨୬ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବ ବୋଲି ଏହି ସମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତିଙ୍କ ସମେତ ଯୁବନେତା ରାକେଶ ଦେଓ ଓ ଦିବ୍ୟା ଗ୍ରୁପ ଅନୁଷ୍ଠାନର ଅଧ୍ୟକ୍ଷ ରାକେଶ ଦାସ ଉପସ୍ଥିତ ଥିଲେ।

## ଏସିଆନ୍ ଗେମ୍ସ ୨୦୨୬ର କାର୍ଯ୍ୟସୂଚୀ

# ୧୦ ଦଳ ମଧ୍ୟରେ କଡ଼ା ଟକ୍କର

ନୂଆଦିଲ୍ଲୀ,୧୪।୧ : ଏସିଆନ ଗେମ୍ସ ୨୦୨୬ରେ କ୍ରିକେଟର ରୋମାଞ୍ଚ ଏଥର ଜାପାନରେ ଦେଖିବାକୁ ମିଳିବ। ଏସୀୟ କ୍ରୀଡ଼ାର ଆୟୋଜକମାନେ ରବିବାର କ୍ରିକେଟ ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି, ଯେଉଁଥିରେ ୧୭ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ମ୍ୟାଚ ଅନୁଷ୍ଠିତ ହେବ। ଜାପାନର ଆଇୟାଚି-ନାଗୋୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବର ନଅ ଦିନ ପୂର୍ବରୁ ଆରମ୍ଭ ହେବ, ଅନ୍ୟ କିଛି ଖେଳ ପରି ନୁହେଁ।

ମହିଳା କ୍ରିକେଟ ପ୍ରତିଯୋଗିତା ୧୭ ସେପ୍ଟେମ୍ବରରୁ ଆରମ୍ଭ ହେବ, ପଦକ ମ୍ୟାଚ ୨୨ ସେପ୍ଟେମ୍ବରରୁ ଆରମ୍ଭ ହେବ। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ, ଯେଉଁଥିରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ଭାବରେ ପ୍ରବେଶ କରିବ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଏକ ସିଧାସଳଖ ନକଆଉଟ ଫର୍ମାଟ ହେବ, ଯାହା କ୍ୱାର୍ଟରଫାଇନାଲ ସହିତ ଆରମ୍ଭ ହେବ, ଅର୍ଥାତ୍ ପରାଜିତ ଦଳ ଟୁର୍ନାମେଣ୍ଟରୁ ବାଦ୍ ହୋଇଯିବେ।







ପୁରୁଷ କ୍ରିକେଟ ଟୁର୍ନାମେଣ୍ଟ ୨୪ ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି, ପଦକ ମ୍ୟାଚ ୩ ଅକ୍ଟୋବରରୁ ଆରମ୍ଭ ହେବ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ ଯଦି ପୁରୁଷ ପ୍ରତିଯୋଗିତା ୨୦୨୩ ହାଙ୍ଗଝୁ ଏସୀୟ ଖେଳ ପରି ହୁଏ, ତେବେ ଶୀର୍ଷ ଚାରିଟି ସିଡ ଦଳ ସିଧାସଳଖ କ୍ୱାର୍ଟରଫାଇନାଲକୁ ଯିବେ। ବାକି ଛଅଟି ଦଳ ଚାରିଟି କ୍ୱାର୍ଟରଫାଇନାଲିଷ୍ଟ ନିର୍ଣ୍ଣୟ କରିବା ପାଇଁ ପ୍ରାରମ୍ଭିକ ମ୍ୟାଚ ଖେଳିବେ।

ସମସ୍ତ ମ୍ୟାଚ ଦିନ ଡବଲ-ହେଡର ହେବ ସକାଳ ମ୍ୟାଚ ସ୍ଥାନୀୟ ସମୟ ସକାଳ ୯:୦୦ ଟାରେ ଆରମ୍ଭ ହେବ, ଯାହା ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୫:୩୦ ଅପରାହ୍ନ ମ୍ୟାଚ ଜାପାନରେ ଅପରାହ୍ନ ୨:୦୦ ଟାରେ କିମ୍ବା ଭାରତୀୟ ସମୟ ଅନୁସାରେ ସକାଳ ୧୦.୩୦ ରେ ଆରମ୍ଭ ହେବ ସମସ୍ତ ମ୍ୟାଚ ଆୟୋଚି ପ୍ରିଫେକ୍‌ଚରର କୋରୋଗି ଆଥଲେଟିକ ପାର୍କରେ ଖେଳାଯିବ।

# ୧୨ଦିନିଆ ସ୍ୱପ୍ନେଶ୍ୱର କ୍ରିକେଟ ପ୍ରିମିୟମ ଲିଗ୍ ଉଦ୍‌ଘାଟିତ





ଭୁବନେଶ୍ୱର, ୧୪.୧ : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକର ସ୍ୱପ୍ନେଶ୍ୱର ଗୌଡ଼ବିଶି ପଡ଼ିଆଠାରେ ବୁଧବାର ମକର ସଂକ୍ରାନ୍ତି ଦିନ ୧୨ ଦିନିଆ ସ୍ୱପ୍ନେଶ୍ୱର କ୍ରିକେଟ ପ୍ରିମିୟମ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲାଜଜ କୁଞ୍ଜବିହାରୀ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ର ସମ୍ବାଦ ବିଭାଗର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା, ବରିଷ୍ଠ ଶିକ୍ଷାବିତ୍ ଫକୀର ଚରଣ ନାୟକ, ଗୋପବନ୍ଧୁ ବେଉରା ଓ ରୀବନ୍ଦ୍ରନାଥ ପଟ୍ଟନାୟକ, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମର ସାଂଗଠନିକ ସମ୍ପାଦକ ପ୍ରଭାସ ରଞ୍ଜନ ଦାସ, ବିଜୟ କୁମାର ପାତ୍ର, ଦେବୀପ୍ରସାଦ ମହାନ୍ତି ଓ ଦେବାଶିଷ ବେଉରା ପ୍ରମୁଖ କ୍ରୀଡ଼ାବିତ୍‌ମାନଙ୍କୁ ଉଦ୍‌ବୋଧନ ଦେଇ ଗ୍ରାମାଞ୍ଚଳରେ ଯୁବଗୋଷ୍ଠୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଦିଆଗଲେ ସେମାନେ ଜାତୀୟସ୍ତରର କ୍ରୀଡ଼ାବିତ୍ ହୋଇ ବାହାରିବେ ବୋଲି କହିଥିଲେ। ଏଥିସହିତ ଏହି ପଡ଼ିଆରେ ବର୍ଷତମାମ ଅନ୍ୟାନ୍ୟ କ୍ରୀଡ଼ା ଓ ଖେଳକୁଦ ଆଦି ଆୟୋଜନ କରାଗଲେ ସାମଗ୍ରିକ ଭାବେ ଗ୍ରାମୀଣ କ୍ରୀଡ଼ାର ଉନ୍ନତି ହେବ ବୋଲି ମତ ଦେଇଥିଲେ। ଏହି ପଡ଼ିଆରେ ବିନ୍ଦୁ ସାଗର ମହାନ୍ତି ମେମୋରିଆଲ ଟ୍ରଫି ହାସଲ କରିବା ନିମିତ୍ତ କଟକ ସଦର ବ୍ଲକ, କେନ୍ଦ୍ରାପଡ଼ା ବ୍ଲକ, ନିଶ୍ଚିନ୍ତକୋଇଲି ବ୍ଲକ, ମାହାଙ୍ଗା ବ୍ଲକ, ଗରଦପୁର ବ୍ଲକ, ଡ଼େରାବିଶ ବ୍ଲକ ଓ ସାଲେପୁର ବ୍ଲକ ଆଦି ୭ଟି ବ୍ଲକର ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉତ୍ସାହ ପରିବାର ଓ ସ୍ୱପ୍ନେଶ୍ୱର କ୍ରିକେଟ କ୍ଲବ ପିଠାପଡ଼ା ଆୟୋଜନ କରିଛନ୍ତି।

ଉଦ୍‌ଘାଟନ ଉତ୍ସବର ପ୍ରଥମ ମ୍ୟାଚ୍ ନିଶ୍ଚିନ୍ତକୋଇଲି ଓ ମଲ୍ଲିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ନିଶ୍ଚିନ୍ତକୋଇଲି ୬ ୱିକେଟରେ ମଲ୍ଲିପୁରକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସାଲେପୁର ଡିଡିଏଲ୍ ଓ ଗରାମ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ମ୍ୟାଚରେ ସାଲେପୁର ଡିଡିଏଲ୍ ୪ ୱିକେଟରେ ଗରାମକୁ ପରାସ୍ତ କରିଥିଲା। ରାଜେଶ ସ୍ୱାଇଁ ଓ ଦେବେନ୍ଦ୍ର ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିଲେ। କେଦାର ଓଝା ଓ ହୃଷିକେଶ ପଣ୍ଡା କ୍ରିକେଟ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯିବା ସହିତ ସ୍ୱର୍ଗତ ବିନ୍ଦୁସାଗର ମହାନ୍ତିଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ୨୫ ତାରିଖ ଦିନ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ମହାବୀର ୱାରିୟର୍ସ ବିଜେତା





ଭୁବନେଶ୍ୱର,୧୪।୧ : ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୬ଷ୍ଠ ନିଖିଳ ଓଡ଼ିଶା ପୁରୁଷ କବାଡ଼ି ପ୍ରିମିୟର ଲିଗରେ ମହାବୀର ।ରିୟର୍ସ ବିଜେତା ହୋଇଛି। ଫାଇନାଲ୍‌ରେ ମହାବୀର ୱାରିୟର୍ସ ୩୩-୩୩ (୬-୪)ରେ ମା ମଙ୍ଗଳା ଦଳକୁ ପରାସ୍ତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଧାୟିକା ସୋଫିଆ ଫିର୍ଦୋସ, ବିଧାୟକ ସାରଦାପ୍ରସାଦ ପ୍ରଧାନ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଲକ୍ଷ୍ମୀପ୍ରିୟା ପରିଡ଼ା, ଚିତ୍ତରଞ୍ଜନ ପାତ୍ର, ସନ୍ତୋଷ ପରିଡ଼ା, ସୁବାସ ପାତ୍ର, ସଞ୍ଜୟ ସେଠୀ, ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ଶ୍ରୀମୟୀ ମିଶ୍ର, ପ୍ରଦୀପ ଜେନା, ପ୍ରଶାନ୍ତ ପରିଡ଼ା, ପିଣ୍ଟୁ ପାତ୍ର, ରିଙ୍କୁ ବଡ଼ଜେନା, ଅଜୟ ନାୟକ, ଯଯାତି ଜେନା ଓ ଟିକି ନାୟକଙ୍କ ସହ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମୋଟ ୬ଟି ଦଳ ଏହି ଲିଗ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆଗାମୀ ସଂସ୍କରଣଠୁ ଉଭୟ ପୁରୁଷ ଓ ମହିଳା ବର୍ଗରେ ଆୟୋଜନ କରାଯିବ ବୋଲି ସଭାପତି ସୁବାସ ପରିଡ଼ା ସୂଚନା ଦେଇଛନ୍ତି।

# କିଟ୍‌ରେ ଚେସ୍ ମହାକୁମ୍ଭ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୧ : କିଟ୍‌ରେ ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ୍ (ଏଫ୍‌ଆଇଡିଇ)ର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ଉଦ୍‌ଘାଟନ କରିଥିଲେ। ଭାରତରେ କିଟ୍‌ରେ ପ୍ରଥମ ଥର ଲାଗି ଚେସ୍‌ର ଏଭଳି ମହାକୁମ୍ଭ ଅନୁଷ୍ଠିତ ହେଉଛି। ଏଫ୍‌ଆଇଡିଇ ଓ ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଚେସ୍‌ର ଏହି ମହାକୁମ୍ଭରେ ଏଫ୍‌ଆଇଡିଇର ସଭାପତି ତଥା ଋଷର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଆର୍କାଡି ଭର୍କୋଭିଚ୍, ଏଫ୍‌ଆଇଡିଇର ଡେପୁଟି ଚେୟାର ତଥା ଲଟଭିଆର ପ୍ରାକ୍ତନ ଅର୍ଥମନ୍ତ୍ରୀ ଦାନା ରେଜନିସ୍, ଏଆଇସିଏଫ୍ ଉପସଭାପତି ଦିବ୍ୟେନ୍ଦୁ ବରୁଆ, ସିଇଓ ଦେବ ପଟେଲ୍ ଓ ଅଭିଜିତ କୁନ୍ତେ, ସଂପାଦକ ଦେବ ପଟେଲ୍ ଓ ଇଭେଣ୍ଟ କମିସନ୍ ସଦସ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଛନ୍ତି। ଉଭୟ କିଟ୍ କ୍ୟାମ୍ପସ୍ ଓ ହୋଟେଲ୍ ମେ ଫେୟାରରେ ଏହି କାର୍ଯ୍ୟକ୍ରମ ଚାଲିବ।

ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଆନନ୍ଦ କହିଲେ, ଚେସ୍ ମାଧ୍ୟମରେ ଶୈକ୍ଷିକ ଓ ସାମାଜିକ ବିକାଶ କରାଯାଇପାରେ। ଚେସ୍‌ରେ ମନୋନିବେଶ କଲେ ଜଣକର ବୌଦ୍ଧିକ, ଗଭୀର ଚିନ୍ତନ ଓ ସ୍ଥିରତା ବୃଦ୍ଧି ପାଇଥାଏ। ଏଥିପାଇଁ ଜଣକୁ ବୃତ୍ତିଗତ ଚେସ୍ ଖେଳାଳି ହେବାର ଆବଶ୍ୟକତା ନାହିଁ। ଏଥିପାଇଁ ଚେସ୍‌କୁ ବିଦ୍ୟାଳୟସ୍ତରରୁ ଅନ୍ତର୍ଭୁକ୍ତ କରାଯିବାର ଆବଶ୍ୟକତା ରହିଛି। ଚେସ୍ ଜଣକୁ ସଶକ୍ତ କରିବା ସହ ସେମାନଙ୍କୁ ଜୀବନ କୌଶଳ ଶିକ୍ଷା ପ୍ରଦାନ କରିଥାଏ। ଏହା ଛଡ଼ା ଚେସ୍ ଯୋଗୁଁ ପିଲାମାନଙ୍କ ମଧ୍ୟରେ ଶୃଙ୍ଖଳା ଓ ଦକ୍ଷତା ବୃଦ୍ଧି ପାଇଥାଏ। ଏବେ ଅନେକ ଦେଶରେ ଚେସ୍‌କୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲାଣି। ଭାରତରେ ଚେସ୍‌କୁ ବିଦ୍ୟାଳୟସ୍ତରରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଫିଡେ ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ଆନନ୍ଦ କହିଥିଲେ। ଶ୍ରୀ ଆର୍କାଡି ସୂଚନାଦେଇ କହିଲେ, ଏଭଳି ସମ୍ମିଳନୀ ପ୍ରଥମ ଥର ଲାଗି ଭାରତରେ ଆୟୋଜନ କରାଯାଇଛି। ସେହିପରି ଶ୍ରୀମତୀ ଦାନା କହିଲେ, ବିଦ୍ୟାଳୟସ୍ତରରେ ଚେସ୍‌କୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ସମେତ ସମସ୍ତଙ୍କର ସହଯୋଗ ଆବଶ୍ୟକ। ପ୍ରଥମ ଥର ଲାଗି କିସ୍ ତାର ପାଠ୍ୟକ୍ରମରେ ଚେସ୍‌କୁ ଅନ୍ତର୍ଭୁକ୍ତ କରିଛି ଏବଂ ଏହା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଶକ୍ତି, ଦକ୍ଷତା ଏବଂ ମାନସିକତା ସ୍ଥିରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଶ୍ରୀ ସାମନ୍ତ ସୂଚନା ଦେଇ କହିଲେ, ଓଡ଼ିଶାରେ ଚେସ୍‌କୁ ପରିଚୟ ଓ ପ୍ରୋତ୍ସାହନ କରିବା କ୍ଷେତ୍ରରେ କିଟ୍ ଓ କିସ୍ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। କିଟ୍ ଯୋଗୁଁ ଆଜି ଓଡ଼ିଶାରୁ ଅନେକ ଗ୍ରାଣ୍ଡ ମାଷ୍ଟର, ଇଣ୍ଟରନ୍ୟାସନାଲ୍ ମାଷ୍ଟର ଭଳି ଚେସ୍ ତାରକା ତିଆରି ହୋଇପାରିଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହେଉଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାରେ ଚେସ୍‌କୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଶ୍ରୀ ସାମନ୍ତ କହିଥିଲେ। କିଟ୍ ସହଯୋଗରେ ଏଭଳି ସମ୍ମିଳନୀ ପ୍ରଥମ ଥର ଲାଗି ଓଡ଼ିଶାରେ ଆୟୋଜନ କରାଯାଉଥିବାରୁ ସେ ଫିଡେ ଓ ଏଆଇସିଏଫ୍‌କୁ ଧନ୍ୟବାଦ ଜଣାଇଥିଲେ।





ଏହି ଅବସରରେ କିଟ୍ ପରିସରରେ ଥିବା ଇଣ୍ଟରନ୍ୟାସନାଲ୍ ଚେସ୍ ହଲ୍ ଓ ଚେସ୍ ଗ୍ରାଉଣ୍ଡକୁ ବିଶ୍ୱନାଥନ ଆନନ୍ଦ ଉଦ୍‌ଘାଟନ କରିଥିଲେ। ପରେ ଶ୍ରୀ ଆନନ୍ଦ ଓ ଦାନା କିସ୍ ବୁଲି ଦେଖିଥିଲେ। କିସ୍ ପରିଦର୍ଶନ କରିବା ସମୟରେ ଶ୍ରୀ କିସ୍‌ରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଓ କ୍ୟାମ୍ପସ ଦେଖି ଅଭିଭୂତ ହୋଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ତାଙ୍କ ପାଇଁ ପ୍ରେରଣାଦାୟୀ ବୋଲି ସେ କହିଥିଲେ।

## ୪୪ତମ ଚଞ୍ଚଳା ଟ୍ରଫି ଉଦ୍‌ଘାଟିତ

କେନ୍ଦ୍ରାପଡା,୧୪।୧ : ମହାକାଳପଡ଼ା ବ୍ଲକ ନିକଟବର୍ତ୍ତୀ ବଡ଼ପଲ୍ଲୀ ସ୍ଥିତ ଷ୍ଟାଡ଼ିୟମ ଠାରେ ଆଜି ରାଜ୍ୟ ସ୍ତରୀୟ ୪୪ତମ ଚଂଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘଟିତ ହୋଇ ଯାଇଛି, ଆଜିର ଉଦଘାଟନୀ ମ୍ୟାଚ ରେ କେନ୍ଦ୍ରାପଡ଼ା ର ଗୋପବନ୍ଧୁ କ୍ରିକେଟ ଟିମ ଓ ଭଦ୍ରକ ର ୟୁନିକ କ୍ରିକେଟ କ୍ଲବ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା,ବିଜେପି ରାଜ୍ୟ ଉପ ସଭାପତି ତଥା ପୁରୀ ଜିଲ୍ଲା ବିଜେପି ପ୍ରବାରୀ ବିଷ୍ଣୁ ଦାସ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ବ୍ୟବସାୟୀ ପଂଚାନନ ସ୍ୱାଇଁ ଭାବେ ଯୋଗ ଦେଇ ଏହି ମ୍ୟାଚ କୁ ଅନୁଷ୍ଠାନିକ ଭାବେ ଉଦଘାଟିତ କରିଥିଲେ, ଆଜି ର ଏହି ଉଦଘାଟନ ମ୍ୟାଚ ରେ ପ୍ରଥମେ ଟସ ଜିଣି ଗୋପବନ୍ଧୁ କ୍ରିକେଟ ଟିମ ନିର୍ଦ୍ଧାରିତ ୨୦ଓଭର ମଧ୍ୟରୁ ୧୯.୩ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୭୨ରନ ସଂଗ୍ରହ କରିଥିଲା,ଜବାବରେ ୟୁନିକ କ୍ରିକେଟ ଟିମ ଭଦ୍ରକ ୧୯.୩ଓଭର ରେ ୪ଉଇକେଟ ହରାଇ ଆବଶ୍ୟକ ୧୭୩ରନ ସଂଗ୍ରହ କରି ବିଜୟୀ ହୋଇଥିଲା,ଶେଷରେ ସ୍ଥାନୀୟ କୋଇଲିପୁର ପଂଚାୟତ ର ସରପଂଚ ଦିଲ୍ଲିପ ରାଉତ ଓ ସମିତି ସଭ୍ୟ ଅଭୟ ଖଣ୍ଡୁଆଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ କୁ ଟ୍ରଫି ପ୍ରଦାନ କରିଥିଲେ,ଆଜିର ମ୍ୟାଚ କୁ ଅମ୍ପାୟାର ଭାବେ ନିରୋଦ କୁମାର ବଳ ଓ ତନୁଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ,ସ୍କୋର ର ଭାବେ ସୁରେଶ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିବା ବେଳେ ଆୟୋଜକ ଙ୍କ ପକ୍ଷରୁ ସଭାପତି ତପନ କୁମାର ପରିଡ଼ା ଓ ସମ୍ପାଦକ ଭାବେ ଅଭିମନ୍ୟୁ ପଡିହାରୀ ପ୍ରମୁଖ ସୁଚାର ରୂପେ ଖେଳ ପରିଚାଳନା କରିଥିଲେ,କାର୍ୟ୍ୟକ୍ରମ କୁ ଅଧ୍ୟାପକ ଶଶଧର ରାଉତ ସଂଯୋଜନା କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ